# ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8+16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
5 APRIL 2026
ରବିବାର
୫ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 317 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୧୭ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


### କୂଅକୁ ଖସି ପଡ଼ିଲା କାର୍

## ଗୋଟିଏ ପରିବାରର ୯ ମୃତ




**ନାସିକ,୪।୪/ଏଜେନ୍ସି:**

ମହାରାଷ୍ଟ୍ରର ନାସିକ ଅନ୍ତର୍ଗତ ଡିଣ୍ଡୋରି ତାଲୁକାରେ ଗୋଟିଏ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା କୂଅରେ ଖସି ପଡ଼ିଛି। ଫଳରେ କାର୍‌ରେ ଥିବା ଗୋଟିଏ ପରିବାରର ସମସ୍ତ ୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣ ଛୋଟ ପିଲା ମଧ୍ୟ ରହିଛନ୍ତି। ମୃତକମାନେ ହେଲେ ୩୫ ବର୍ଷୀୟ ସୁନିଲ ଦାତୁ ଦାରଗୁଡେ, ୩୩ ବର୍ଷୀୟ ରେଶମା, ରାଖି, ଆଶା, ମାଧୁରୀ, ଶ୍ରାବଣୀ, ୧୬ ବର୍ଷୀୟ ସୃଷ୍ଟି, ୧୧ ବର୍ଷୀୟ ଶ୍ରେୟସ ଓ ୭ ବର୍ଷୀୟ ସମୃଦ୍ଧି। ଡାରଗୋଡେରେ ରହୁଥିବା ଏହି ପରିବାରର ୯ ଜଣ ସଦସ୍ୟ କାର୍ ଯୋଗେ ଗୋଟିଏ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ସେମାନେ କାର୍ଯ୍ୟକ୍ରମରୁ ରାତିରେ ଫେରୁଥିବା ବେଳେ ଡିଣ୍ଡୋରିର ଶିବାଜୀନଗର ଅଞ୍ଚଳରେ ଏପରି ଘଟଣା ଘଟିଛି। ପୁଲିସ୍‌ର କହିବା କଥା ଯେ ମୃତକମାନେ ଗୋଟିଏ ପରିବାରର। ସେମାନେ ଇନ୍ଦୋର ଗାଁରେ ରୁହନ୍ତି। ଗୋଟିଏ ମଣ୍ଡପରେ ଆୟୋଜିତ ଭୋଜିରେ ଯୋଗ ଦେବାକୁ ଏମାନେ ସମସ୍ତେ ▶▶ ୬

### ପିଲାଙ୍କୁ ଖଡ଼ି ଛୁଆଁଇଲେ ମୁଖ୍ୟମନ୍ତ୍ରୀ

# ହାତଧରି ଲେଖାଇଲେ 'ମା-ବାପା'

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:**

'ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତ ବର୍ଷଠାରୁ ଏହି ପରମ୍ପରାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଆମେ ରାଜ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣ ପତ୍ର ଚଳିତ ବର୍ଷ ବଣ୍ଟନ କରିଛୁ। ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତୁ, ତାକୁ ସୁନିଶ୍ଚିତ କରିବା ପାଇଁ ଆମେ ଏହି ଉତ୍ସବ ଆରମ୍ଭ କରିଛୁ। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନୁହଁ, ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ, ଆମେ ସେଥିପାଇଁ ସମସ୍ତ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଶତ ପ୍ରତିଶତ ନାମଲେଖା।' ଶନିବାର ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏଥିସହ ନୂତନ ଶିକ୍ଷାନୀତି ଅନୁଯାୟୀ ଅଙ୍ଗନବାଡ଼ିଗୁଡିକ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଶୁବାଟିକାରୁ ପ୍ରାଥମିକ ଶିକ୍ଷା ଗୋଟିଏ ଛାତ ତଳେ ରହିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବାକୁ ପ୍ରତି ଗାଁରେ ହେବ ମଡେଲ୍ ସ୍କୁଲ୍। ୫ ଏକର ଜାଗାରେ ନିର୍ମାଣ ହେବ ଗୋଦାବରୀଶ ମିଶ୍ର ପ୍ରାଥମିକ ସ୍କୁଲ୍। ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରାଥମିକ ସ୍କୁଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆରମ୍ଭ ହୋଇଛି ନୂତନ ଶିକ୍ଷା ବର୍ଷ। ରାଜ୍ୟବ୍ୟାପୀ ଖଡ଼ି ଛୁଆଁ ସହ ନୂଆ ଶ୍ରେଣୀ ଗୃହରେ ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ପାଳନ ହୋଇଛି। ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇ ପାଠପଢ଼ା ଆରମ୍ଭ କରାଇଥିଲେ। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାର ମାନସିକତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିଲା ଭଳି ପିଲାଙ୍କୁ ପଚାରିଥିଲେ 'ମା'ଙ୍କ ନାଁ କଣ? ବାପାଙ୍କ ନାଁ କଣ? ମାମୁଁ ଘର କେଉଁଠି? କଣ ଖାଇକି ଆସିଛ? ଇତ୍ୟାଦି'। ଏହିପରି ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ସେମାନଙ୍କର ଉତ୍ସାହ ବୃଦ୍ଧି କରି ବିଦ୍ୟାରମ୍ଭକୁ ସହଜ କରିଥିଲେ ▶▶ ୬




**ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ଅଙ୍ଗନବାଡ଼ି**

**ଗୋଟିଏ ଛାତ ତଳେ ରହିବ ଶିଶୁବାଟିକାରୁ ପ୍ରାଥମିକ ଶିକ୍ଷା**

**ଶିକ୍ଷାରୁ ବଞ୍ଚିତ ହେବେ ନାହିଁ କୌଣସି ବି ଶିଶୁ: ମୁଖ୍ୟମନ୍ତ୍ରୀ**

**ଶତପ୍ରତିଶତ ନାମଲେଖା ପାଇଁ ୫ ଲକ୍ଷ ନିମନ୍ତ୍ରଣ ପତ୍ର ଆବଣ୍ଟିତ**

### ରାଜ୍ୟ କ୍ୟାବିନେଟ୍ ବୈଠକ

### ୧୩ ବିଭାଗର ୧୬ ପ୍ରସ୍ତାବ ଉପରେ ମୋହର

# ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା' ଯୋଜନା

**• ହିତାଧିକାରୀଙ୍କୁ ମିଳିବ ଅଧିକ ୫ କେଜି ଚାଉଳ • ମାସିକ ବ୍ୟୟ ହେବ ୭୩୪ କୋଟି**



**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:**

ଓଡ଼ିଶା ସରକାର ପୁଣି ଏକ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ହିତାଧିକାରୀଙ୍କୁ ଏଣିକି ମୁଣ୍ଡପିଛା ୫ କେଜି ଚାଉଳ ଅଧିକ ମିଳିବ। ସେଥିପାଇଁ ରାଜ୍ୟ ରାଜକୋଷରୁ ମାସିକ ବ୍ୟୟ ହେବ ୭୩୪ କୋଟି ଟଙ୍କା। ଏନେଇ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୋହର ବାଜିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାବିନେଟ୍ ବୈଠକ ପରେ ଏନେଇ ଘୋଷଣା କରିଛନ୍ତି। ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୧ଟା ଯାଏ ଚାଲିଥିଲା। ମୋଟ୍ ୧୩ଟି ବିଭାଗର ୧୬ଟି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ତନ୍ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଳସମ୍ପଦ, ଶିଳ୍ପ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପର୍ଯ୍ୟଟନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ, ପଞ୍ଚାୟତିରାଜ ଓ ପାନୀୟ ଜଳ ଆଦି ବିଭାଗରେ ପ୍ରସ୍ତାବ ଅନ୍ତର୍ଭୁକ୍ତ। ବୈଠକ ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ଖାଉଟିଙ୍କୁ ତାଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ଆର୍ଥିକ ▶▶ ୬

## ଶିକ୍ଷାନୁଷ୍ଠାନରେ ବଢ଼ିଲା ସଂରକ୍ଷଣ ସିଟ୍ ସଂଖ୍ୟା

ଓଡ଼ିଶାର ମେଡିକାଲ୍, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ରାଜ୍ୟର ଅନୁସୂଚିତ ଜନଜାତି ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନେ ୧୧.୨୫ ପ୍ରତିଶତ ସଂରକ୍ଷଣ ପାଇବେ। ଏନେଇ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଶନିବାର ଲୋକସେବା ଭବନରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ୍‌ର ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ▶▶ ୬

## ବାଇକ୍‌କୁ ଧକ୍କାଦେଲା ଟ୍ରାକ୍ଟର, ୨ ମୃତ

**ଧାମନଗର,୪।୪/ଏନ୍ଏନ୍ଏସ୍:**

ବାଇକ୍‌କୁ ଧକ୍କା ଦେଲା ଟ୍ରାକ୍ଟର। ଯେଉଁଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଭଦ୍ରକ ଜିଲ୍ଲା ଧାମନଗର ବିଜ୍ଞାପିତ ଅଞ୍ଚଳ ଭଣ୍ଡାରିପଦୀ ଛକ ମୁଖ୍ୟ ରାସ୍ତାରେ ଶନିବାର ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ହବିବି ନଗର ଅଞ୍ଚଳର ସେକ ଆର୍ମାନ ଓ ସେକ ଆଜମେର। ଗୁରୁତର ଥିବା ସେକ୍ ସାବିରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ମୋଟରସାଇକେଲ୍ ଯୋଗେ ୩ ଜଣ ଭଦ୍ରକରୁ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସମସ୍ତଙ୍କୁ ଧାମନଗର ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତର ସେଠାରେ ସେକ ଆର୍ମାନ ଓ ସେକ ଆଜମେରଙ୍କୁ ମୃତ ଘୋଷଣା କରିଥିଲେ। ସେକ ସାବିରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ଜଣାଯାଇଛି।

### କୁରୁମପୁରୀ-ରାଜଖରିଆର୍ ରାସ୍ତା

## ୪୪୭ କୋଟି ମଞ୍ଜୁର

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:**



ଓଡ଼ିଶା ସଡ଼କ ପଥର ଏକ ମେଗା ପ୍ରୋଜେକ୍ଟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୪୪୭.୧୧ କୋଟି ମଞ୍ଜୁର କରାଯାଇଛି। ଏନେଇ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ସୂଚନା ଦେଇଛନ୍ତି। ରାଜ୍ୟର ପରିବହନ ଓ ଯୋଗାଯୋଗ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଓଡ଼ିଶାର କୁରୁମପୁରୀ-ରାଜଖରିଆର ଅଞ୍ଚଳରେ ସଡ଼କ ପଥର ଉନ୍ନତୀକରଣ ପାଇଁ ୪୪୭.୧୧ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ୩୫୩ ନମ୍ବର ଏବଂ ୫୯ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୦୩.୫୨ କିଲୋମିଟର ପରିବ୍ୟାପ୍ତ ଏହି ପ୍ରକଳ୍ପ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ଦେଇ ଗତି କରିବ। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରାଜ୍ୟର ଆଭ୍ୟନ୍ତରୀଣ ତଥା ଆନ୍ତଃରାଜ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ଏକ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି। ୩୫୩ ଏବଂ ୫୯ ନମ୍ବର ଜାତୀୟ ରାଜପଥ ମିଳିତ ଭାବେ ଛତିଶଗଡ଼ର ରାୟପୁର-ମହାସମୁନ୍ଦ ଅଞ୍ଚଳକୁ ଓଡ଼ିଶା ସହିତ ଯୋଡୁଥିବା ଏକ ପ୍ରମୁଖ କରିଡର। ଏହି ରାସ୍ତା ଓଡ଼ିଶାର ବ୍ରହ୍ମପୁର ଏବଂ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ସଂଯୋଗ ରକ୍ଷା କରୁଛି। ଏହି ଉନ୍ନତୀକରଣ କାର୍ଯ୍ୟ ଦ୍ୱାରା ନୂଆପଡ଼ା, ▶▶ ୬

### ୨୦୨୮ରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍

## ମୁଖ୍ୟମନ୍ତ୍ରୀଙ୍କୁ ପତାକା ପ୍ରଦାନ କଲେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:**

ଆଗାମୀ ୨୦୨୮ରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ କରିବା ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏନେଇ ଶନିବାର କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ପତାକା ପ୍ରଦାନ କରିଛନ୍ତି। ପତାକାକୁ ଗ୍ରହଣକରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ▶▶ ୬

**ସଫଳ ଆୟୋଜନ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ**




### ଆଉ ପାଦେ ଆଗେଇଲା ପ୍ରସ୍ତାବିତ ପୁରୀ ବିମାନବନ୍ଦର

## ମିଳିଲା ଜଙ୍ଗଲ ଜମି ଅନୁମତି

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:**

ପୁରୀ ବିମାନ ବନ୍ଦର ପାଇଁ ଖୋଲିଲା ରାସ୍ତା। ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରକଳ୍ପ କାର୍ଯ୍ୟ ଆଉ ଏକ ପାଦ ଆଗେଇଛି। ଏଥିପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଜଙ୍ଗଲ ଜମି ଅନୁମତି ପ୍ରଦାନ କରିଛି। ପୁରୀ ବିମାନ ବନ୍ଦରକୁ ନୀତିଗତ ଷ୍ଟେଜ-୧ ଜଙ୍ଗଲ ମଞ୍ଜୁରୀ ପ୍ରଦାନ କରାଯାଇଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ କିଛି ସର୍ତ୍ତ ସହ ଅନୁମତି ଦେଇଛି। ଯେତିକି ଜଙ୍ଗଲ ଜମି ଅଧିଗ୍ରହଣ ହେବ ସେତିକି ଜମିରେ ନୂଆ ଗଛ ଲଗାଇବାକୁ ହେବ। ଜଙ୍ଗଲ ଜମି ବ୍ୟବହାର ପାଇଁ ଆବଶ୍ୟକ ଖର୍ଚ୍ଚ ଭରଣା କରିବାକୁ ହେବ। ଜୀବଜନ୍ତୁ ଓ ପରିବେଶ ଯତ୍ନ ନେବା ପାଇଁ ମଧ୍ୟ ସର୍ତ୍ତ ରହିଛି। ଏହି ସର୍ତ୍ତକୁ ରାଜ୍ୟ ସରକାର ଏବଂ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ମାନିବାକୁ ପଡ଼ିବ। ଏହା ପରେ ଷ୍ଟେଜ-୨ ତଥା ଚୂଡ଼ାନ୍ତ ଅନୁମତି ପାଇଁ ସରକାର ଆବେଦନ କରିପାରିବେ। ତେବେ ସମ୍ପୂର୍ଣ୍ଣ ଅନୁମତି ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ▶▶ ୬

### ଇରାନ୍‌କୁ ଟ୍ରମ୍ପ୍‌ଙ୍କ ୪୮ ଘଣ୍ଟିଆ ଅଲ୍ଟିମେଟମ୍

# 'ହର୍ମୁଜ୍ ଖୋଲ ନଚେତ୍ ନର୍କରେ ପହଞ୍ଚାଇଦେବୁ'

**ତେହରାନ୍, ୱାଶିଂଟନ୍, ୪।୪/ଏଜେନ୍ସି:**





ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଇରାନ୍‌କୁ ଧମକାଇବାକୁ ଚେଷ୍ଟା କରିଛନ୍ତି। ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ଟ୍ରମ୍ପ୍ କହିଛନ୍ତି ଯେ ଇରାନ ପାଖରେ ଏବେମାତ୍ର ୪୮ ଘଣ୍ଟା (ଏପ୍ରିଲ୍ ୬ ପର୍ଯ୍ୟନ୍ତ) ସମୟ ଅଛି। ଯଦି ଏହି ସମୟ ମଧ୍ୟରେ ଇରାନ କୌଣସି ଚୁକ୍ତି ନକରେ କିମ୍ବା ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ନଖୋଲେ, ତେବେ ପରିଣାମ ଭୟଙ୍କର ହେବ। ଇରାନ୍‌ର ଉର୍ଜା ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଆମେରିକା ବାଧ୍ୟହେବ। ଟ୍ରମ୍ପ୍ କହିଛନ୍ତି ପରମେଶ୍ୱର ପରମାତ୍ମା, ଇରାନ୍‌କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ, ଇରାନ୍‌କୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ଏହା ନିଜ ପାଇଁ କେବଳ ନର୍କ ସ୍ଥିତି ହିଁ ଆହ୍ୱାନ କରୁଛି। ତେବେ ଇରାନ୍‌ର ଏହା ହିଁ ଯଦି ଶେଷ ଇଚ୍ଛା ହୁଏ ତେବେ ଆମେରିକା ଏହି ଇଚ୍ଛାକୁ ନିଶ୍ଚିତ ପୂରଣ କରିବ। ଇରାନ୍‌କୁ ନର୍କ ସମାନ ସ୍ଥିତିରେ ପହଞ୍ଚାଇବା ପାଇଁ ଆମେରିକାକୁ ଅଧିକ ସମୟ ଲାଗିବ ନାହିଁ।

ଟ୍ରମ୍ପ ନିଜ ପୋଷ୍ଟରେ ଲେଖିଛନ୍ତି ଯେ, ସମୟ ଶେଷ ହୋଇ ଆସୁଛି ଏବଂ ୪୮ ଘଣ୍ଟା ପରେ ଇରାନ ଉପରେ 'ନର୍କ ସମାନ ପରିସ୍ଥିତି' ସୃଷ୍ଟି ହେବ। ଏହା ପୂର୍ବରୁ ଟ୍ରମ୍ପ୍ ପ୍ରଥମେ ୪ ଦିନ ଏବଂ ମାର୍ଚ୍ଚ ୨୬ରେ ଇରାନ୍‌କୁ ଅତିରିକ୍ତ ୧୦ ଦିନର ସମୟ ଦେଇଥିଲେ। ବର୍ତ୍ତମାନ ସେହି ସମୟ ସୀମା ଏପ୍ରିଲ ୬ ତାରିଖରେ ଶେଷ ହେବାକୁ ଯାଉଛି। ଏବେ ଯେତେବେଳେ ଏହି ଡେଡ୍‌ଲାଇନ୍ ଅବଧି ଶେଷ ହେବାକୁ ଯାଉଛି ସେତେବେଳେ ଟ୍ରମ୍ପ୍ ପୁନର୍ବାର ଇରାନ୍‌କୁ ପୁଣିଥରେ ଚେତାବନୀ ଦେଇଛନ୍ତି।

ତେବେ ଯଦି ଇରାନ ଏହି ଅଲ୍ଟିମେଟମ୍‌କୁ ଗ୍ରହଣ ନକରେ, ତେବେ ଆମେରିକା ଇରାନର ଶକ୍ତି କେନ୍ଦ୍ର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ନେଇ ଆଶଙ୍କା କରାଯାଉଛି। ଏହାରି ମଧ୍ୟରେ ଇରାନ୍ ମଧ୍ୟ ଦାବି କରିଛି ଯେ, ଏହା ଆମେରିକାର ଆଉ ଏକ ଯୁଦ୍ଧ ବିମାନ 'ଏ-୧୦'କୁ ଖସାଇଦେଇଛି। ବର୍ତ୍ତମାନ ଆମେରିକା ଜଣେ ପାଇଲଟ୍‌କୁ ଠାବ କରିସାରିଥିବା ବେଳେ ନିଜର ଅନ୍ୟ ଜଣେ ନିଖୋଜ ପାଇଲଟଙ୍କୁ ଖୋଜିବା ପାଇଁ ରେସ୍କ୍ୟୁ ଅପରେସନ୍ ଚଳାଇଛି। କିନ୍ତୁ ଇରାନ୍ ପକ୍ଷରୁ ଏହି ରେସ୍କ୍ୟୁ ଅପରେସନ୍ ଉପରେ ମଧ୍ୟ ଆକ୍ରମଣ କରାଯାଉଥିବା ଦାବି କରାଯାଇଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଇରାନ୍‌ର ବୁଶହର ପରମାଣୁ କେନ୍ଦ୍ର ନିକଟରେ ବିମାନ ଆକ୍ରମଣ ହୋଇଥିବା ବେଳେ ଏହି ଘଟଣାରେ ଜଣେ ସୁରକ୍ଷାକର୍ମୀ ମୃତ୍ୟୁବରଣ କରିଛନ୍ତି। ରିପୋର୍ଟ ଅନୁଯାୟୀ ପରମାଣୁ କେନ୍ଦ୍ର ▶▶ ୬

### ହର୍ମୁଜ୍ ଛାଡ଼ିଲା 'ଗ୍ରୀନ୍ ସାନ୍ଭି'



ଭାରତ ପାଇଁ ଶନିବାର ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଇରାନ ସହ ଆମେରିକା ଓ ଇସ୍ରାଏଲର ଚାଲିଥିବା ଉତ୍ତେଜନା ସତ୍ତ୍ୱେ ଏଲ୍‌ପିଜି ପରିବହନ କରୁଥିବା ଆଉ ଏକ ଭାରତୀୟ ଜାହାଜ 'ଗ୍ରୀନ ସାନ୍ଭି' ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ପଶ୍ଚିମ ଏସିଆରେ ଚାଲିଥିବା ଭୟଙ୍କର ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତୀୟ ଜାହାଜଗୁଡ଼ିକର ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷିତ ଯାତ୍ରା ଅତ୍ୟନ୍ତ ▶▶ ୬

# ଦିନରେ ଜାଳୁଛି, ସନ୍ଧ୍ୟାରେ ଢାଳୁଛି

**ଆଗାମୀ ୫ ଦିନ ଯାଏଁ କାଳବୈଶାଖୀ ବର୍ଷା!**

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:**

ଦିନରେ ଜାଳୁଛି, ସନ୍ଧ୍ୟାରେ ଢାଳୁଛି। ରାଜ୍ୟରେ ଖରା ତାତି ସାଙ୍ଗକୁ ଝଡ଼ବର୍ଷା ପ୍ରଭାବ ଜାରି ରହିଛି। ଅପରାହ୍ଣରେ ବଦଳି ଯାଉଛି ପାଗ। ଅଚାନକ ଘୋଟି ଆସୁଛି କଳାହାଣ୍ଡିଆ ମେଘ ସାଙ୍ଗକୁ ବର୍ଷା ପବନ। ଆଜି ରାଜ୍ୟର ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ପବନ ହୋଇଛି। ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ କାଳବୈଶାଖୀ ପ୍ରକୋପ ଦେଖାଇଛି। ସାଇଁ ସାଇଁ ଗର୍ଜନ ସହ ପବନ ବହିଥିଲା। ନିର୍ଦ୍ଧୁମ କାଟିଥିଲା ବର୍ଷା। ତେବେ ଝଡ଼ବର୍ଷା ଖରା ତାତିରୁ ଲୋକଙ୍କୁ ଆଶ୍ୱସ୍ତି ଦେଇଛି।

ଅନ୍ୟପକ୍ଷରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସାଙ୍ଗକୁ ବଜ୍ରପାତ ଓ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆହୁରି ୨୪ ଘଣ୍ଟା ଗରମ ଓ ଗୁଳୁଗୁଳି ଅନୁଭୂତ ହେବ। କାଳବୈଶାଖୀ ବର୍ଷା ପ୍ରଭାବରେ ଗ୍ରୀଷ୍ମ ଲହରୀରୁ ଆଶ୍ୱସ୍ତି ମିଳିପାରେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ବାଦ ଦେଇ ଅନ୍ୟ ୨୮ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଡ଼ି ପବନ ବହିବ।

ଅନ୍ୟପଟେ, ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡ଼ ଓ କନ୍ଧମାଳ ଜିଲ୍ଲାରେ ୪୦-୫୦ କିମି ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି। ଏହାସହ ୪ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ। ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ଘଣ୍ଟାପ୍ରତି ୩୦-୪୦ କିମି ସହ ଆଉ କିଛି ଜିଲ୍ଲାରେ ୪୦-୫୦ କିମି ବେଗରେ ଝଡ଼ି ପବନ ବହିପାରେ।

# ଜାତୀୟ କନିଷ୍ଠ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ପୁରୀରୁ ୪



**ପୁରୀ,୪।୪/ଏନ୍ଏନ୍ଏସ୍:** ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ଦ୍ୱାରା ଆୟୋଜିତ ସପ୍ତମ ୧୭ ବର୍ଷରୁ କମ୍ କନିଷ୍ଠ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ୨୦୨୬ରେ ଭାଗ ନେବା ପାଇଁ ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୪ଜଣ ମୁଷ୍ଟିଯୋଦ୍ଧା ସ୍ଥାନିତ ହୋଇଛନ୍ତି । ଆଜି ଖେଳାଳିମାନେ ରେଳଯାତ୍ରା ଆରମ୍ଭ କରିଛନ୍ତି । ଆସନ୍ତା ଏପ୍ରିଲ ୫ ରୁ ୧୧ ତାରିଖ ତାରିଖ ପ୍ରଯନ୍ତ ମହାରାଷ୍ଟ୍ରର ନାଗପୁର ସ୍ଥିତ ଡିଭିଜନାଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପୁରୀରୁ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଆଶିଷ କୁମାର ବେହେରା (୪୪-୪୬ କେଜି), ବୁଦ୍ଧିମାନ ଦାସ (୬୦-୬୩ କେଜି), ମନୋଜ କୁମାର ସାହୁ (୬୩-୬୬ କେଜି) ଓ ଲିକୁ ଖାଁ (୮୦+ କେଜି) । ଏହି ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର ଛାତ୍ର ଅଟନ୍ତି । ଗତ ମାର୍ଚ୍ଚ ୨୫ ଓ ୨୬ ତାରିଖ ରେ ରାଉରକେଲା ଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେଥିରେ ଉକ୍ତ ଖେଳାଳିମାନେ ଉଚ୍ଚତର ଖେଳକୌଶଳ ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନିତ ହୋଇଛନ୍ତି । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ଅଲିମ୍ପିକ ସଙ୍ଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ରାମଦାସ ମହାପାତ୍ର, ଅନୀଲ ଗୋଚ୍ଛିକାର, ବିନୋଦ ସିଂ, ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ, ସ୍ମିତାଞ୍ଜଳି ପତି, ସନ୍ତୋଷ ମିଶ୍ର ଓ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି ।

# ରାମସାଗର ପାର୍କ ସାମନାରୁ ବାଇକ୍ ଚୋରି

**ଓଡ଼ଗାଁ,୪।୪/ଏନ୍ଏନ୍ଏସ୍:** ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଲୁଟେରା । କେତେବେଳେ ସୁନାଗହଣା ତ ଆଉ କେତେବେଳେ ବାଇକ୍ ଚୋରିକରି ନେଉଛନ୍ତି ଲୁଟେରା । କେବଳ ସେତିକି ନୁହଁ ସର୍ବସାଧାରଣ ସ୍ଥାନକୁ ଟାର୍ଗେଟ ମଧ୍ୟ କରି ଲୁଟପାଟ କରୁଛନ୍ତି । ଏକ ସପ୍ତାହ ତଳେ ରାମନବମୀ ଯାତ୍ରାରୁ ଏକ ଚୋର ଗ୍ୟାଙ୍ଗ ୧୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ସୁନାଗହଣା ଲୁଟି ନେଇଥିବା ବେଳେ ଗତକାଲି ସନ୍ଧ୍ୟାରେ ଓଡ଼ଗାଁ ରାମସାଗର ପାର୍କରୁ ଏକ ବାଇକ୍ ଚୋରି କରି ନେବାରେ ସଫଳ ହୋଇଛନ୍ତି । କାଲି ସନ୍ଧ୍ୟାରେ ଶିକ୍ଷକ ରମାକାନ୍ତ ପ୍ରଧାନ ନିଜ ପରିବାରକୁ ଧରି ହିରୋ ଏଚଏଫ୍ ଡିଲକ୍ସ ଗାଡି ନଂ ଓଡ଼ି ୦୨ ବିପି୪୮୩୫ ନୀଳ ରଙ୍ଗର ଗାଡ଼ିରେ ଓଡ଼ଗାଁ ଆସି ରାମାସାଗର ପାର୍କ ସାମ୍ନାରେ ଗାଡ଼ିକୁ ରଖି ବୁଲିବାକୁ ଯାଇଥିଲେ । ମାତ୍ର ପାର୍କ ବୁଲି ଆସିବାପରେ ଗାଡ଼ି ରଖିଥିବା ସ୍ଥାନରେ ଗାଡିନଥିବା ଦେଖିବାକୁ ପାଇଥିଲେ । ଗାଡି ନପାଇ ବିବ୍ରତ ହୋଇ ଏଣେତେଣେ ଖୋଜାଖୋଜି କରିଥିଲେ ମଧ୍ୟ ଗାଡି ପାଇନଥିଲେ । ଏହାପରେ ଓଡ଼ଗାଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ତେବେ ଚୋର ଗ୍ୟାଙ୍ଗ ଓଡ଼ଗାଁରେ ମାତିଥିବା ଆଲୋଚନା ହେଉଥିବାବେଳେ ପୁଲିସ ଏହି ଗ୍ୟାଙ୍ଗକୁ ଉପରୁ କେବେ ପରଦା ହଟାଇବ ତାହା ଦେଖିବାକୁ ବାକିରହିଛି ।

# ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜରେ ୬୦ ପରିବାର ସାମିଲ୍



**କୋଣାର୍କ,୪।୪/ଏନ୍ଏନ୍ଏସ୍:** କୋଣାର୍କ ଏନଏସି ଅଧିନ ଜୁଣେଇ ଗ୍ରାମର ମା'ମଲ୍ଲିକାଇ ମନ୍ଦିର ପରିସରରେ ପୁରୀ ଜିଲ୍ଲା ପ୍ରାଚୀ ୧୧ ମୂଳକ ତୈଳିକ ବୈଶ୍ୟ ସମାଜର ସଭାପତି-ଗୁରୁକିଙ୍କର ଜେଠିଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଉକ୍ତ ବୈଠକରେ ପ୍ରାଚୀ ମୂଳକ ସମ୍ପାଦକ ଶଙ୍କର ପୃଷ୍ଟି, ଏଗାର ମୂଳକ ର ସଭାପତି ରତିକାନ୍ତ ବେହେରା, ଏଗାରମୂଳକ ସମ୍ପାଦକ ଗଗନ ବିହାରୀ ପୃଷ୍ଟି, ଜୁଣେଇ ଗ୍ରାମ୍ୟ କମିଟିର ସଭାପତି ରଂଜିତ ରାଉତରାୟ ପ୍ରମୁଖ ଯୋଗଦେଇଥିଲା ବେଳେ ଅନ୍ୟ ୧୦ମୂଳକର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ବୈଠକରେ ଯୋଗଦେଇଥିଲେ । ଅତିଥିମାନେ ପ୍ରାଚୀ ମୂଳକ ତୈଳିକ ବୈଶ୍ୟସମାଜ ସଂଗଠନର ଲକ୍ଷ୍ୟ ଓ ଭବିଷ୍ୟତ କାର୍ଯ୍ୟବଳୀକୁ ନେଇ ବିସ୍ତୃତଭାବେ ନିଜ ନିଜ ବକ୍ତ୍ୟବରେ ପ୍ରକାଶ କରିଥିଲେ । ଏଥିରେ ଏପର୍ଯ୍ୟନ୍ତ ୮୮୮ଟି ଗ୍ରାମର ୩୫୦୦ତୈଳିକ ବୈଶ୍ୟ ଜାତିର ପରିବାର ସାମିଲ୍ ହୋଇଥିବା ପ୍ରକାଶ କରିଥିଲେ । ଭବିଷ୍ୟତରେ କୋଣାର୍କ ନିକଟବର୍ତ୍ତୀ ୧୪ ଗ୍ରାମରେ ଥିବା ତୈଳିକ ବୈଶ୍ୟ ଜାତିକୁ ଏହି ସଂଗଠନରେ ସାମିଲ୍ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ତୈଳିକ ବୈଶ୍ୟ ସମାଜ ଜୁଣେଇ ଗ୍ରାମରର ମୁଖ୍ୟ ଉପଦେଷ୍ଟା ମନମୋହନ ସାହୁ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ପ୍ରମୋଦ କୁମାର ପୃଷ୍ଟି, ବରିଷ୍ଠ ସଦସ୍ୟ କିଶୋର ସାହୁ, ପ୍ରହ୍ଲାଦ ସାହୁ, ଅଶୋକ କୁମାର ସାହୁ,ପ୍ରସନ୍ନ କୁମାର ସାହୁ, ନଳିନୀକାନ୍ତ ସାହୁ, ପାଣ୍ଡବ ଚରଣ ସାହୁ, ଟୁନା ଚରଣ ସହୁ, ଭଗବାନ ସାହୁ, ବିଜୟ ସାହୁ,କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଜୁଣେଇ ତୈଳିକ ବୈଶ୍ୟସମାଜ ୬୦ ପରିବାରକୁ ବିଧିବଦ୍ଧ ଭାବେ ପୁରୀ ଜିଲ୍ଲାର ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜ ସଂଗଠନରେ ସାମିଲ୍ କରିବାକୁ ଅନୁରୋଧ କରିବା ପରେ ୧୧ମୂଳକର ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଏହି ୬୦ ପରିବାରକୁ ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜରେ ସାମିଲ୍ କରାଯିବାକୁ ପୁରୀ ଜିଲ୍ଲା ପ୍ରାଚୀ ୧୧ ମୂଳକ ତୈଳିକ ବୈଶ୍ୟ ସମାଜର ସଭାପତି ଘୋଷଣା କରିଥିଲେ ।

## ପୁରୀରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ

# ସଚେତନତା ରଥ ଶୁଭାରମ୍ଭ କଲେ ଜିଲ୍ଲାପାଳ



**ପୁରୀ,୪।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଯୋଗଦେଇ ସମସ୍ତ ପିଲା ପଢନ୍ତୁ ଓ ସମସ୍ତ ପିଲାଙ୍କ ସାମଗ୍ରିକ ବିକାଶ ଘଟିଲେ ସମାଜ ସୁନ୍ଦର ଓ ଶୃଙ୍ଖଳିତ ହେବ ବୋଲି କହିଥିଲେ । ଜିଲ୍ଲାରେ ଚଳିତ ବର୍ଷ ପ୍ରାୟ ୧୯ହଜାରରୁ ଉର୍ଦ୍ଧ୍ୱ ପିଲାମାନଙ୍କ ନାମଲେଖାର ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେବା ସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବା ସହ ଶିକ୍ଷା ପ୍ରତି ପିଲା ମାନଙ୍କୁ ଆକୃଷ୍ଟ କରିବା ଓ ଡ୍ରପ ଆଉଟ ସଂଖ୍ୟା ଶୂନ କରିବା ଲକ୍ଷ୍ୟ ରେ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ବ୍ୟବସ୍ଥା ଏକ ସୁନ୍ଦର ପଦକ୍ଷେପ । ଏହା ଦ୍ୱାରା ପିଲା ଓ ଅଭିଭାବକ ମାନେ ଏକ ସୁଖଦ ଅନୁଭୂତି ପାଇବା ସହ ପାଠ ପ୍ରତି ଆଗ୍ରହୀ ହେବେ ବୋଲି କହିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଡିଆଇଟିଇର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋବିନ୍ଦ ହେମ୍ବ୍ରମ, ଆଲୁମିନ ସମ୍ପାଦକ ରାଜକିଶୋର ପାତ୍ର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ମାତରଂ ସଂଗୀତ ପରିବେଷଣ ସହ ନୂତନ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଦାନ ପାଇଁ ପୂଜାର୍ଚ୍ଚନା କରାଯାଇ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ବିବିଧ ଶିକ୍ଷା ପ୍ରଣାଳୀ ଓ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ଲକ୍ଷ୍ୟରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ।

# ବଉଲାଙ୍ଗ ପଞ୍ଚାୟତରେ ୧୫ ନଳକୂପ ଅଚଳ

**ନୟାହାଟ,୪।୪/ଏନ୍ଏନ୍ଏସ୍:** ଖରା ଦିନରେ ପିଇବା ପାଣି ଲୋକମାନଙ୍କୁ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନଳକୂପ ଓ ପାଇପ ଦ୍ୱାରା ପିଇବା ପାଣି ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ ପୁରୀ ଜିଲ୍ଲା ବଉଲାଙ୍ଗ ପଞ୍ଚାୟତରେ ପିଇବା ପାଣିର ଅଭାବ ଦେଖାଦେଇଛି । ଏହି ପଞ୍ଚାୟତର କୋରୁଆଳ, ପାଞ୍ଚଣା, ଭିମାପଡା, ବରୀମୁଣ୍ଡ, ବଉଲାଙ୍ଗ, ପୋଦନା, ସୁଆର ଗ୍ରାମ ମାନଙ୍କରେ ୧୫ ନଳକୂପ ଅଚଳ ହେବା ସମ୍ପର୍କରେ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳକାନ୍ତ କୁଅଁର ପ୍ରକାଶ କରିଛନ୍ତି । ଯାହା ଫଳରେ ଲୋକମାନେ ପିଇବା ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ପଞ୍ଚାୟତ ପକ୍ଷରୁ ସରପଞ୍ଚ ନଳକୂପ ମରାମତି କରାଯାଉ ନଥିବା ପୂର୍ବତନ ସରପଞ୍ଚ ଶ୍ରୀ କୁଅଁର ଅଭିଯୋଗ କରିଛନ୍ତି । ସେହିପରି ପଲ୍ଲି ଛକ ନିକଟରେ ଥିବା ବସୁଧା ପାଣି ଟାଙ୍କିରୁ ବେଳେବେଳେ ପାଣି ବାହାରୁଛି ବେଳେବେଳେ ପାଣି ବାହାରୁନଥିବା ସଂପର୍କରେ ପଲ୍ଲି ଛକର ବ୍ୟବସାୟୀ ପୁନା ଶେଠ୍ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ପଲ୍ଲି ଛକରେ ଶହେରୁ ଉର୍ଦ୍ଧ ଦୋକାନୀ ଓ ବାଟୋଇ ଖରା ଦିନରେ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି । ନଳକୂପ ସଜାଡ଼ିବା ପାଇଁ ଭାମମାଣ ଗାଡ଼ି ବୁଲୁଥିବା ବେଳେ କଣ ପାଇଁ ଅଚଳ ନଳକୂପ ମରାମତି କରାଯାଉ ନାହିଁ ସ୍ଥାନୀୟ ଲୋକେ ସରପଞ୍ଚ ଙ୍କୁ ଦୋଷାରୋପ କରିଛନ୍ତି । ଏ ସମ୍ପର୍କରେ ବାଉଲାଙ୍ଗ ସରପଞ୍ଚ ନରହରି ଦଳାଇଙ୍କୁ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ନିଆଯାଇପାରି ନାହିଁ ।

# ଓଡ଼ିଆ ନାମ ଫଳକ ଲିଖନ ଅଭିଯାନ ସଚେତନତା ଶୋଭାଯାତ୍ରା



**ପୁରୀ,୪।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ- ୨୦୨୬ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡିଶା ସରକାର ଏବଂ ଜିଲ୍ଲା ପ୍ରଶାସନ, ପୁରୀ ତରଫରୁ ପୁରୀ ଜିଲ୍ଲାର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ସମ୍ପର୍କରେ ଆଜି ପୂର୍ବାହ୍ନ ୭ଟା ୩୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ପତାକା ଦେଖାଇ ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଶୁଭ ଉଦ୍ଘାଟନ କରି ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି ବୋଲି କହିଥିଲେ । ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି ବୋଲି ସେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଜି ଜିଲ୍ଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଆ ନାମଫଳକ ପ୍ରଦର୍ଶନ କରିବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ରହିଛି ଏବଂ ଏହି ସମ୍ବନ୍ଧରେ ପ୍ରବର୍ତ୍ତନର ପ୍ରାବଧାନ ରହିଛି ବୋଲି ଉଲ୍ଲେଖ କରିଥିଲେ । ପରେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସମୁଦ୍ରକୂଳ ସ୍ଥିତ ଶ୍ରୀଚୈତନ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଏହି ଶୋଭାଯାତ୍ରାରେ ନାମଫଳକ ଲେଖିବା ସମ୍ବନ୍ଧରେ ପ୍ଲାକାର୍ଡ଼ ଓ ସ୍ଲୋଗାନ ମାଧ୍ୟମରେ ସଚେତନତା କରାଯିବା ସହ ଲିଫ୍ଲେଟ୍ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ଆଶିଷ କୁମାର ମାଝୀ, ପଲ୍ଲବୀ ସାହୁ, ଚିନ୍ମୟ ପ୍ରିୟଦର୍ଶୀ ଓ ଆଶୁତୋଷ ସାହୁ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ପୁରୀ ଜିଲ୍ଲାର ବିଭିନ୍ନ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ସାମ୍ବାଦିକ ଗଣ, ବିଭିନ୍ନ ଅଟୋ ଚାଳକ ସଂଘ, ନିର୍ମାଣ ଶ୍ରମିକ ସଂଘ, ଦୋକାନ ଓ ବାଣିଜ୍ୟ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଶହ ଶହ ସଂଖ୍ୟାରେ ଉକ୍ତ ପଦଯାତ୍ରାରେ ଯୋଗଦାନ କରିଥିଲେ ।

# ନବମ ସନ୍ଧ୍ୟାରେ ଐତିହାସିକ ଲଙ୍କାପୋଡ଼ି



**ମୁଣ୍ଡମୁହାଣ,୪।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଲା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିଚରିତ ରାମଲୀଳା ନାଟକ, ଶ୍ରୀଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି, ନାଟକ ନବମ ସନ୍ଧ୍ୟାରେ ଐତିହାସିକ ରାମନାଟକ ଲଙ୍କାପୋଡ଼ି ପରିବେଷିତ ହୋଇଯାଇଛି । ବାଳୀବଦ୍ଧ ପରେ ମା' ସୀତାଙ୍କୁ ରାବଣ କେଉଁଠାରେ ଲୁଚାଇଛି, ରାମଙ୍କ ନିର୍ଦ୍ଦେଶରେ ହନୁମାନ ସାତ ସମୁଦ୍ର ଡେଇଁ ଲଙ୍କାକୁ ଯାଇଥିଲେ, ଲଙ୍କାରେ ତାଙ୍କୁ ତିନୋଟି ଦେବୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଶୋକ ବନରେ ମା' ସୀତାଙ୍କୁ ଠାବ କରିଥିଲେ, ରାମଙ୍କ ରତ୍ନମୁଦି ଦେଖି ମା'ସୀତା ହନୁମାନଙ୍କୁ ବିଶ୍ୱାସ କରିଥିଲେ, ପରେ ହନୁମାନ ଅଶୋକ ବନ ଛାରଖାର କରିଥିଲେ । ଅନେକ ରାକ୍ଷାସଙ୍କ ସହିତ ଅକ୍ଷୟ ବୀରକୁ ବଦ୍ଧ କରିଥିଲେ । ଇନ୍ଦ୍ରଜିତଙ୍କ ନାଗଫାସରେ ହନୁମାନ ବାନ୍ଧି ହୋଇ ରାବଣ ନିକଟକୁ ଯାଇଥିଲେ । ସେଠାରେ ତାଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଦେବାରୁ ସେ ଲଙ୍କାକୁ ପୋଡ଼ି ଜାଳି ରାମଚନ୍ଦ୍ରଙ୍କ ପାଖକୁ ଫେରିଆସିଥିଲେ, ଲଙ୍କାପୋଡ଼ି ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ, ବିଭିନ୍ନ ଭୂମିକାରେ, ସଙ୍କର୍ଷଣ ମଙ୍ଗରାଜ (ହନୁମାନ), ବିଚିତ୍ର ପରିଡ଼ା (ସୀତା), ରବୀନ୍ଦ୍ର ବାରିକ (ରାବଣ), ସୁକାନ୍ତ ପରିଡ଼ା (ଲଙ୍କା ଦେବୀ), ବେଣୁଧର ପ୍ରଧାନ (ଇନ୍ଦ୍ରଜିତ), ଶିବ ମଙ୍ଗରାଜ (ଅକ୍ଷୟ ବୀର), ଅନା ଭୋଳ (ଅଙ୍ଗଦ), ଅନିଲ ମଙ୍ଗରାଜ (ସୁରକ୍ଷା), ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ସହ, ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକ ମଞ୍ଚ ନିକଟରେ ପ୍ରଭୁ ହନୁମାନଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଥିଲେ ।

# ମ୍ୟୁନିସିପାଲିଟିରେ ଜନଗଣନା ପ୍ରଶିକ୍ଷଣର ଶୁଭାରମ୍ଭ



**ନୟାଗଡ଼,୪।୪/ଏନ୍ଏନ୍ଏସ୍:** ଭାରତର ଜନଗଣନା-୨୦୨୭ କାର୍ଯ୍ୟକ୍ରମ ଅନ୍ତର୍ଗତ ନୟାଗଡ଼ ମୁନିସିପାଲିଟି ଅଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ପାଇଁ ଉଦ୍ଦିଷ୍ଟ ଏକପ୍ରଶିକ୍ଷଣ ଶିବିର ମୁନିସିପାଲିଟି କାର୍ଯ୍ୟାଳୟ ସଭାଗୃହରେ ଆଜିଠାରୁ ଆରମ୍ଭ ହୋଇଛି । ତିନିଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ରୋଜିନା ଦାସ ଏବଂ ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରପାଳ ନିରୁପମା ଖଟେଇ ଯୋଗଦାନ କରି ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ନେହଲତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ସିଆରସିସି ପ୍ରଦୀପ୍ତ କୁମାର ପଣ୍ଡା ଏବଂ ବ୍ରଜକିଶୋର ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ସହଯୋଗୀ ଭାବେ ଦିଗାମ୍ବର ପ୍ରଧାନ, ଶିଶିର କୁମାର ମହାପାତ୍ର ଏବଂ ଗଜେନ୍ଦ୍ର କୁମାର ମହାରଣା ରହିଥିଲେ । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୫ ତାରିଖରୁ ମଇ ୧୫ ପର୍ଯ୍ୟନ୍ତ ମୁନିସିପାଲିଟି ଅନ୍ତର୍ଗତ ୧୬ଟି ୱାର୍ଡରେ ଥିବା ସମସ୍ତ ବାସୋପଯୋଗୀ ଗୃହ ଗୁଡ଼ିକର ଚିହ୍ନଟ ଏବଂ ଗଣନା ସହିତ ସେଗୁଡିକର ତାଲିକା କରାଯିବ । ଏହି ପ୍ରଶିକ୍ଷଣ ଶିବିରରେ ଉଭୟ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରୁ ୮୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଗୃହ ଏବଂ ଜନଗଣନାକାରୀ ଭାବେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

## ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ଅଷ୍ଟମ ସନ୍ଧ୍ୟା

# ଲଙ୍କା ବିଜୟ ପାଇଁ ଅଷ୍ଟସେନାଙ୍କ ସହ ରାମଚନ୍ଦ୍ରଙ୍କ ବିଚାର ବିମର୍ଶ



**ଓଡ଼ଗାଁ,୪।୪/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ଶନିବାର ଅଷ୍ଟମ ସନ୍ଧ୍ୟାରେ ସୁବଳୟା ପର୍ବତ ଉପରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଏବଂ ବିଭୀଷଣଙ୍କ ସହିତ ସୁଗ୍ରୀବ, ଅଙ୍ଗଦ, ହନୁମାନ, ଜାମ୍ବବାନ, ସୁଷେଣ, ନଳ, ନୀଳ, ଗବ ଓ ଗବାକ୍ଷ ଅଷ୍ଟସେନାଙ୍କ ସହିତ ଲଙ୍କାଗଡ଼ ବିଜୟ ପାଇଁ ବିଚାର ବିମର୍ଶ କରୁଥିବାର ଦୃଶ୍ୟ ଆଜି ସନ୍ଧ୍ୟାରେ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଶ୍ରଦ୍ଧାଳୁ । ରାମାୟଣ ପୁରାଣ ବର୍ଣ୍ଣିତ କଥାବସ୍ତୁ ଆଧାରରେ ମାୟାମୃଗର ଭ୍ରମ ସୃଷ୍ଟିକରି ଲଙ୍କପତି ମାୟାବୀ ରାବଣ ଛଦ୍ମବେଶରେ ଆସି ସୀତାଙ୍କୁ ହରଣ କରିଥିଲା । ରାମ ଲକ୍ଷ୍ମଣଙ୍କ ସହିତ ଜଟାୟୁଙ୍କ ଭେଟପରେ ତାଙ୍କଠାରୁ ସମସ୍ତ ଘଟଣା ଶୁଣି ସତୀ ସୀତାଙ୍କ ମୁକ୍ତିପାଇଁ ଉଦ୍ୟମ କରୁଥିବା ବେଳେ ଭକ୍ତ ହନୁମାନଙ୍କ ସହ ସାକ୍ଷାତ ଓ ସୁଗ୍ରୀବଙ୍କ ସହ ମିତ୍ରତା ପରେ ମହାବଳୀ ବାଳୀକୁ ବଦ୍ଧକରି ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜାଭାବେ ରାଜ୍ୟାଭିଷେକ କରିଥିଲେ । ସାତସମୁଦ୍ର ପାରହୋଇ ହନୁମାନ ରାବଣର ଲଙ୍କାଗଡ଼ରେ ଥିବା ଅଶୋକ ବାଟିକାରେ ସୀତାଙ୍କୁ ଠାବକରି ଫେରିଆସିଲେ । ଆଜି ସନ୍ଧ୍ୟାବେଶ ଦୃଶ୍ୟ ଅନୁସାରେ ରାବଣକୁ ନିଧନ କରି ସୀତାଙ୍କ ଉଦ୍ଧାର ପାଇଁ ଅଷ୍ଟ ସେନାଙ୍କ ସହିତ ସୁବଳୟା ପର୍ବତରେ ଆଲୋଚନା କରୁଥିବାବେଳେ ଗୁପ୍ତଚର ଦ୍ୱାରା ଖବରପାଇ ରାବଣ ପୁଷ୍ପକ ବିମାନରେ ଆସି ଆକାଶ ମାର୍ଗରୁ ରାମଚନ୍ଦ୍ରଙ୍କ ସେନାବାହିନୀର କଳନା କରୁଥିଲା । ଏସମ୍ପର୍କରେ ବିଭୀଷଣ ଠାରୁ ସୂଚନାପାଇ ରାମଚନ୍ଦ୍ର ଆକାଶକୁ ଚାହିଁବାବେଳେ ରାବଣ ଗଦାପ୍ରହାର କରିଥିଲା । ଗଦା ତଳେପଡିବା ପୂର୍ବରୁ ହନୁମାନ ତାକୁ ଧରି ନେଇଥିଲେ । ଆସନ୍ତାକାଲି ଯୁଦ୍ଧଯାତ୍ରା ସନ୍ଧ୍ୟାବେଶରେ ପ୍ରଭୁ ଦର୍ଶନଦେବେ ଏବଂ ମହୋତ୍ସବ ପଡ଼ିଆରେ ବିଶାଳ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ମା' ତାରିଣୀଙ୍କ ତ୍ରିଦିନାତ୍ମକ ଚୈତ୍ର ପର୍ବୋତ୍ସବ

**ନିଶ୍ଚିନ୍ତକୋଇଲି,୪।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲିସ୍ଥିତ ମା' ତାରିଣୀଙ୍କ ପୀଠରେ ତ୍ରିଦିନାତ୍ମକ ଚୈତ୍ର ପର୍ବ ଯଜ୍ଞମହୋତ୍ସବ ଓ ମା'ଙ୍କର ୩୦ତମ ବାର୍ଷିକ ପୂଜାତ୍ସବ, ଘଟଯାତ୍ରା, ଷୋଷଶ ଉପଚାର ପୂଜା ଏବଂ ତାରିଣୀ ମେଳାର ପୂର୍ଣ୍ଣାହୁତି ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ତାରିଣୀ ପରିବାର ପକ୍ଷରୁ ବୁଧବାର ଦିନ ଅଙ୍କୁରାରୋପଣ, କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଶତାଧିକ ତାରିଣୀ ଶ୍ରଦ୍ଧାଳୁ ଏକ ବିରାଟ କଳସୀ ଶୋଭାଯାତ୍ରାରେ ଆସିଥିଲେ । କଳସୀଗୁଡିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯିବା ପରେ ମା'ଙ୍କ ଘଟଯାତ୍ରା ମହାସ୍ନାନ, ଷୋଡଶ ଉପଚାର ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା । ଶୁକ୍ରବାର ମା'ଙ୍କର ମହାସ୍ନାନ, ସପ୍ତସତୀ ଚଣ୍ଡୀପାଠ ଏବଂ ରାତ୍ରରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପଣ୍ଡିତ ନାରାୟଣ ଓଝା ଓ ସାଥିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଏବଂ ଲଉଡିଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ ।

## ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ଓଡ଼ିଆ ଅସ୍ମିତାର ପରିଚୟ ମଧୁବାବୁ'




**ସାଲେପୁର,୪।୪/ଏନ୍ଏନ୍ଏସ୍:** ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟା କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସୁମଧୁର ସଂଗୀତ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ । ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଥିବାରୁ ନାଗରିକ କମିଟି ପକ୍ଷରୁ ଦୀର୍ଘ ବର୍ଷଧରି ସାଲେପୁର ବିଜ୍ଞାପିତ ପରିଷଦ ଘୋଷଣା ପାଇଁ ମୁଖ୍ୟ କର୍ଣ୍ଣଧାରା ସାଜିଥିବା ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ତୃତୀୟ ସନ୍ଧ୍ୟାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଓଡ଼ିଶାର ଅସ୍ମିତାର ପରିଚୟ ହେଉଛନ୍ତି ମଧୁବାବୁ । ସେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ଆମେମାନେ ତାହାକୁ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇଥିଲେ । କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରମେଶ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିରଞ୍ଚି ନାରାୟଣ କର ମଞ୍ଚ ପରିଚାଳନା କରିଥିଲେ । ମଧୁସ୍ମୃତି ପରିଷଦ ପକ୍ଷରୁ ମଞ୍ଚାସୀନ ଅତିଥି ଓ ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ପତି, ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରା, ସାଲେପୁର ମଣ୍ଡଳ ଶିକ୍ଷାଧିକାରିଣୀ କୁନ୍ତଳା ଖଟୁଆ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବରେ ପଡ଼ିଥିବା ଓରମାସ, ମିଶନଶକ୍ତି ଓ ବିଭିନ୍ନ ଖାଦ୍ୟ ଷ୍ଟଲ୍‌ଗୁଡିକରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଞ୍ଜିତ ଦାଶ, ଗୁଲରେଜ ଅଲ୍ଲୀ, ଶୁଭମ ଦାଶ, ସେକ ସମିମ ଅକ୍ତର, ରାଜେଶ ମହାନ୍ତି, ଅଶ୍ୱିନୀ ଦାସ, ମୁନା ପରିଡା, ସମ୍ବିତ ପଟ୍ଟନାୟକ ,ସୁମନ ନାୟକ, କମଳା କାନ୍ତ ସେଠୀ, ଲିପକ ଜେନା, ସଞ୍ଜୟ ବେହୁରା , ପବିତ୍ର ସାମଲ, ବିନୋଦ ସାମଲ,ବିଜୟ ପୃଷ୍ଟି, ଅଶ୍ୱିନୀ ଭୂୟାଁଙ୍କ ସମେତ ମଧୁସ୍ମୃତି ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ ।



# କୁନି କୁନି ପିଲାଙ୍କ ସ୍କୁଲ୍ ପ୍ରବେଶ

ସ୍କୁଲ ପ୍ରବେଶ କଲେ କୁନି କୁନି ପିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଶିଶୁ-ବାଟିକା ଶ୍ରେଣୀରେ ପିଲାମାନଙ୍କ ନାମ ଲେଖାଇବା ଏବଂ ନୂତନ ଶିକ୍ଷାବର୍ଷର ଆରମ୍ଭ ପାଇଁ ରାଜ୍ୟବ୍ୟାପୀ 'ଖଡ଼ି ଛୁଆଁ' ପ୍ରୟାସର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାଙ୍କ ସହ ମୁଖ୍ୟମନ୍ତ୍ରୀ ଭାବ ବିନିମୟ ମଧ କରିଥିଲେ। ରାଜ୍ୟବ୍ୟାପୀ ପ୍ରାୟ ପାଞ୍ଚ ଲକ୍ଷରୁ ଅଧିକ ପିଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଏହା ସହିତ ସଚେତନତା ଗାଡ଼ି ସମସ୍ତ ଜିଲ୍ଲାର ଗାଁ ଗାଁରେ ବୁଲିବ ଏବଂ ପିଲାମାନଙ୍କୁ ସ୍କୁଲ ପଠାଇବା ପାଇଁ ଅଭିଭାବକମାନଙ୍କୁ ସଚେତନ କରିବ।


















## ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ



**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧାମରା ଡୋଶିଙ୍ଗା ଅଞ୍ଚଳର ଯୁବନେତା ରାଜୀବ ଲୋଚନ ଦାସ ଓ କଇଁଥଖୋଲା ପଞ୍ଚାୟତର ବିଜେଡି ଯୁବନେତା ହରିହର ନାଏକ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ ନୂତନ ସଦସ୍ୟଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିଜେପି ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ପ୍ୟାନେଲିଷ୍ଟ ବ୍ରଜ କିଶୋର ମିଶ୍ର, ରାଜ୍ୟ ପରିଷଦ ସଦସ୍ୟ ଦେବେନ୍ଦ୍ର ନାୟକ, ଭଦ୍ରକ ଜିଲ୍ଲା ସଂପାଦକ ପ୍ରିୟରଞ୍ଜନ ଜେନା, ଧାମରାଇ ମଣ୍ଡଳ ସଭାପତି ତ୍ରିଦିବେଶ ପ୍ରଧାନ, ଅତୁଲ୍ୟ କୁମାର ଜେନା, ରୁଦ୍ର ପ୍ରତାପ ମହାନ୍ତି, ରମେଶ ଚନ୍ଦ୍ର ବାରିକ ଓ ଅବଦୁଲ୍ଲ ଅହେଦ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ନାମଫଳକ ବାଧ୍ୟତାମୂଳକ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷାରେ ନାମ ଫଳକ ନ ରହିଲେ ହେବ ଆକ୍ସନ। ନିୟମ ଉଲ୍ଲଂଘନ କଲେ ଗଣିବେ ହଜାର ହଜାର ଟଙ୍କାର ଦଣ୍ଡ। ଏନେଇ ଦୋକାନୀ ଓ ବ୍ୟବସାୟୀଙ୍କୁ ସଚେତନ କରିବା ପାଇଁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆ ଭାଷାରେ ନିର୍ଭୁଲ ଏବଂ ସ୍ୱଷ୍ଟ ଭାବେ ଲେଖିବା ଏଣିକି ବାଧ୍ୟତା ମୂଳକ ହୋଇଛି। ଯଦି ନ ଲେଖିବେ ତେବେ ଆଇନର ଧାରା ୩୫ ଅନୁଯାୟୀ ଦଣ୍ଡିତ ହେବେ। ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ। ଯଦି କୌଣସି ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଓଡ଼ିଆରେ ନାମଫଳକ ନଲେଖନ୍ତି, ତେବେ ସେହି ପ୍ରତିଷ୍ଠାନର ମାଲିକଙ୍କୁ ପ୍ରଥମଥର ନିୟମ ଉଲ୍ଲଂଘନ ପାଇଁ ଅତିକମ୍‌ରେ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ସେହିପରି ଦ୍ୱିତୀୟ କିମ୍ବା ପରବର୍ତ୍ତୀ ଥର ଉଲ୍ଲଂଘନ ପାଇଁ ଅତିକମ୍ ରେ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଯଦି କୌଣସି ପ୍ରତିଷ୍ଠାନରେ ଏହିଭଳି ନାମ ଫଳକ ସ୍ୱଷ୍ଟ ଭାବେ ଲେଖା ହୋଇନଥିବା କାହା ଦୃଷ୍ଟିକୁ ଆସେ, ତେବେ ତୁରନ୍ତ ସ୍ଥାନୀୟ ଶ୍ରମ ଅଧିକାରୀ କିମ୍ବା ନିକଟତମ ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱରରେ ୮ଟି ଦଳ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବେ। ସେହିଭଳି ଓଡ଼ିଶାର ସବୁ ଜିଲ୍ଲାରେ ସ୍କ୍ୱାଡ୍ ରହିବେ ବୋଲି ଶ୍ରମ କମିଶନର କହିଛନ୍ତି। ଗତବର୍ଷ ୫ ଶହ ଦୋକାନୀଙ୍କୁ ଦଣ୍ଡିତ କରାଯାଇଥିବା କହିଛନ୍ତି ଶ୍ରମ କମିଶନର। ଓଡ଼ିଆ ଭାଷା ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା। ଏହାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟବ୍ୟାପୀ ସମସ୍ତ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମ ଫଳକ ଲେଖିବାକୁ ରାଜ୍ୟ ସରକାର ଆହ୍ୱାନ ଦେଉଛନ୍ତି।

**ସମସ୍ତ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକଙ୍କୁ ଶ୍ରମ ବିଭାଗର କଡ଼ା ନିର୍ଦ୍ଦେଶ**

**RITES LIMITED**
(A Govt. of India Enterprise) CIN No. : L74899DL1974GOI007227
Shikhar, Plot No.1, Sector-29, Gurgaon – 122001

Requires hard working professionals on Regular/Contract Basis

| VC Nos. | Posts | Mode | Vacancy |
|---|---|---|---|
| RG/08/26 | Assistant Manager (IT/Network & security) | Regular | 02 |
| RG/09/26 | Assistant Manager (IT/Programming) | Regular | 02 |
| RG/10/26 | Assistant Manager (IT/Data Centre) | Regular | 01 |
| CL/08-R2/25 | Resident Engineer | Contract | 05 |

For complete details, candidates may see the detailed advertisement posted on RITES website www.rites.com under Career Section.

## ବିଶ୍ୱବିଦ୍ୟାଳୟରେ ୧୪୦୦ ଖାଲି ପଦବୀ ପୂରଣ ହେବ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** କୁଳପତି ନିଯୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ବିଶ୍ୱବିଦ୍ୟାଳୟରେ ୧୪ ଶହ ଖାଲି ପଦବୀ ବି ପୂରଣ ହେବ। ବିଶ୍ୱବିଦ୍ୟାଳୟ ସଂରକ୍ଷଣ ସଂଶୋଧନ ଆଇନ ଆସିବା ପରେ ବାଟ ଫିଟିଛି। ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ ପ୍ରସଙ୍ଗରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ପ୍ରତିକ୍ରିୟା ରଖି ଏହା କହିଛନ୍ତି। ପଦବୀ ପୂରଣ ପାଇଁ ବିଶ୍ୱବିଦ୍ୟାଳୟମାନଙ୍କୁ ନିର୍ଦ୍ଦେଶ ଦିଆ ସରିଛି। ଅଣଶିକ୍ଷକ ପଦବୀ ପୂରଣ ପାଇଁ ମଧ ଏସ୍ଏସ୍‌ବିକୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ ପୂର୍ବରୁ ୩୮୫ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ୩୦୪ ପଦବୀ ପୂରଣ ପାଇଁ ପ୍ରସ୍ତାବ ଦିଆଯାଇଥିବା ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

### ବିଏଲ୍ଓ କର୍ତ୍ତବ୍ୟରେ ଅବହେଳା

## ସହକାରୀ ଶିକ୍ଷକ ନିଲମ୍ବିତ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶ ଅନୁଯାୟୀ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ-୧୩୭ କାଶିନଗର ବ୍ଲକ ପୋଲିଂ ଷ୍ଟେସନ୍ ସଂଖ୍ୟା ୧୧୦-ସିଦ୍ଧାମଡଙ୍ଗ ଅଧିନ ବୁଥ୍‌ସ୍ତରୀୟ ଅଧିକାରୀ ରାମାନୁଜ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀ ଦାସଙ୍କୁ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ନଂ ୧୩୭ ର ବୁଥ୍ ନଂ ୧୧୦ ପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଭାବେ ନିଯୁକ୍ତ କରାଯାଇଥିଲା। ସେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟରେ ନିୟୋଜିତ ଥିଲେ, ଯାହା ଭୋଟର ତାଲିକାର ସଠିକତା ଓ ସତ୍ୟନିଷ୍ଠା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ। ତେବେ ଅଭିଯୋଗ ଅନୁଯାୟୀ ସେ କୌଣସି ବୈଧ କାରଣ ବା ପୂର୍ବ ଅନୁମତି ବିନା ଦାୟିତ୍ୱରେ ଅନୁପସ୍ଥିତ ରହିବା ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ କାର୍ଯ୍ୟ ନିଷ୍ଠାର ସହ ନିର୍ବାହ କରିବାରେ ବିଫଳ ହୋଇଥିଲେ ଯାହା କର୍ତ୍ତବ୍ୟ ପାଳନ କରିବାରେ ଗୁରୁତର ଅବହେଳା ଓ କର୍ତ୍ତବ୍ୟଚ୍ୟୁତି ଭାବେ ଗଣାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ଧାରା ୩୨(୧) ଆଧାରରେ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ନିଲମ୍ବନ ସମୟରେ ଶ୍ରୀ ଦାସ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଏବଂ ନିୟମାନୁସାରେ ଭତ୍ତା ପାଇବେ ବୋଲି ଆଦେଶରେ ଉଲ୍ଲେଖ ରହିଛି।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାର ଉଦ୍‌ଘାଟିତ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମନ୍ତ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଛନ୍ତି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢ଼ିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ। ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ।

ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡିଆ ଭର୍ଚୁଆଲ୍ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅଧିକାରୀମାନେ ସ୍ୱଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ ପାଠାଗାରକୁ ପ୍ରଦାନ କରିପାରିବେ ବୋଲି ରାଜସ୍ୱ ସଚିବ ଆଗ୍ରହ ପ୍ରକାଶ କରିଛନ୍ତି। ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତ୍ତମ ବ୍ୟବହାର ନିମନ୍ତେ ପାଠାଗାରରେ ମୋବାଇଲର ବ୍ୟବହାର ଉପରେ ନିଷେଧାଦେଷ ଜାରି କରାଯାଇଛି। ନୂଆ ପାଠାଗାର ଉଦଘାଟନ ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ସଚିବସ୍ତରୀୟ ବୈଠକ

# ବିଶ୍ୱସ୍ତରୀୟ ହେବ ରାଜ୍ୟ ପର୍ଯ୍ୟଟନ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ, ବ୍ୟୟ ଓ ରାଜସ୍ୱ ଆଦାୟ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା ।

ବୈଠକରୁ ଜଣାଯାଇଛି ଯେ, ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟ୍ ଅନୁମୋଦନ ଅନୁସାରେ ସାମଗ୍ରିକ ବ୍ୟୟ ପୂର୍ବ ବର୍ଷ ଏହି ସମୟ ତୁଳନାରେ ୮.୮% ବୃଦ୍ଧି ପାଇଛି। ସେହିଭଳି କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ସାମଗ୍ରିକ ଭାବେ ୧୦ ପ୍ରତିଶତ ବୃଦ୍ଧି ଘଟିଛି। କୃଷି, ସମବାୟ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ସାମଗ୍ରିକ ଭାବେ ୧୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ସାମଗ୍ରିକ ଭାବେ ଗତ ବର୍ଷ ତୁଳନାରେ ବ୍ୟୟ ଅଭିବୃଦ୍ଧି ଘଟିଛି। ସାମାଜିକ କ୍ଷେତ୍ରରେ ୧୩ ପ୍ରତିଶତ, ହସ୍ତତନ୍ତ, ପର୍ଯ୍ୟଟନ, ଦକ୍ଷତା ବିକାଶ କ୍ଷେତ୍ରଭଳି ସୂର୍ଯ୍ୟୋଦୟ କ୍ଷେତ୍ରରେ ବ୍ୟୟ ଅଭିବୃଦ୍ଧି ହୋଇଛି। ବିଭିନ୍ନ ବିଭାଗର ବ୍ୟୟ ସ୍ଥିତି ସମୀକ୍ଷା କରାଯାଇଥିଲା। ରାଜ୍ୟର ନିଜସ୍ୱ ଆୟ, ଅଣ ଟିକସ, କେନ୍ଦ୍ରୀୟ କର ବାବଦକୁ ରାଜ୍ୟର ଅଂଶ ବାବଦକୁ ରାଜ୍ୟର ଅନୁଦାନକୁ ମିଶାଇ ସାମଗ୍ରିକ ଭାବେ ରାଜସ୍ୱ ଆଦାୟ ୮୩.୪୨% ହୋଇଛି। ଉଭୟ ବ୍ୟୟ ବୃଦ୍ଧି ହାର ଓ ରାଜସ୍ୱ ଆଦାୟ ଲକ୍ଷ୍ୟ ବୃଦ୍ଧିରେ ନିରନ୍ତର ପ୍ରୟାସ ପାଇଁ ରାଜସ୍ୱ ବିଭାଗ, ଇସ୍ପାତ ଓ ଖଣି ବିଭାଗ ଏବଂ ଅର୍ଥ ବିଭାଗ ସମେତ ସମସ୍ତ ବିଭାଗର ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ଚଳିତ ନୂଆ ଆର୍ଥିକ ବର୍ଷ ବଜେଟ୍ ୨୦୨୬-୨୭ ପରିପ୍ରେକ୍ଷୀରେ ପ୍ରତି ୧୫ ଦିନରେ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ସମୀକ୍ଷା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି ବିଭିନ୍ନ ବିଭାଗରେ ଚାଲୁ ରହିଥିବା ପ୍ରାୟ ଏକ ପ୍ରକାର ଯୋଜନାକୁ ସଂଗଠିତ କରି ଏକୀକୃତ ବ୍ୟବସ୍ଥାକୁ ଆଣିବାକୁ ପରାମର୍ଶ ଦିଆଯାଇଛି, ଯଦ୍ୱାରା ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସୁବିଧାରେ ତଦାରଖ ଓ ସମୀକ୍ଷା କରାଯାଇପାରିବ। ଏ ସମ୍ପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ବିଭାଗୀୟ ସ୍ତରରେ ସମୀକ୍ଷା କରି ପ୍ରସ୍ତାବ ଦେବାକୁ କହିଛନ୍ତି। ବୈଠକରେ ୨୦୩୬ ବିକଶିତ ଓଡ଼ିଶା ଏବଂ ଓ ୨୦୪୭ ବିକଶିତ ଭାରତ ଆଭିମୁଖ୍ୟକୁ ଲକ୍ଷ୍ୟ ରଖି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଉପସ୍ଥାପନ କରିଥିଲେ। ପର୍ଯ୍ୟଟନ ଯୋଗୁଁ ଅଧିକ ପରୋକ୍ଷ ଓ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି, ଗ୍ରାମୀଣ ଓ ଅପହଞ୍ଚ ଅଞ୍ଚଳରେ ସମାବେଶୀ ବିକାଶ, କମ୍ କୁଶଳୀଙ୍କୁ ଉଚ୍ଚ କୁଶଳୀ ସୃଷ୍ଟି କରିବା ସମ୍ଭାବନା, ରାଜ୍ୟର ଐତିହ୍ୟ, ସଂସ୍କୃତି ଓ ପ୍ରକୃତିର ସୁରକ୍ଷା ପାଇଁ ପ୍ରୋତ୍ସାହନ ଓ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଜଳ ସମ୍ପଦ, ରେଳ ବିଭାଗ କର୍ତ୍ତୃପକ୍ଷ, ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ, ଗ୍ରାମ ଉନ୍ନୟନ, ରାଜସ୍ୱ ଆଦି ସମ୍ପୃକ୍ତ ବିଭିନ୍ନ ବିଭାଗ ସମ୍ପର୍କିତ କାର୍ଯ୍ୟ ଓ ସହଯୋଗ ସମ୍ପର୍କରେ ସେ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ଆଲୋଚନା କରିଥିଲେ। 'ଥିଙ୍କ ଇଣ୍ଡିଆ, ଥ୍ୟାଙ୍କ ଓଡ଼ିଶା' ଆଭିମୁଖ୍ୟ ନେଇ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ସମସ୍ତର ସହଯୋଗ ପାଇଁ ସେ ଆହ୍ୱାନ ଦେଇଛନ୍ତି। ବିଦେଶରୁ ପର୍ଯ୍ୟଟକ ମାନେ ଭାରତକୁ ଆସିଲେ ଯେପରି ସେମାନେ ଓଡ଼ିଶାକୁ ପ୍ରଥମ ପସନ୍ଦର ସ୍ଥାନ ଭାବେ ବାଛିବେ, ସେଥିପାଇଁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଆକର୍ଷଣୀୟ ଓ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ। ଏପ୍ରିଲ ୨ ରୁ ଏପ୍ରିଲ ୮ ପର୍ଯ୍ୟନ୍ତ 'ସାଧନା ସପ୍ତାହ-୨୦୨୬' ଅବସରରେ ମିଶନ କର୍ମଯୋଗୀ ଅଧୀନରେ ନିଜ ନିଜ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସପ୍ତାହରେ ଅନ୍ତତଃ ୧ଟି ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ପାଠ୍ୟକ୍ରମ ଓ ଗୋଟିଏ ଆଇ-ଗଟ୍(ଆଇ-ଜିଓଟି) ଅନୁମୋଦିତ ଉପଲବ୍ଧ ମାର୍କେଟପ୍ଲେସ ପାଠ୍ୟକ୍ରମ ପ୍ରଶିକ୍ଷଣ ପାଇଁ ବାଧ୍ୟତାମୂଳକ କରାଯାଇଛି ଏବଂ ସପ୍ତାହରେ ୪ ଟି ଘଣ୍ଟାର ପାଠ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ରହିଛି। ପ୍ରଶିକ୍ଷଣକୁ ବ୍ୟାପକ କରିବା ପାଇଁ ସମସ୍ତଙ୍କୁ ପାଠ୍ୟକ୍ରମ ଶେଷ କରିବା ପରେ ସେ ସମ୍ପର୍କରେ ସୋସିଆଲ ମିଡିଆରେ ୪ ସଶକ୍ତସ୍ୱସପ୍ତଙ୍ଗୟସର୍ବକ୍ଷବ ରେ ସେୟାର କରିବାକୁ ପରାମର୍ଶ ଦିଆଯାଇଛି। ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗଙ୍କ ନେତୃତ୍ୱରେ କ୍ଷମତା ବୃଦ୍ଧି ଆୟୋଗ(ସିବିସି) ଓ କର୍ମଯୋଗୀ ଭାରତ ମାଧ୍ୟମରେ ଦେଶ ବ୍ୟାପୀ ନିଆଯାଇଥିବା ଏହି ଜାତୀୟ ପଦକ୍ଷେପରେ ଓଡ଼ିଶାରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମାଧ୍ୟମରେ ସମନ୍ୱୟ, ତଦାରଖ ଓ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ଏକାଡେମୀର ମହା ନିର୍ଦ୍ଦେଶକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ ତଥ୍ୟ ଦେଇଥିଲେ। ସମସ୍ତ ବିଭାଗ ଓ ଜିଲ୍ଲାସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ଶତପ୍ରତିଶତ ଆଇ-ଗଟ୍ ପ୍ଲାଟଫର୍ମରେ ଯୋଡିହେବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଅଧିକରୁ ଅଧିକ ସକ୍ରିୟ ବ୍ୟବହାରକାରୀ ସଂଖ୍ୟା ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯାଇଛି।

## ସାଧନା ସପ୍ତାହରେ କର୍ମଚାରୀମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣକୁ ଗୁରୁତ୍ୱ

## ସକ୍ରିୟ ବ୍ୟବହାରକାରୀ ସଂଖ୍ୟା ବୃଦ୍ଧି ପାଇଁ ନିର୍ଦ୍ଦେଶ



ରାଜ୍ୟରେ ବିଦ୍ୟୁତ୍ ସଂଚାରଣ ଭିତ୍ତିଭୂମି ସମ୍ପର୍କରେ ଓପିଟିସିଏଲର ପଦକ୍ଷେପ ଓ ସଫଳତା ସମ୍ପର୍କରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଉପସ୍ଥାପନା କରିଥିଲେ। ରାଜ୍ୟରେ ଶକ୍ତି କ୍ଷେତ୍ରରେ ଉତ୍ପାଦନ ଓ ଚାହିଦାକୁ ଦୃଷ୍ଟିରେ ରଖି ଭିତ୍ତିଭୂମିରେ ଉନ୍ନତି ଅଣାଯାଇଥିବା ଏବଂ ଆଗାମୀ ଶିଳ୍ପ ଅଭିବୃଦ୍ଧି ଏବଂ ଜନସାଧାରଣଙ୍କ ଚାହିଦା ପୂରଣ ଲକ୍ଷ୍ୟ ରଖି ବିଦ୍ୟୁତ ସଂଚରଣ ଭିତ୍ତିଭୂମିରେ ଅଧିକ ଗ୍ରୀଡ୍ ସବଷ୍ଟେସନ ବୃଦ୍ଧି ସମ୍ପର୍କରେ ଶକ୍ତି ବିଭାଗ ଏବଂ ଓପିଟିସିଏଲର ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ସମଗ୍ର ରାଜ୍ୟରେ ବିଦ୍ୟୁତ୍ ସଂଚରଣ ସ୍ଥିତି, ଭବିଷ୍ୟତ ପାଇଁ ପ୍ରସ୍ତୁତି, ଭୁବନେଶ୍ୱର ଓ କଟକ ସମେତ ରାଜଧାନୀ ଅଞ୍ଚଳରେ ଓପିଟିସିଏଲ ତରଫରୁ ବିଦ୍ୟୁତ୍ ସଂଚରଣ ନେଟ୍‌ୱାର୍କ ସୁଦୃଢ କରାଯାଇଥିବା ଏବଂ ଅଧିକ କାର୍ଯ୍ୟ ପାଇଁ ରହିଥିବା ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ. ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରୋମାନିଆରେ କିସ୍ ଛାତ୍ରଛାତ୍ରୀ

# ବିଦେଶୀ ମାଟିରେ ପରିବେଷଣ ହେଲା ସାନ୍ତାଳୀ ନୃତ୍ୟ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** କିସ୍‌ର ଦଶ ଜଣ ଛାତ୍ରଛାତ୍ରୀ ଏକ ଆନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ରୋମାନିଆ ଗସ୍ତରେ ଅଛନ୍ତି। ସେଠାରେ ସେମାନେ ଓଡ଼ିଶାର ଆଦିବାସୀ ଭାଷାରେ ସେକ୍ସପିଅରଙ୍କ ନାଟକ ପରିବେଷଣ କରିବେ। ବିଦେଶରେ ସାନ୍ତାଳୀ ନୃତ୍ୟ ପରିବେଷଣ କରିବା କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ। ପୂର୍ବରୁ କିସ୍ ଛାତ୍ରଛାତ୍ରୀମାନେ ମୁଖ୍ୟତଃ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ବିଦେଶୀ ଦେଶ ଗସ୍ତ କରୁଥିଲେ। ଏବେ ସେମାନେ ଆଦିବାସୀ ନୃତ୍ୟ ପ୍ରଦର୍ଶନ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ରୋମାନିଆ ଭଳି ୟୁରୋପୀୟ ଦେଶ ଗସ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୦ଟି ଦେଶର ପ୍ରାୟ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କିସ୍ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ସେଠାରେ ଉଚ୍ଚ ପ୍ରଶଂସା କରାଯାଇଛି। ପ୍ରଥମେ ସେମାନେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ରୋମାନିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଡ. ମନୋଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ବ୍ୟତୀତ



ସେଠାରେ ସେମାନେ ଆଦିବାସୀ ନୃତ୍ୟ ପ୍ରଦର୍ଶନ ସହ ସାଂସ୍କୃତିକ ବିନିମୟ କରିଥିଲେ। ଏରାସମସ୍ ଷ୍ଟୁଡେଣ୍ଟ ମୋବିଲିଟି କାର୍ଯ୍ୟକ୍ରମ ସହାୟତାରେ କିସ୍‌ର ଛାତ୍ରଛାତ୍ରୀମାନେ ଏହି ଦୁଇ ମାସିଆ ଶୈକ୍ଷିକ ଓ ସାଂସ୍କୃତିକ ଇଣ୍ଟର୍ନସିପ୍‌ରେ ଅଂଶଗ୍ରହଣ କରିଛନ୍ତି। କିସ୍ ଛାତ୍ରଛାତ୍ରୀଙ୍କ ସହ କିଟ୍ ୧୦ ଜଣ ଛାତ୍ରଛାତ୍ରୀ ମଧ୍ୟ ଏହି ଗସ୍ତରେ ଅଛନ୍ତି। ପ୍ରଥମ ଥର ପାଇଁ କିଟ୍ ଓ କିସ୍ ଛାତ୍ରଛାତ୍ରୀମାନେ ଏକାଠି ରୋମାନିଆ ଭଳି ଏକ ୟୁରୋପୀୟ ଦେଶରେ ଏଭଳି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। ସେଠାରେ ସେମାନେ ୨ ମାସ କାଳ ରହିବେ। ସେଠାରେ ସେମାନେ ଓଡ଼ିଶାର ଜନଜାତି ଭାଷାରେ ପ୍ରଖ୍ୟାତ ନାଟ୍ୟକାର ସେକ୍ସପିଅରଙ୍କ ନାଟକ ପରିବେଷଣ କରିବେ। ପ୍ରଥମ ଥର ପାଇଁ କୌଣସି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏକ ଅନ୍ତର୍ଜାତୀୟ ମଞ୍ଚରେ ଆଦିବାସୀ ଭାଷାରେ ଶେକ୍ସପିୟରଙ୍କ ନାଟକ ପରିବେଷଣ କରିବେ। ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଉଭୟ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀମାନେ ଏକାଠି ରୋମିଓ-ଜୁଲିଏଟ୍, ମ୍ୟାକବେଥ୍-ହାମଲେଟ୍ ଉପରେ ଶେକ୍ସପିୟରଙ୍କ ଲିଖିତ ସାନ୍ତାଳୀ ଭାଷାରେ ଅଭିନୟ କରିବେ। ସାନ୍ତାଳୀ ଭାଷା ଓଲ୍ ଚିକି ଲିପି ସଂପ୍ରତି ୧୦୦ ବର୍ଷ ପୂରଣ କରିଛି। ଏହା ସହିତ ଛାତ୍ରଛାତ୍ରୀମାନେ ରୋମାନିଆନ୍ ସଂସ୍କୃତି ଓ ଭାଷା ଉପରେ ପାଠ୍ୟକ୍ରମ ପାଇଁ ଏକ ପ୍ରମାଣପତ୍ର ପାଇବେ। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ। ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ। ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ।

# ଶରତ କର ଫାଉଣ୍ଡେସନ୍‌ର କଲ୍ୟାଣମୂଳକ କାର୍ଯ୍ୟ ପ୍ରଶଂସନୀୟ



**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ କୃଷିର ବିକାଶ କ୍ଷେତ୍ରରେ ଶରତ କର ଓ ଅନିମା କର ଫାଉଣ୍ଡେସନର ଉଦ୍ୟମ ଅତ୍ୟନ୍ତ ଅନୁକରଣୀୟ ବୋଲି ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ସ୍ଥାନୀୟ ଓଡେଶା ଭବନ ପ୍ରେକ୍ଷାଳୟରେ ଫାଉଣ୍ଡେସନର ପଞ୍ଚମ ପ୍ରତିଷ୍ଠା ଦିବସ ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଶତପଥୀ ତାଙ୍କ ବକ୍ତବ୍ୟରେ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରିବାରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ଶରତ କୁମାର କରଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ମନୀନ୍ଦ୍ର କୁମାର ମେହେର ଏବଂ ବିଶିଷ୍ଟ ଅତିଥି ଭାବେ ଏସିଆ ମହାଦେଶୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଲିଡାରିଡ୍'ର ଅଧ୍ୟକ୍ଷ ଶତଦ୍ରୁ ଚଟ୍ଟୋପାଧ୍ୟାୟ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ପତ୍ରକାର ପ୍ରଫୁଲ୍ଲକଲ୍ୟାଣ ମହାପାତ୍ର ଏବଂ ସମାଜ ସେବା ପାଇଁ ଚୌଦ୍ୱାରସ୍ଥିତ 'ଉଦ୍ଧାର' ଫାଉଣ୍ଡେସନର ମୁଖ୍ୟ ନରୋତ୍ତମ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସେମାନଙ୍କୁ ସମ୍ମାନ ଫଳକ, ଉତ୍ତରୀୟ, ବୃକ୍ଷଚାରା ଓ ଅର୍ଥରାଶି ପ୍ରଦାନ କରିଥିଲେ। ଏଥିସହ ଫାଉଣ୍ଡେସନର 'ଉତ୍କଳ ଦିବସ' ବିଶେଷାଙ୍କ ସହିତ ସତ୍ୟାନନ୍ଦ ଦାଶଙ୍କ କବିତା ପୁସ୍ତକ 'କୁନା ପାଇଁ ଦୁନା ଫୁଲ' ଏବଂ ଅବନୀ ଚନ୍ଦ୍ର ଦାସଙ୍କ ରଚିତ 'ମୋ କଲମ କଥା କହେ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେସନର ଡିଜିଟାଲ ପୋର୍ଟାଲ 'ନିର୍ଭୀକ'ର ସମ୍ପାଦକ ଅବନୀ ଚରଣ ଦାସ ସଭା ପରିଚାଳନା କରିଥିବା ବେଳେ ସହ-ଅଧ୍ୟକ୍ଷ ସୁମନ କର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବନ୍ଦନା ଏବଂ ରାଜ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ସାଉଦି ଆରବ ମାଟିରେ ଗୁଞ୍ଜରିଲା 'ବନ୍ଦେ ଉତ୍କଳ ଜନନୀ'



**ଦମାମ (ସାଉଦି ଆରବ), ୪।୪/ଏନ୍ଏନ୍ଏସ୍:** ବିଶ୍ୱର ସାମ୍ପ୍ରତିକ ଜଟିଳ ପରିସ୍ଥିତି ମଧ୍ୟରେ ସୁଦୂର ସାଉଦି ଆରବରେ ପ୍ରତିଧ୍ୱନିତ ହୋଇଛି ଓଡ଼ିଆ ଅସ୍ମିତାର ସ୍ୱର। ସାଉଦି ଆରବର ପ୍ରତିଷ୍ଠିତ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ 'କଳିଙ୍ଗନ୍' ପକ୍ଷରୁ ଦମାମଠାରେ ଉତ୍କଳ ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୨୦୦ରୁ ଅଧିକ ଓଡ଼ିଆ ପରିବାର ଏକାଠି ହୋଇ ବିଦେଶ ମାଟିରେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ଛାପ ଛାଡିଛନ୍ତି। ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ବିଶ୍ୱ ଶାନ୍ତି ପାଇଁ ସମସ୍ତ ସଦସ୍ୟଙ୍କ ପକ୍ଷରୁ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟର 'ମଙ୍ଗଳାଚରଣ' ଏବଂ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ 'ସମ୍ବଲପୁରୀ ନୃତ୍ୟ' ଦର୍ଶକମାନଙ୍କୁ ବିମୋହିତ କରିଥିଲା। ବିଶେଷ କରି କୁନି କୁନି ପିଲାମାନେ ଓଡ଼ିଶାର ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଦେଇଥିବା ବକ୍ତବ୍ୟ ସମସ୍ତଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା। କଳିଙ୍ଗନ୍‌ର ଚିଫ୍ ସର୍ଭିସ କୋଅର୍ଡିନେଟର ଶେଖ ଶରାଫତ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ, ବିଦେଶ ମାଟିରେ ମଧ୍ୟ ନିଜ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏବଂ ନୂତନ ପିଢ଼ିକୁ ଓଡ଼ିଆ ପରମ୍ପରା ସହ ଯୋଡ଼ିବା ଆମର ମୂଳ ଲକ୍ଷ୍ୟ। ସମଗ୍ର କାର୍ଯ୍ୟକ୍ରମଟିକୁ କଳିଙ୍ଗନ୍ କୋର୍ କମିଟିର ସଦସ୍ୟ ଶିଶିର ଅଗଷ୍ଟିନ୍, ବିଶ୍ୱ ରଞ୍ଜନ ସାହୁ, ଦିଗମ୍ବର ମହାକୁଡ଼, ଇମତିଆଜ ଅଲି, ଜ୍ୟୋତିର୍ମୟ ଦାସ, ପ୍ରୀତମ ମହାନ୍ତି, ରଞ୍ଜନ ରଥ, ସନ୍ତୋଷ ଦାସ, ସୋଭନ ମହାନ୍ତି ଏବଂ ସୂର୍ଯ୍ୟକାନ୍ତ ଦାସ ସୁଚାରୁରୂପେ ପରିଚାଳନା କରିଥିଲେ।

# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** କିଟ୍ ଇଣ୍ଟର୍‌ନାସ୍‌ନାଲ୍ ସ୍କୁଲ୍- 'ସେନ୍ ଗ୍ଲୋବ' ପକ୍ଷରୁ ଆଜି ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବେଶ ପ୍ରଶଂସନୀୟ। ଏଭଳି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ବିକାଶରେ ହିଁ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ଏହା ଏକ ରୋଗ ନୁହେଁ ବରଂ ଏକ ଅବସ୍ଥା ବୋଲି କୁହାଯାଇପାରେ। ତେବେ ସେମାନଙ୍କଠାରେ ଅନେକ ଅନ୍ତର୍ନିହିତ ଗୁଣ ଲୁକ୍କାୟିତ ଭାବେ ରହିଛି। ସମସ୍ତଙ୍କର ମିଳିତ ସହଯୋଗ ରହିଲେ ସେମାନଙ୍କ ଏହି ଗୁଣର ପରିପ୍ରକାଶ ହୋଇପାରିବ। ଏଥିପାଇଁ ଯଥେଷ୍ଟ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ। ସେମାନଙ୍କ ବିକାଶ ଦିଗରେ ରାଜ୍ୟ ସରକାର ମଧ୍ୟ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେମାନେ ଯେଭଳି ସମାଜରେ ସମାନ ଭାବେ ଚଳିବେ ଓ ସେମାନଙ୍କୁ ସମାନ ସମ୍ମାନ ଓ ଅଧିକାର ମିଳିବ ସେଥିପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଏହି ସ୍ୱତନ୍ତ୍ର ପିଲାଙ୍କ ବିକାଶ ଲାଗି ସମୟ ଓ ଧୈର୍ଯ୍ୟ ନିହାତି ଆବଶ୍ୟକ। ସେନ୍ ଗ୍ଲୋବ୍‌ରେ ସେମାନଙ୍କ ଯତ୍ନ ନେଉଥିବା କର୍ମଚାରୀ ଓ ଶିକ୍ଷକଙ୍କ ସେମାନଙ୍କ ନିଷ୍ଠା ପାଇଁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହି ପିଲାଙ୍କୁ ଯେତେ ସମୟ ଓ ଧୈର୍ଯ୍ୟ ଦେବେ ସେହି ଅନୁସାରେ ସେମାନଙ୍କଠାରେ ଉନ୍ନତି ପରିଲକ୍ଷିତ ହେବ। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସହ ସେନ୍ ଗ୍ଲୋବ୍ ମିଶି କାମ କରୁଥିବାରୁ ଏହି ପିଲାଙ୍କୁ ଅଧିକ ଏକସପୋଜର ମିଳି ପାରୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଗତ ୧୨ ବର୍ଷ ଧରି କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଅତି ନିଷ୍ଠାର ପରିଚାଳନା ହେଉଛି। ଇତି ମଧ୍ୟରେ ତିନିଜଣ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥାରେ ପରିବର୍ତ୍ତନ ପରେ ସେମାନଙ୍କୁ ସାଧାରଣ ସ୍କୁଲ୍‌ରେ ଅନ୍ୟ ପିଲାଙ୍କ ସହ ପାଠ ପଢ଼ିବାରେ ସକ୍ଷମ ହୋଇପାରିଥିବା ଡ. ବଳ ସୂଚନା ଦେଇଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଏମ୍‌ସିଏଲ୍‌ର ୩୫ତମ ପ୍ରତିଷ୍ଠା ଦିବସ




**ସମ୍ବଲପୁର,୪।୪/ଏନ୍ଏନ୍ଏସ୍:** ଚଳିତ ଆର୍ଥିକ ବର୍ଷରେ କମ୍ପାନୀର ଚମତ୍କାର ପ୍ରଦର୍ଶନକୁ ପାଳନ କରି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ଶୁକ୍ରବାର ଦିନ ଏହାର ୩୫ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ କମ୍ପାନୀ ମୁଖ୍ୟାଳୟରେ 'ରନ୍ ଫର୍ ଏକ୍ସେଲେନ୍ସ' ରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ନିର୍ଦ୍ଦେଶକ, ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି), କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେ କମ୍ପାନୀର ୩୫ତମ ପ୍ରତିଷ୍ଠା ଦିବସ ଅବସରରେ ଏମ୍.ସି.ଏଲ୍ ପରିବାରକୁ ଶୁଭେଚ୍ଛା ଜଣାଇବା ସହିତ ୨୦୨୫-୨୬ ଆର୍ଥିକ ବର୍ଷରେ କ୍ରମାଗତ ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ଅତ୍ୟନ୍ତ ଆନନ୍ଦ ଏବଂ ସନ୍ତୋଷର ବିଷୟ ଯେ ଆମର କମ୍ପାନୀ ଭଲ ପ୍ରଦର୍ଶନ ଜାରି ରଖିଛି ଏବଂ ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। କମ୍ପାନୀର ପୂର୍ବତନ ନେତୃତ୍ୱଙ୍କ ଅବଦାନ ପାଇଁ କୃତଜ୍ଞତା ବ୍ୟକ୍ତ କରି ଶ୍ରୀ କାଓଲେ ଦେଶର ଶକ୍ତି ଆବଶ୍ୟକତା ପୂରଣରେ ଏମ୍.ସି.ଏଲକୁ ନିରନ୍ତର ସମର୍ଥନ ପାଇଁ କୋଇଲା ମନ୍ତ୍ରଣାଳୟ, କୋଲ ଇଣ୍ଡିଆ, ଓଡ଼ିଶା ରାଜ୍ୟ ପ୍ରଶାସନ, ଜନ ପ୍ରତିନିଧି ଏବଂ ଟ୍ରେଡ ୟୁନିଅନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ପୂର୍ବତନ ସି.ଏମ୍.ଡି. ମାନେ କୋଇଲା କ୍ଷେତ୍ର ସହ ଜଡ଼ିତ ସମସାମୟିକ ପ୍ରସଙ୍ଗ-କୋଇଲା ଚାହିଦା, ସମ୍ବଳର ସର୍ବୋତ୍ତମ ଉପଯୋଗ ପାଇଁ ରଣନୀତି ଇତ୍ୟାଦି ଉପରେ ନିଜର ମତ ରଖିଥିଲେ। ଏହି ଅଧିବେଶନରେ ମୁଖ୍ୟାଳୟ ସହିତ ବିଭିନ୍ନ ପରିଚାଳନା କ୍ଷେତ୍ରର ଅଧିକାରୀ, କର୍ମଚାରୀ ଏବଂ ଟ୍ରେଡ ୟୁନିଅନର ପ୍ରତିନିଧିଗଣ ସାମିଲ ହୋଇଥିଲେ। ପୂର୍ବତନ ସି.ଏମ.ଡି ଏ.ଆର୍ ଶର୍ମା, ଶ୍ରୀ ଏସ୍.ଏନ୍ ଶର୍ମା, ଏସ୍. ଆର୍. ଉପାଧ୍ୟାୟ, ଏ. ଏନ୍. ସହାୟ, ଏ. କେ. ଝା, ଆର୍. ଆର୍. ମିଶ୍ର, ବି. ଏନ୍. ଶୁକ୍ଳା, ପି. କେ. ସିହ୍ନା ଏବଂ ଓ.ପି. ସିଂହ, କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ପି. କେ. ପଟେଲ, ମୁଖ୍ୟ ସତର୍କତା ଅଧିକାରୀ ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ୍. କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଏହି ଅବସରରେ ଉପସ୍ଥିତ ଥିଲେ। 'ଷ୍ଟାର ନାଇଟ୍' କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା, ଯେଉଁଥିରେ ପ୍ରସିଦ୍ଧ ବଲିଉଡ ଗାୟକ ପଦ୍ମଶ୍ରୀ ସୋନୁ ନିଗମ ଏକ ଲାଇଭ୍ କନ୍ସର୍ଟରେ ନିଜର ଚମତ୍କାର ପ୍ରଦର୍ଶନ ସହିତ ସମାବେଶକୁ ମନ୍ତ୍ରମୁଗ୍ଧ କରିଥିଲେ।

# ବିଦ୍ୟାଳୟ ପ୍ରବେଶ ଉତ୍ସବ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏପ୍ରିଲ ୨ ରୁ ୮ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ 'ବିଦ୍ୟାଳୟ ପ୍ରବେଶ' କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ ଶ୍ରୀବିହାର, ପଟିଆସ୍ଥିତ ବାଲ୍ୟାଂଶ ପ୍ଲେ ସ୍କୁଲରେ ନୂତନ ଶିକ୍ଷା ଅଧିବେଶନ ୨୦୨୬-୨୭ ପାଇଁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସମୀରା କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁନି କୁନି ବିଦ୍ୟାର୍ଥୀମାନଙ୍କୁ ଆନ୍ତରିକତାର ସହ ସ୍ୱାଗତ କରାଯାଇଥିଲା। ସ୍କୁଲ ପରିସରକୁ ରଙ୍ଗୀନ ବେଲୁନ୍, ସୃଜନଶୀଳ ପ୍ରଦର୍ଶନୀ ଓ ସାଜସଜ୍ଜାରେ ସୁନ୍ଦର ଭାବେ ସଜାଯାଇ ଏକ ଉତ୍ସବର ପରିବେଶ ସୃଷ୍ଟି କରାଯାଇଥିଲା। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହର ସହ ସ୍ୱାଗତ କରିବା ଫଳରେ ପ୍ରଥମ ଦିନରେ ପିଲାମାନଙ୍କ ମଧ୍ୟରେ ଥିବା ପ୍ରାରମ୍ଭିକ ଭୟ ଦୂର ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକଳାପ, ସଙ୍ଗୀତ ଏବଂ ଇଣ୍ଟରାକ୍ଟିଭ୍ ଖେଳର ଆୟୋଜନ କରାଯାଇଥିଲା। ପିଲାମାନଙ୍କ ମନରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ସହ ଆଗାମୀ ଶିକ୍ଷାବର୍ଷ ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ଥିଲା। ଏହି ସ୍ମରଣୀୟ ପ୍ରାରମ୍ଭିକ ଦିବସରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



## ଶାନ୍ତି ଓ ଗାନ୍ଧୀବାଦର ପ୍ରଚାର ପାଇଁ ଡ. ସାନିଆଲଙ୍କ ଇଂଲଣ୍ଡ-ସ୍କଟ୍‌ଲାଣ୍ଡ ଗସ୍ତ

**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ହରିଜନ ସେବକ ସଂଘର ଜାତୀୟ ସଭାପତି ଡ. ଶଙ୍କର କୁମାର ସାନିଆଲ ଶାନ୍ତି ଓ ଗାନ୍ଧୀବାଦର ପ୍ରଚାର ପାଇଁ ଇଂଲଣ୍ଡ ଓ ସ୍କଟଲାଣ୍ଡ ଗସ୍ତ କରିଛନ୍ତି। ତାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ଯାତ୍ରା ପାଇଁ ହରିଜନ ସେବକ ସଂଘ ଓଡ଼ିଶା ଶାଖା ପକ୍ଷରୁ ସାଧାରଣ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି ଓ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଆନ୍ତରିକ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗି ରହିଥିବା ସଂଘର୍ଷ ଓ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଡ. ସାନିଆଲଙ୍କ ଏହି ଗସ୍ତ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ଯାତ୍ରା ମାଧ୍ୟମରେ ବିଶ୍ୱ ମଞ୍ଚରେ ଗାନ୍ଧୀଜୀଙ୍କ ଅହିଂସା, ସତ୍ୟ ଓ ଶାନ୍ତିର ସନ୍ଦେଶ ଆହୁରି ସୁଦୃଢ଼ ହେବ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ଏହି ପଦକ୍ଷେପ ଭାରତର ଗାନ୍ଧୀବାଦୀ ପରମ୍ପରାକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାରିତ କରିବା ସହ ବିଶ୍ୱ ଶାନ୍ତି ପାଇଁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିବ। ଡ. ସାନିଆଲଙ୍କ ଏହି ମହତ ଯାତ୍ରାର ସଫଳତା ପାଇଁ ଓଡ଼ିଶା ଶାଖାର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ



**ଭୁବନେଶ୍ୱର,୪।୪/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ। ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ରହିଛି। ତା' ଭିତରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ। ଏଠାକାର ଉନ୍ନତ ଭିତ୍ତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ। ବୈଠକରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



**କଣ୍ଟାପଡ଼ା,୪।୪/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ବି. ଏମ୍ ନୋଡାଲ ଉଚ୍ଚବିଦ୍ୟାଳୟରେ ଆଜି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମୁତାବକ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଜିର ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କଣ୍ଟାପଡ଼ା ବ୍ଲକ ଆନ୍ସୁ ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବରେ ମଣ୍ଡଳ ଶିକ୍ଷାଧିକାରୀ ରବିନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବରେ କଣ୍ଟାପଡ଼ା ସମିତି ସଭ୍ୟ ପବିତ୍ର ମୋହନ ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅଜିତ କୁମାର ମହାପାତ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସବିତାରାଣୀ ସାହୁ ପ୍ରମୁଖଅତିଥି ଭାବରେ ଯୋଗଦେଇଥିଲେ, ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବରେ ବହୁ ସଂଖ୍ୟାରେ ନବାଗତ ଛାତ୍ରଛାତ୍ରୀମାନେ ନୂଆ ଭାବରେ ନିଜର ଶିକ୍ଷା ଗ୍ରହଣ ନିମିତ୍ତ ନାମ ଲେଖାଇଥିଲେ। ଉପସ୍ଥିତ ଅତିଥିମାନେ ନବାଗତଙ୍କୁ ଗୋଲାପ ଫୁଲ, ଖାତା କଲମ ଓ ମିଠା ଖୁଆଇ ଶିକ୍ଷାଗ୍ରହଣ ନିମିତ୍ତ ଉତ୍ସାହିତ କରିଥିଲେ, ନବାଗତ ଛାତ୍ରଛାତ୍ରୀମାନଙ୍କ ସହ ଆସିଥିବା ଅଭିଭାବକମାନେ ମଧ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିମାନଙ୍କଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମ ଓ ଆତିଥେୟତାକୁ ପ୍ରଶଂସିତ କରିଥିଲେ, ବହୁ ସଂଖ୍ୟାରେ ନବାଗତ ଛାତ୍ରଛାତୀ ପ୍ରଥମ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ନାମ ଲେଖାଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଦେବାଶିଷ୍ କର. ରାଜାଗଂଜନ ଦାସ ଓ ଶିକ୍ଷୟିତ୍ରୀ ପ୍ରଭୀ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଡ୍ରେନ୍ ସଫା ଓ ନିର୍ମାଣ ଶେଷ

**କଣ୍ଡିଲୋ,୪।୪/ଏନ୍ଏନ୍ଏସ୍:** କଣ୍ଡିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମୁଖ୍ୟ ରାସ୍ତାର ବାମ ପାର୍ଶ୍ୱରେ ପାଣୁ ସାହୁପାଟଣା ଅଞ୍ଚଳ କୁ ଲମ୍ବିଥିବା ଆର ଡି ଡିପାର୍ଟମେଣ୍ଟ ଅଧୀନ ଡ୍ରେନ୍‌ଟି ଦୀର୍ଘ ତିନିବର୍ଷରୁ ଉର୍ଦ୍ଧ ସମୟ ହେବ ପୋତି ହୋଇ ଅସନା ପାଣି ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ ପୁତିଗନ୍ଧମୟ ଯୋଗୁ ସର୍ବ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗଣମାଧମରେ ଏହାର ନିରାକରଣ ପାଇଁ ଖବର ପ୍ରକାଶିତ ହୋଇଥିଲା। ବିଳମ୍ବରେ ହେଲେ ମଧ ଆର୍‌ଡି ଡିପାର୍ଟମେଣ୍ଟ ଅଧିକାରୀ ଓ ଯନ୍ତ୍ରୀମାନେ ପ୍ରକାଶିତ ଖବର ପ୍ରଭାବରେ ପୋତିହୋଇ ରହିଥିବା ଡ୍ରେନ ମାଟି ବାହାରକରି ସଫାକରି ବାଲି ସିମେଣ୍ଟ ଚିପ୍ସ ମାଧମରେ କଣ୍ଡିଲୋ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପାଣୁ ସାହୁ ପାଟଣା ଅଞ୍ଚଳକୁ ଲମ୍ବିଥିବା ଡ୍ରେନ କାର୍ଯ୍ୟ ସମ୍ପନ୍ନ କରି ତା' ଉପରେ କଭର କରିଥିବା ନଜରକୁ ଆସିଛି।

# ବ୍ଲକ୍ କଂଗ୍ରେସ ସଭାପତି ନିଯୁକ୍ତ



**ଅସ୍ତରଙ୍ଗ,୪।୪/ଏନ୍ଏନ୍ଏସ୍:** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ପୁରୀ ଜିଲ୍ଲା ଅନ୍ତର୍ଗତ ସମସ୍ତ ବ୍ଲକ ଓ ସହର କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ଭାବେ ଯୁବନେତା ପ୍ରତାପ ଖୁଣ୍ଟିଆ ମନୋନୀତ ହୋଇଛନ୍ତି। ତୃଣମୂଳ ସ୍ତରରୁ ନିଜ ବଂଶଗତ ପୂର୍ବଜଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ରାଜନୀତିରେ ସକ୍ରିୟ ଭାବେ ଯୋଗଦେଇ ଅସ୍ତରଙ୍ଗ ବ୍ଲକ କଂଗ୍ରେସକୁ ସୁଦୃଢ଼ କରିବାରେ ଶ୍ରୀ ଖୁଣ୍ଟିଆଙ୍କ ଭୂମିକା ଦଳୀୟ ନେତୃତ୍ୱଙ୍କ ଦୃଷ୍ଟିକୁ ଆସିଥିଲା।ସେ ବିଗତ ଦିନରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ପ୍ରତାପଙ୍କ ଧର୍ମପତ୍ନୀ ମଞ୍ଜୁଲତା ଖୁଣ୍ଟିଆ କଂଗ୍ରେସ ପ୍ରାର୍ଥୀ ଭାବେ ନଇଗୁଆଁ ଗ୍ରାମପଞ୍ଚାୟତରୁ ୧୨୪୬ ଅଧିକ ଭୋଟରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ ପଞ୍ଚାୟତ ସମେତ ବ୍ଲକ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ କରିବାରେ ଚେଷ୍ଟା ଜାରି ରଖିଛନ୍ତି। କଂଗ୍ରେସ ଦଳର ଜଣେ ଯୁବ ସଂଗଠକ ଭାବେ ଅସ୍ତରଙ୍ଗ ବ୍ଲକ ସମେତ କାକଟପୁର ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ହାସଲ କରିଥିବା ପ୍ରତାପ ଖୁଣ୍ଟିଆଙ୍କ ଉପରେ ରାଜ୍ୟ ନେତୃତ୍ୱ ଆସ୍ଥା ପ୍ରକଟ କରି ବ୍ଲକ ସଭାପତି ଭାବେ ଚୟନ କରିବା ତାଙ୍କ ଦାୟିତ୍ୱକୁ ବହୁଗୁଣିତ କରିଥିବା ସେ କହିଛନ୍ତି।

# ଋଷିପଡ଼ା ହାଇସ୍କୁଲ୍ ୧୯୯୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**କୋଣାର୍କ,୪।୪/ଏନ୍ଏନ୍ଏସ୍:** କୋଣାର୍କ ନିକଟସ୍ଥ ଶିରିପୁର ଗ୍ରାମ 'ସାଗର ଗ୍ରୀନ୍ ରିସର୍ଟ'ରେ ପୁରାତନ ଛାତ୍ର ଭାସ୍କର କାଣ୍ଡି, ସତ୍ୟରଞ୍ଜନ ପରିଡା ଓ ବୃଷଦ୍ୱଜ ପାଣିଙ୍କ ନେତୃତ୍ୱରେ ଋଷିପଡା ହାଇସ୍କୁଲ ୧୯୯୫ ବ୍ୟାଚ୍ ମାଟ୍ରିକ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁ ମିଳନ ମହାସମାରୋହରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସପରିବାର ଯୋଗଦେଇ ପ୍ରଥମେ ନିଜ ନିଜର ପରିଚୟ ପ୍ରଦାନ ସହ ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ। ସମାଜର ବିବିଧ କ୍ଷେତ୍ରରେ ପ୍ରତିଷ୍ଠିତ ପୁରାତନ ଛାତ୍ରଛାତ୍ରୀ ମାନେ ନିଜ ନିଜର ଜୀବନାନୁଭୂତିକୁ ସପରିବାର ଉପସ୍ଥିତ ରହି ନିଜ ନିଜ ମଧ୍ୟରେ ପରିପ୍ରକାଶ କରିଥିଲେ। ଏହି ବନ୍ଧୁ ମିଳନକୁ ପୁରାତନ ଛାତ୍ର କୈଳାସ ସେନାପତି, ସବିତା ରାଉତରାୟ, ପୁଷ୍ପଲତା ବାରିକ, ଦୁଷ୍ମନ୍ତ ସ୍ୱାଇଁ, ବବିତା ସାମନ୍ତରାୟ, ବିଷ୍ଣୁପ୍ରିୟା ନାୟକ, କିରଣବାଳା ସ୍ୱାଇଁ, ସନ୍ଧ୍ୟାତାରା ସଗଡିଆ, ଲକ୍ଷ୍ମୀପ୍ରିୟା ମହାପାତ୍ର, ଅହଲ୍ୟା ବେହେରା, ଲିଲିମଣି ଛୋଟରାୟ, ରଞ୍ଜିତା ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଦଶପଲ୍ଲାର ଐତିହାସିକ ଲଙ୍କାପୋଡ଼ି ଯାତ୍ରା

**ଦଶପଲ୍ଲା,୪।୪/ଏନ୍ଏନ୍ଏସ୍:** ଦଶପଲ୍ଲା ଐତିହାସିକ ଲଙ୍କାପୋଡି ଯାତ୍ରା ସାରା ଭାରତ ବର୍ଷରେ ବେଶ ପ୍ରସିଦ୍ଧି ଲାଭକରିଛି। ଏହି ଲଙ୍କାପୋଡି ଯାତ୍ରା ଚଳିତବର୍ଷ ୨୨୪ବର୍ଷରେ ପଦାର୍ପଣ କରିଛି । ଦଶପଲ୍ଲା ଲଙ୍କାପୋଡି ଯାତ୍ରା ଯେତିକି ପ୍ରସିଦ୍ଧ ଲାଭ କରିଛି ଲଙ୍କାପୋ ପାଡି ଯାତ୍ରା ରେ ଶୋଭା ପାଉଥିବା ଚଳନକ୍ଷମ ୩୫ ଫୁଟ ଉଚତା ବିଶିଷ୍ଟ କାଠ ନିର୍ମିତ ଦଶାନନ ରାବଣ ଓ କାଠ ନିର୍ମିତ ଚଳନକ୍ଷମ ପୁଷ୍ପକବିମାନ ସେତିକି ପ୍ରସିଦ୍ଧଲାଭ କରିଛି। ସାଧାରଣତଃ ରାବଣ କହିଲେ ହଠାତ ମନକୁ ଅସୁର ବୋଲି ଆସୁଥିବା ବେଳେ ପ୍ରକୃତ ରେ ରାବଣ ଜଣେ ରୁକବେଦ ଭକ୍ଷ୍ୟକାର, ଶିବଙ୍କ ଧର୍ମ ପୁତ୍ର, ଶକ୍ତି ସାଧକ, ଶ୍ରେଷ୍ଠ ବ୍ରାହ୍ମଣ, ଶ୍ରେଷ୍ଠ ପଣ୍ଡିତ,ରାବଣ ସଂହିତାର ରଚୟିତା ବିଶ୍ରବା ନନ୍ଦନ ରାବଣ। ପରମ୍ପରା ଅନୁଯାୟୀ ଦଶପଲ୍ଲାର କାଷ୍ଠ ନିର୍ମିତ ରାବଣକୁ ସୀତାହରଣ ଦିନ ଠାରୁ ଦେଖିବାକୁ ମିଳିଥାଏ। ବିଭିନ୍ନ ଅସ୍ତ୍ରରେ ସୁସଜ୍ଜିତ ହୋଇ ଏହି ରାବଣ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ଶୋଭାବର୍ଦ୍ଧନ କରିଥାଏ। ପରମ୍ପରା ଅନୁଯାୟୀ ସୀତାଚୋରି ଦିନ ଏହି କାଷ୍ଠ ନିର୍ମିତ



ରାବଣକୁ ଶ୍ରେଷ୍ଠ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଜୀବନ୍ୟାସ କରାଯାଇଥାଏ। ରାମଲୀଳା ନାଟକରେ ରାବଣ ଭୂମିକାରେ ନାଚ କରୁଥିବା କଳାକାର ରାମଙ୍କ ସହ ଯୁଦ୍ଧ କରି କିଛିବାଟ ଆସିବା ପରେ ଚାଲିଯାଆନ୍ତି। ମାତ୍ର ଶ୍ରୀରାମ ଓ ଲକ୍ଷ୍ମଣ ଭୂମିକାରେ ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ ରଥରେ ରହି ଆଗକୁ ଆଗକୁ ବଢି ଚାଲିଥିବା ବେଳେ ଏହି କାଠ ନିର୍ମିତ ରାବଣ ପଛ ଘୁଞ୍ଚା ଦେଇ ପଛକୁ ପଛକୁ ନିଆଯାଇଥାଏ। ଶେଷରେ ଶ୍ରୀରାମଙ୍କ ବ୍ରହ୍ମ ଅସ୍ତ୍ରରେ ରାବଣ ନିଧନ ନାଟକ ଶେଷ ହେବା ପରେ ଏହି କାଠ ନିର୍ମିତ ରାବଣର ମୁଖ୍ୟ ମୁଣ୍ଡକୁ ବଙ୍କା କରିଦିଆଯାଇଥାଏ। ରାବଣକୁ ବଦ୍ଧକରି ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ବେଶ ଆକର୍ଷଣୀୟ ହୋଇଥାଏ। ଦଶପଲ୍ଲାର ଏହି କାଠନିର୍ମିତ ରାବଣ ଏବଂ କାଠ ନିର୍ମିତ ପୁଷ୍ପକ ବିମାନର ସ୍ୱତନ୍ତ୍ରତା ଏବେ ବି ରହିଥିବା ବେଳେ ଏହା ଲଙ୍କାପୋଡି ଯାତ୍ରାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ।

# ଭଗବତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଣ୍ଟାପଡ଼ା,୪।୪/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଉରୁଜଙ୍ଗଭଗବତୀ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ ଭ୍ରମରବର ପ୍ରଧାନଙ୍କ ସଭାପତିତ୍ୱରେ ଓ ବିଦ୍ୟାଳୟର ସଂପାଦକ ଆଇନଜୀବୀ ଆଶ୍ୱିନୀ କୁମାର ମହାନ୍ତିଙ୍କ ସର୍ବପ୍ରଥମେ ବିଦ୍ୟାଳୟର ସଂପାଦକୀୟ ବିବରଣୀ ପାଠ ପରେ ବାର୍ଷିକ ଉତ୍ସବ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ଲୋକସଭା ସାଂସଦମାନ୍ୟବର ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ନିଆଳୀ ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଙ୍କ ଛବି ମଲିକ, ମଖ୍ୟୁବକ୍ତା ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି, ଅନ୍ୟତମ ଅତିଥି ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ବିଶିଷ୍ଟ ଗୀତିକାର ସୁଧାକର ମିଶ୍ର, ଟେଲିଫିଲ୍ମ କଳାକାର ପ୍ରଣୀତ କୁମାର, କଣ୍ଟାପଡ଼ା ବ୍ଲକ ଆମ୍ବା ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର, ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, କଟକ ଜିଲ୍ଲା ସାଂସଦଙ୍କ ପ୍ରତିନିଧି ବଂଧୁ ଚରଣ ସାହୁ, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ବିଜେପି ନେତା ସୁଦର୍ଶନ ଜେନା, ଯୁବ ସଂଗଠକ ରଂଜନ କୁମାର ଦାସ, ନାରୀନେତ୍ରୀ ମଧୁସ୍ମିତା ମହାନ୍ତି,କମଳାକାନ୍ତ ରାଜତରାୟ ,ଗଣେଶ୍ୱର ମାଲିକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଜୟ କୁମାର ପାତ୍ର, ଶ୍ରେଷ୍ଠ ଶିକ୍ଷୟତ୍ରୀ ସରୋଜିନୀ ଆଚାର୍ଯ୍ୟ, ଶ୍ରେଷ୍ଠ ଶିକ୍ଷକ ଅଶୋକ କୁମାର ମହାନ୍ତି, ସମାଜସେବୀ ରଞ୍ଜନ କୁମାର ଦାସ, ମାନବାଧିକାର କର୍ମୀ, କବୟିତ୍ରୀ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଂପାଦକ ସ୍ୱାଗତ ଭାଷଣ ରଖିଥିଲା ବେଳେ ପ୍ରଧାନ ଶିକ୍ଷକ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାମନ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



**ବୋଲଗଡ଼,୪।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' ସଭିଏଁ ସ୍କୁଲ ଯିବା ବୋଲଗଡ଼ ମୁଖ୍ୟାଳୟସ୍ଥ ବାମନ ଉଚ୍ଚ ବିଦ୍ୟାଳୟ ପରିସର ସଭାଗୃହରେ ମହାଆଡମ୍ବର ସହକାରେ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶିକ୍ଷା ସଚେତନତା ରଥକୁ ଉଦଘାଟନ କରିଥିଲେ। ଏହି ରଥ ବ୍ଲକ ଅଞ୍ଚଳ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏବିଇଓ କୈଳାସ ନାଥ ସ୍ୱାଇଁ, ଅନ୍ୟତମ ଏବିଇଓ ଅମିତା ମିଶ୍ର, ପିଏମଶ୍ରୀ ବାମନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ଦଳବେହେରା ଓ ପଞ୍ଚଶିକ୍ଷା ସେତୁ ଅଧକ୍ଷ ଗଦାଧର ଚମ୍ପତି ପ୍ରମୁଖ ଯୋଗଦେଇ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ଏଥିରେ ସମସ୍ତ ସିଆରସି, ବିଆରସି ଓ ଅଭିଭାବକ ପ୍ରମୁଖମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରବେଶ ଉତ୍ସବରେ ଯୋଗଦେଇଥିବା ଶିଶୁ ମାନଙ୍କ ମଥାରେ ଫୁଲ, ଚନ୍ଦନ ଓ ଦୁବ ଇତ୍ୟାଦି ପ୍ରଦାନ କରାଯାଇ ସେମାନଙ୍କୁ ଗୃହ ମଧ୍ୟକୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆରସିସ ମନମୋହନ କହଲସିଂହ ସଂଯୋଜନା କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ବଉଳକୁଦରେ ଲଉଡ଼ି ମେଳଣ ଉଦ୍‌ଯାପିତ



**ବୟାଳିଶମୌଜା,୪।୪/ଏନ୍ଏନ୍ଏସ୍:** କଟକ ସଦର ଅନ୍ତର୍ଗତ ବୟାଳିଶମୌଜା ବଉଳକୁଦ ଗ୍ରାମରେ ରାମନବମୀ ଦିନ ଠାରୁ ସାତ ଦିନ ପର୍ଯ୍ୟନ୍ତ ଗାୟକ ବିଦ୍ୟା ବାରିଧି ନିରଞ୍ଜନ ବାହିନିପତି ଏବଂ ଗାୟକ ଜ୍ଞାନସିନ୍ଧୁ ସୁବାସ ଚନ୍ଦ୍ର ସେନାପତି ପାଲା ପରିବେଷଣ କରିଥିଲେ। ଶେଷ ଦିନ ମା' ବରୁଣେଇ ଯାଦବ ସମିତି ଏବଂ ବଉଳକୁଦ ଗ୍ରାମ୍ୟ କମିଟି ମିଳିତ ଆୟୋଜନରେ ଲଉଡ଼ି ମେଳଣ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାଞ୍ଚଟି ଲଉଡ଼ି ଦଳ ଭାଗ ନେଇ ସେମାନଙ୍କ ଖେଳ ଦ୍ୱାରା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ କମିଟି ସଭାପତି ସୁବୋଧ କୁମାର ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା ଏବଂ ମୁଖ୍ୟ ବକ୍ତା ଭାବେ ବୟାଳିଶ ମୌଜା ବିକାଶ ପରିଷଦର ସଭାପତି ଆଡଭୋକେଟ୍ କେଶବ ଚନ୍ଦ୍ର କର ଯୋଗଦେଇ ସଂସ୍କୃତି ସମ୍ପନ୍ନ ଗ୍ରାମ ବଉଳକୁଦ ଗ୍ରାମରେ ବର୍ଷ ସାରା ବିଭିନ୍ନ କାର୍ଯ୍ୟକ୍ରମ ଶୃଂଖଳାର ସହ ଆୟୋଜନ କରୁଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ ଚିଭୋରମା ସ୍ୱାଇଁ, ବୁଲେଇ ବେହେରା, ଗ୍ରାମ୍ୟ କମିଟି କୋଷାଧକ୍ଷ ଶୁକଦେବ ବେହେରା, ମହନ୍ତି ଜୟ ଦେବତା, ଯୁବ ନେତା ପଦ୍ମନାଭ ଗୋଛାୟତ, ଗୋବର୍ଦ୍ଧନ ବେହେରା ଉପଦେଷ୍ଟା ଶୁକଦେବ ସେଠୀ, ଶରତ ଦେବତା, ନିରଞ୍ଜନ ରାଉତ,ଅନିଲ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାମ୍ବାଦିକ ଚନ୍ଦନ ମହାନ୍ତି ଏବଂ ଅସରଫ ଅଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ କମିଟି ସମ୍ପାଦକ ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସମାଜସେବୀ ସଞ୍ଜୟ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋହିବାଙ୍କରେ ପଞ୍ଚୁଦଣ୍ଡ ମହାମିଳନ

**ଓଡ଼ଗାଁ,୪।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କରେ ଶୁକ୍ରବାର ପଞ୍ଚୁଦଣ୍ଡ ମହାମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାବସର, ଚେମେଡି, ଖଙ୍ଗାରପଲ୍ଲୀ, ପଣ୍ଡିଖାରୀ ଓ ରୋହିବାଙ୍କ ଆଦି ୫ଟି ଗ୍ରାମର ଦଣ୍ଡଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲେ। ମହାମିଳନ କାଳରେ ଝୁଣାର ମହକରେ ମିଳନ ସ୍ଥଳ ମହକିତ ହୋଇଥିବାବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା। ଏହାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପଞ୍ଚ ଦଣ୍ଡଯାତ୍ରା ଦଳର ସାମୂହିକ ଗ୍ରାମ୍ୟ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭଦୃଶ୍ୟମାନ ହେବା ସହ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହ ପଞ୍ଚ ଦଣ୍ଡଦଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାନସିକଧାରୀ ରାଧାଗୋବିନ୍ଦ ନାୟକଙ୍କ ଦ୍ୱାରା ଆୟୋଜିତ ପଞ୍ଚୁଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ପରିଚାଳନାରେ ଗାଁ ସଭାପତି ରାଜେଶ କୁମାର ସୁବୁଦ୍ଧି ଓ ସମ୍ପାଦକ କାହ୍ନୁଚରଣ ଗୌଡଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍କାଉଟ ଗାଇଡ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଳଛତ୍ର ବ୍ୟବସ୍ଥା କରା ଯାଇଥିବାବେଳେ ବିଭିନ୍ନ ଅନୁଷ୍ଠାନ ଓ ଯୁବଗୋଷ୍ଠୀଙ୍କ ଦ୍ୱାରା ପଣା ବଣ୍ଟନ ହୋଇଥିଲା। ଏହି ଦଣ୍ଡ ମହାମିଳନରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି।

# ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ସମାରୋହ

**ନୟାଗଡ଼,୪।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାରୁ ବିଚ୍ଛିନ୍ନ ହୋଇ ନୟାଗଡ଼ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ଠିଆ ହେଲା। ଓଡ଼ିଶାର ୧୩ ଜିଲ୍ଲାରୁ ୩୦ ଜିଲ୍ଲାରେ ନୟାଗଡ଼ ଜିଲ୍ଲା ସ୍ଥାନ ପାଇଲା। ନୟାଗଡ଼ବାସୀ ଦୁଆର ମୁହଁରେ ସରକାରୀ ଭାବେ ପ୍ରଶାସନିକ ସେବା ପାଇଲେ। ଏହା କେବଳ ସମ୍ଭବ ହୋଇଥିଲା ତତ୍କାଳୀନ ମନ୍ତ୍ରୀ ଭାଗବତ ବେହେରାଙ୍କ ଉଦ୍ୟମ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟନାୟକଙ୍କ ଆଗ୍ରହ ଯୋଗୁଁ। ନୟାଗଡ଼ ଜିଲ୍ଲା ହେବା ପରେ ନୟାଗଡ଼ବାସୀ ତାହାର ଉପକାର ହାତ ପାଆନ୍ତାରେ ପାଇଲେ। ଏହାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଉତ୍ସାହର ସହିତ ପାଳନ କରାଯାଉଛି ଅପ୍ରେଲ ୨ତାରିଖକୁ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ। ଯାହାକି ଏହି ଦିନଟି ନୟାଗଡ଼ ଜିଲ୍ଲାବାସୀଙ୍କ ପାଇଁ ଆନନ୍ଦ ଓ ଉତ୍ସାହର ଦିନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନରେ ଅନୁଷ୍ଠିତ ଜିଲ୍ଲା ପ୍ରତିଷ୍ଠା ଦିବସ ସମାରୋହ ଉତ୍ସବରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ନୟାଗଡ଼ର ଗାଥା ନୟାଗଡ଼ ବନ୍ଦନା କୁନିକୁନି ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏଥିରେ ବହୁ ଜନସାଧାରଣ ଯୋଗଦେଇଥିଲେ।

# ଶିକ୍ଷାରଥ ଶୁଭାରମ୍ଭ କଲେ ବ୍ଲକ୍ ଅଧକ୍ଷା

**ଟିଗିରିଆ,୪।୪/ଏନ୍ଏନ୍ଏସ୍:** ଟିଗିରିଆ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ପୌରୋହିତ୍ୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସଂଧାରାଣୀ ନାୟକ ଯୋଗଦେଇ ସରକାରଙ୍କ ଏଭଳି ଏକ ଲୋକାଭିମୁଖି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରାକ୍ତନ ଆଠଗଡ ବ୍ଲକଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ସାମଲ, ସହଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ବ୍ଲକ ସାଧାମ ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ ବିଶିଷ୍ଟ ସମାଜସେବୀ ସରୋଜ କୁମାର ଦାଶ, ସଂଗୀତକାର ଧୂଷାସନ ସ୍ୱାଇଁ, ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ବିଶ୍ୱାଳ, ପ୍ରଧାନଶିକ୍ଷକ ବଟକୃଷ୍ଣ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଚନ୍ଦ୍ରକାନ୍ତ ମିଶ୍ର, କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଆସିଥିବା ସଚେତନ ରଥକୁ ବ୍ଲକ ଅଧକ୍ଷାଙ୍କ ସମେତ ସମସ୍ତ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୧୫ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକ ସହିତ ସମସ୍ତ ଅତିଥିଗଣ ଖଡିଛୁଆଁଇ ଥିଲେ। ପରେ ଶିକ୍ଷାଧିକାରୀଙ୍କ ଆହ୍ୱାନକ୍ରମେ ବିଦ୍ୟାଳୟରେ କିଭଳି ଶିକ୍ଷାଦାନ ସହଜ ହେଉଛି ଏବଂ ଅଭିଭାବକ ମାନଙ୍କର ଏଥିରେ କଣ ଭାଗିଦାରୀ ରହିଛି ଏହାକୁ ଉପସ୍ଥିତି ସମସ୍ତ ଅତିଥି ଓ ଅଭିଭାବକ ମାନ ପ୍ରସ୍ତୁତ ଥିବା ଶିକ୍ଷକ ରାଜେଶ ପଣ୍ଡା ପ୍ରସ୍ତୁତ ଖେଳଘର, ବରିଷ୍ଠ ଶିକ୍ଷକ ବିଦ୍ୟାଧର ସାମଲଙ୍କ ପ୍ରଯୋଜିତ ଗପରାଇଜ ଏବଂ ସନ୍ତୋଷ କୁମାର ଦାସଙ୍କ ରଙ୍ଗ ପସରାକୁ ବୁଲି ଦେଖିବା ସହିତ ସନ୍ତୁଷ୍ଟି ଲାଭ କରିଥିଲେ। ସମ୍ବଲ ଶିକ୍ଷକ ଜ୍ଞାନୋଦୟ ମିଶ୍ରଙ୍କର ସଂଯୋଜନାର ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ମୋ ହସ୍ତାକ୍ଷର ମୋ ପରିଚୟ' କାର୍ଯ୍ୟକ୍ରମ କରାଯାଇଥିଲା।

# ବକୁଳବନ ମହୋତ୍ସବ କମିଟି ପକ୍ଷରୁ ବସ୍ତ୍ର ଓ ପାଠ୍ୟୋପକରଣ ବଣ୍ଟନ



**ସାକ୍ଷୀଗୋପାଳ,୪।୪/ଏନ୍ଏନ୍ଏସ୍:** ସତ୍ୟବାଦୀ ବକୁଳ ବନ ମହୋତ୍ସବ କମିଟି ପକ୍ଷରୁ ଅଲଗୁମ ପଞ୍ଚାୟତର ଦନେଇବାଙ୍କ ନିକଟସ୍ଥ ଏକ ମଣ୍ଡପରେ ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତି ମାନଙ୍କୁ ବସ୍ତ୍ର ଓ ପାଠ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଚ୍ଚିକାନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପେଣ୍ଠପଡା ଗ୍ରାମପଞ୍ଚାୟତ ସରପଞ୍ଚ ଚିନ୍ମୟ ରାଉତ, ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ଡକ୍ଟର ଯୋଗେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଦୀନକୃଷ୍ଣ ପ୍ରଧାନ,ଅଲଗୁମ ମଣ୍ଡଳ ଯୁବ ସଭାପତି ଶିବ ପ୍ରସାଦ ରାଉତ, ସମିତି ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ଅତିଥି ଭାବରେ ଯୋଗଦେଇ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋ ରେ ମାଲ୍ୟାର୍ପଣ କରି ସଭାକୁ ଉଦ୍ଘାଟନ କରିଥିଲେ। ସମସ୍ତ ଅତିଥି ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଓ ପଞ୍ଚସଖା ଙ୍କ ଆତ୍ମଜୀବନୀ ଉପରେ ଆଲୋକ ପାତ କରିଥିଲେ ଓ ସତ୍ୟବାଦୀ ବନବିଦ୍ୟାଳୟର ମଣିଷ ତିଆରି କାରଖାନା ପ୍ରତିଷ୍ଠା କରି ଉତ୍କଳମଣି ସମାଜକୁ ଭଲ ମଣିଷ ହେବା ଓ ସେବା ସମର୍ପଣ ପାଇଁ ପ୍ରେରଣା ଦେବା ସହ ସବୁଦିନ ସ୍ମରଣୀୟ ହୋଇ ରହିବେ ଆଲୋଚନା ହୋଇଥିଲା। କବି ସଚ୍ଚିକାନ୍ତ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ଶ୍ରଦ୍ଧାଞ୍ଜଳି ପୁସ୍ତିକା ଉନ୍ମୋଚନ କରିଥିଲେ ଅତିଥିମାନେ। ୧୦୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା, ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବସ୍ତ୍ର, ବହି, ପେନ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସମ୍ପାଦକ ଯଯାତି କେଶରୀ ରାୟ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଧୀରଞ୍ଜନ ବିଶ୍ୱାଳ ଓ ଧନେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାହୁଡ଼ାଦାସ ମଠ ଯଜ୍ଞ ଉଦ୍‌ଯାପିତ

**ଫୁଲନଖରା,୪।୪/ଏନ୍ଏନ୍ଏସ୍:** ସଦର ଥାନା ବ୍ରାହ୍ମଣଝରିଲୋ କୁଶକଣ୍ଠାସ୍ଥିତ ସନ୍ଥ ଗୋସ୍ୱାମୀ ବାହୁଡ଼ା ଦାସ ମଠର ୨୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। କର୍ତ୍ତା ଅଜୟକୁମାର ପାତ୍ର ଓ ନିର୍ମଳା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଘୃତାହୁତି ମହାଯଜ୍ଞର ଉଦଯାପନ ସଂଧ୍ୟାରେ ପୁଲିସ ଅଧିକାରୀ, ଶିକ୍ଷାବିତ, ମୁରବି, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, କ୍ରୀଡ଼ାବିତ, ଚଳଚିତ୍ର କଳାକାର ଓ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆମନ୍ତ୍ରୀତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆରାଧ୍ୟା କଲଚରାଲ ଏକାଡ଼େମୀ କଳାକାରଙ୍କଦ୍ୱାରା ଆକର୍ଷଣୀୟ ନୃତ୍ୟ ସଂଗୀତ ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ସଂଧ୍ୟାରେ ରାୟପୁର, କୋକଲ, ଗବବସ୍ତ, ରାହୁରା, ବାଲିସାହି, କିଆପୋଖରୀ, ଗଙ୍ଗେଶ୍ୱର, ବାୟପୁରଣ, ବାଲିଜିପାଟଣା, ସନ୍ତୋଳ, ଦଳବାଡ଼ ଆଦି ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ତୋଷ କୁମାର ଜେନା, ସସ୍ମିତା ସାହୁ, ରମେଶଚନ୍ଦ୍ର ପ୍ରଧାନ, ରତ୍ନାକର ଓଝା, କୈଳାସ ଦାସ, ପଦିଆ ବେହେରା, ସୁରେନ୍ଦ୍ର ଦାସ, ମହେଶ୍ୱର ଦାସ, ସୁବାସ ଦାସ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପ୍ରା ବିଦ୍ୟାଳୟରେ ପ୍ଲାଷ୍ଟିକ୍ ସଚେତନତା



**କୁଆଁପାଳ,୪।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ସରକାରୀ କେନ୍ଦ୍ର ଉଚ୍ଚପ୍ରାଥମିକ ବିଦ୍ୟାଳୟ ନାହାଙ୍ଗ ପରିସରରେ ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ ପ୍ଲାଷ୍ଟିକ ସଚେତନତା କାର୍ଯ୍ୟକ୍ରମ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡଃ ଶରତ କୁମାର ବିଶ୍ୱାଳ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ପରିବେଶ ପ୍ରତି କ୍ଷତିକାରକ ବୋଲି ମତଦେବା ସହ ଏଥିପ୍ରତି ପିଲାମାନେ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ରାଜ୍ୟସରକାରଙ୍କ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ମଣ୍ଡଳର ପୂର୍ବତନ ଏବିଇଓ ନାରାୟଣ ରାଉତ, ଗ୍ରୀନ୍‌ଭିଜନ୍‌ର ନିର୍ଦ୍ଦେଶକ ବଳରାମ ପାତ୍ର, ପ୍ରାବନ୍ଧିକ ଡଃଏକାଦଶୀ ପ୍ରଧାନ, ସୁସାହିତ୍ୟିକ ଗୌତମ ଚରଣ ଜେନା, ସମ୍ମାନୀତ ବକ୍ତାଭାବେ ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ, ପୂର୍ବତନ ସିଆର୍‌ସିସି ହରେକୃଷ୍ଣ ସାହୁ, ରମାକାନ୍ତ ଦାସ, କବି ପ୍ରଫୁଲ୍ଲ କୁମାର ସିଂହ, ଆଧ୍ୟାତ୍ମିକ ବ୍ୟକ୍ତି ପିତାମ୍ବର ସ୍ୱାଇଁ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଶିକ୍ଷାବିତ୍ ନିରଂଜନ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ସାମ୍ବାଦିକ ବିଜୟ କୁଅଁର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳନ୍ଦି ଚରଣ ସାହୁ ଯୋଗଦେଇ ପ୍ଲାଷ୍ଟିକର ଭୟାଭୟତା ଦିନକୁ ଦିନ ପରିବେଶ ଉପରେ କୁପ୍ରଭାବ ପକାଉଛି ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ବନଶ୍ରୀ ବାରିକ, ଗୁନିମଣି ସୋରେନ୍ ଓ ମନୋରମା ବେହେରା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସିଆର୍‌ସିସି ଭାଗବତ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ନିତିଦିନ NITIDIN
ରବିବାର, ୫ ଏପ୍ରିଲ ୨୦୨୬

**ନିତି ଭାରତୀ**

କାମ ବାସନା, କ୍ରୋଧ ଏବଂ ଲୋଭ ନର୍କର ଦ୍ୱାର ଉନ୍ମୁକ୍ତ କରିଥାଏ।
- ଭଗବତ୍ ଗୀତା

# ଡିଜିଟାଲ ଅସମତା ଜାଲରେ ଜନତା



ବିମଳ ଷଡ଼ଙ୍ଗୀ

ନୀତି ନିୟମଗୁଡ଼ିକ ଯଦି ଉଭୟ ପକ୍ଷଙ୍କୁ ସୁହାଇଲା ଭଳି ହୋଇ ନଥାଏ, ତେବେ ସେଗୁଡ଼ିକ ପ୍ରକୃତ ନୀତି ନିୟମର ପଦବାଚ୍ୟ ନୁହେଁ, ବରଂ ବ୍ୟବସ୍ଥାଗତ ଜନ ଶୋଷଣର ପ୍ରକ୍ରିୟା ବୋଲି କୁହାଯାଇପାରେ। ଏହି ପ୍ରକାର ନୀତିଗୁଡ଼ିକ ଜନତାଙ୍କ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ସରକାରୀ ନିୟନ୍ତ୍ରଣ ଓ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇ ଥାଏ। ଆଜିର ଡିଜିଟାଲ ଯୁଗରେ ଦେଶରେ ପ୍ରଚଳିତ ଟେଲିକମ୍ ସେବାଗୁଡ଼ିକ ସାଧାରଣ ଲୋକଙ୍କ ଜୀବନର ଅଙ୍ଗ ହୋଇ ଯାଇଛି। ସରକାରଙ୍କ ପ୍ରଚଳିତ ଅର୍ଥ ଦେଣନେଣ ପ୍ରକ୍ରିୟାରେ ଡିଜିଟାଲ ସେବାର ଗୁରୁତ୍ୱ ସର୍ବାଧିକ, କିନ୍ତୁ ଏହାର ଆଢ଼ୁଆଳରେ ଲୁଚିଥିବା ଅନେକ ଏକପକ୍ଷୀୟ ନୀତି ସ୍ପଷ୍ଟ ଭାବରେ ସାଧାରଣ ଜନତାଙ୍କ ହିତକୁ ଅବହେଳା କରୁଛି। ଇଣ୍ଟରନେଟ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କଠାରୁ ଡାଟା କ୍ରୟ କରିବା ପ୍ରକ୍ରିୟା ଡିଜିଟାଲ ସେବାର ପ୍ରଥମ ମାଧ୍ୟମ, ଯାହାକୁ ଭାରତରେ ରିଲାଏନ୍ସ, ବିଏସଏନଏଲ, ଏୟାରଟେଲ ଭଳି ସ୍ୱଳ୍ପ ସଂଖ୍ୟକ ସଂସ୍ଥା ଦ୍ୱାରା ବିକ୍ରି କରାଯାଇଥାଏ। ସେମାନେ ନିଜ ପ୍ରସ୍ତୁତ ବ୍ୟବସାୟିକ ମଡେଲ ମାଧ୍ୟମରେ ଭାରତ ସରକାରଙ୍କ ପରିଚାଳିତ ଟ୍ରାଇର ଅନୁମୋଦନରେ ଡାଟା ପ୍ଲାନ୍ ବିକ୍ରୟ କରନ୍ତି। ମାତ୍ର ଗ୍ରାହକ କ୍ରୟ କରିଥିବା ଡାଟା କିମ୍ବା ଟକ୍ ଟାଇମ୍ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଯଦି ସଂପୂର୍ଣ୍ଣ ବ୍ୟବହାର ହୋଇ ନଥିବ, ତେବେ ବଳକା ଡାଟା ପରବର୍ତ୍ତୀ ମାସକୁ କ୍ୟାରି ଫରଓ୍ୱାର୍ଡ ହୁଏ ନାହିଁ। ଅନ୍ୟ ପକ୍ଷରେ, ଯଦି ଗ୍ରାହକ ନିର୍ଦ୍ଧାରିତ ସୀମାରୁ ଅଧିକ ବ୍ୟବହାର କରନ୍ତି, ତେବେ କମ୍ପାନୀ ସ୍ଥିରୀକୃତ ବିଧି ମୁତାବକ ଅତିରିକ୍ତ ଶୁଳ୍କ ଆଦାୟ କରାଯାଏ କିମ୍ବା ସେବାକୁ ବନ୍ଦ କରାଯାଏ, ଯାହାକୁ କୁହାଯାଏ ଏକପକ୍ଷୀୟ ଚୁକ୍ତି। କମ୍ପାନୀଗୁଡ଼ିକ ଏକପକ୍ଷୀୟ ଚୁକ୍ତି ମାଧ୍ୟମରେ, ଯେତେବେଳେ ସାଧାରଣ ଲୋକେ କମ୍ ବ୍ୟବହାର କରନ୍ତି, ତାଙ୍କ ବଳକା ଅର୍ଥରେ ସେମାନଙ୍କର ଅଧିକାର ରହି ନଥାଏ, କିନ୍ତୁ ଅଧିକ ବ୍ୟବହାର କଲେ ଦଣ୍ଡ ତୁରନ୍ତ ମିଳେ।

ସ୍ୱାଧୀନତା ପରେ ଭାରତରେ ଟେଲିକମ୍ ବିପ୍ଳବର ମୁଖ୍ୟ ସ୍ଲୋଗାନ୍ ଥିଲା, ଶସ୍ତା ଡାଟା ଓ ମୋବାଇଲ ସେବା, ଯାହା ମାଧ୍ୟମରେ ରିଲାଏନ୍ସ, ବିଏସଏନଏଲ, ଏୟାରଟେଲ ପରି କମ୍ପାନୀମାନେ ଭାରତୀୟ ଗ୍ରାହକଙ୍କୁ ଡିଜିଟାଲ ଜଗତରେ ସୁବିଧା ଆଣି ଦେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ସୁବିଧା ମଧ୍ୟରେ ଗୋଟିଏ ଚଞ୍ଚକତାପୂର୍ଣ୍ଣ ଗ୍ରାହକ ଶୋଷଣର ନୀତି ଆଜି ପର୍ଯ୍ୟନ୍ତ ଗ୍ରାହକମାନଙ୍କ ଅଗୋଚରରେ ଚାଲି ଆସିଛି, ଯାହାକୁ ସରକାର ଜାଣିବାକୁ ଇଚ୍ଛା କରି ନାହାନ୍ତି ଅଥବା ଜନସାଧାରଣ ଜାଣିବାର ସୁଯୋଗ ପାଇ ନାହାନ୍ତି, ଯାହା ପ୍ରଣିଧାନ ଯୋଗ୍ୟ। ଏବେ ବି ଓଡ଼ିଶା ଓ ଭାରତର ଅନେକ ଲୋକ ଟିକିଏ ଇଣ୍ଟରନେଟ ସେବା ପାଇଁ ପାହାଡ଼ ଉପରେ ବା ଗଛ ଉପରେ ଚଢ଼ିବାର ଦୃଶ୍ୟ ବହୁ ବାର ଗଣମାଧ୍ୟମ ଦ୍ୱାରା ପ୍ରଚାର ହୋଇଥାଏ, ଅନେକ ତାହାକୁ ଗୋଟିଏ ଆମୋଦକର ଦୃଶ୍ୟ ଭାବରେ ଉପଭୋଗ କରନ୍ତି, ଯାହା ସରକାର ବା ନୀତି ନିର୍ଦ୍ଧାରକମାନଙ୍କର ଦୃଷ୍ଟି ଗୋଚରକୁ ଆସେନାହିଁ। ମାତ୍ର ବିଚରା ସାଧାରଣ ଲୋକଟି ବା ଦୁର୍ଗମ ଅଞ୍ଚଳର ନିରୀହ ଛାତ୍ର ଛାତ୍ରୀମାନେ ନିଜର ଆବଶ୍ୟକତା ପାଇଁ କଷ୍ଟାର୍ଜିତ ଅର୍ଥଶ୍ରାଦ୍ଧ କରି ମୋବାଇଲ ଡାଟା କ୍ରୟ କରି ଥାଆନ୍ତି। ଥରେ ବା ଦୁଇ ଥରରେ ବହୁ କଷ୍ଟରେ ସେମାନଙ୍କ ଡାଟା ବ୍ୟବହାର ହେବା ପରେ ଅବଧି ସରିଯାଏ ଏବଂ ତାହାର ସୁଯୋଗରେ କମ୍ପାନୀଗୁଡ଼ିକ ଖୁସି ସହକାରେ ଆଉ ଗୋଟିଏ ଡାଟା ପ୍ୟାକ୍ ବିକ୍ରିର ସୁଯୋଗକୁ ହାତଛଡ଼ା କରି ନଥାନ୍ତି। ଫଳରେ ଭାରତର ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଜନତାଙ୍କ ସ୍ୱଳ୍ପ ରୋଜଗାରରୁ ବଡ଼ କମ୍ପାନୀଗୁଡ଼ିକ 'ଜୋକ' ଭଳି ରକ୍ତ ଶୋଷଣ କରନ୍ତି।

ବେପାର ବଣିଜ କ୍ଷେତ୍ରରେ ଗ୍ରାହକଙ୍କୁ 'ଈଶ୍ୱର' ବୋଲି ସମ୍ବୋଧନ କରାଯାଏ, କିନ୍ତୁ ବାସ୍ତବରେ ଦୈନନ୍ଦିନ ଜୀବନରେ ଦେଖିଲେ ଏହି କଥାଟି ବହୁ ସମୟରେ କେବଳ ସ୍ଲୋଗାନ୍ ହୋଇ ରହିଥାଏ। ବିଶେଷକରି ଟେଲିକମ୍, ବ୍ୟାଙ୍କିଙ୍ଗ୍, ଡିଜିଟାଲ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସେବା କ୍ଷେତ୍ରରେ ଜନସାଧାରଣ ଅର୍ଥ ବିନିମୟରେ କ୍ରୟ କରୁଥିବା ସେବାର ପୂର୍ଣ୍ଣ ମୂଲ୍ୟ କେବେ ବି ପାଇ ନଥାନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠେ, ଗ୍ରାହକ ନିଜର କଷ୍ଟାର୍ଜିତ ଅର୍ଥ ବଦଳରେ ସଠିକ୍ ମୂଲ୍ୟର ସେବା ପାଉନାହିଁ କାହିଁକି ? ଏହାର ସୂକ୍ଷ୍ମ ଉତ୍ତର ହେଉଛି, ବଜାରର ଅସନ୍ତୁଳନ ବିକ୍ରୟ ନିୟମ ମାଧ୍ୟମରେ କମ୍ପାନୀଗୁଡ଼ିକ ବିଭିନ୍ନ ସ୍କିମ୍‌କୁ ସରକାରଙ୍କ ନିର୍ଦ୍ଧାରିତ ସଂସ୍ଥା ଟ୍ରାଇ ମାଧ୍ୟମରେ ବଜାରକୁ ପରିଚାଳନା କରୁଛନ୍ତି। ଯେତେବେଳେ ବଜାରରେ କୌଣସି ଦ୍ରବ୍ୟ ପ୍ରସ୍ତୁତକାରୀ ବା ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ପ୍ରତିଯୋଗିତା ସୀମିତ ହୁଏ, ସେତେବେଳେ ଗ୍ରାହକଙ୍କ ପାଖରେ ବିକଳ୍ପ କମ୍ ରହିଥାଏ। ଏହିପରି ଲୁକ୍କାୟିତ ନୀତି ଆଧାରରେ ଇଣ୍ଟରନେଟ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଭାରତୀୟ ଗ୍ରାହକଙ୍କୁ 'ଇଚ୍ଛା ଥିଲେ ନିଅ, ନହେଲେ ନ ନିଅ' ନୀତି ଅନୁସାରେ ଆଜିର ସେବା ପ୍ରଣାଳୀରେ ବିଭିନ୍ନ ଡାଟା ପ୍ଲାନ୍‌ର ମୂଲ୍ୟ ଓ ଡାଟା ଅବଧି ବହୁ ପୂର୍ବରୁ ନିର୍ଦ୍ଧାରଣ କରି ବିଭିନ୍ନ ନିୟମ ମାଧ୍ୟମରେ ଟ୍ରାଇ ନାମକ କେନ୍ଦ୍ରୀୟ ସଂସ୍ଥାକୁ ହାତ କରି ବଜାରକୁ ବିକ୍ରି ପାଇଁ ଛାଡ଼ନ୍ତି। ଫଳରେ ଗ୍ରାହକଙ୍କ ପାଖରେ ମୁହଁ ଖୋଲିବାର କି କୌଣସି ଅଭିଯୋଗ କରିବାର ନ୍ୟାୟିକ ବ୍ୟବସ୍ଥାର ସୁଯୋଗ ରହି ନଥାଏ। ତେଣୁ ବାଧହୋଇ କମ୍ପାନୀ ଦ୍ୱାରା ଉପଲବ୍ଧ ପ୍ରଣାଳୀରେ ଗ୍ରାହକମାନେ ଟଙ୍କା ଦେଇଥିଲେ ମଧ୍ୟ ନିଜ ଇଚ୍ଛା ଅନୁଯାୟୀ ସେବା ପାଇବାକୁ ସକ୍ଷମ ହୋଇ ନଥାନ୍ତି।



ମାତ୍ର ମନରେ ପ୍ରଶ୍ନ ଉଠେ, ଆମେ ଗୋଟିଏ ଦିନ ପାଇଥିବା ନିର୍ଦ୍ଦିଷ୍ଟ ଡାଟା ବ୍ୟବହାର ନକଲେ ଆମର ବଳକା ଡାଟା ଯାଏ କୁଆଡ଼େ ? ଯଦି ଡାଟା କିମ୍ବା ଟକ୍ ଟାଇମ୍ ଅଧା ବ୍ୟବହୃତ ହୋଇ ରହିଯାଏ, ତେବେ କାହିଁକି ତାହା ଆଗାମୀ ଦିନ ବା ମାସକୁ ଆମର ପ୍ରାପ୍ୟ ଡାଟା ଭାବରେ ରହିବ ନାହିଁ ? ତା'ର ସରଳ ଉତ୍ତର ହେଲା, କମ୍ପାନୀଗୁଡ଼ିକ ଆମ ବଳକା ଡାଟାଗୁଡ଼ିକଦ୍ୱାରା ନିଜର ପୁଞ୍ଜି ବୃଦ୍ଧି କରି ପୁଣି ଥରେ ଆମକୁ ନୂଆ ଡାଟା ମାଧ୍ୟମରେ ବିକ୍ରି କରନ୍ତି, ଯାହାକୁ କୁହାଯାଏ ଦିବାଲୋକରେ ସାଧାରଣ ଜନତାଙ୍କ ଶୋଷଣ। ଏଥିପାଇଁ ଦାୟୀ କିଏ ? ଆମର ନିର୍ବୋଧତା ନା ଆମର ବିଶ୍ୱାସରେ ଗଢ଼ିଥିବା ଶାସନ ବ୍ୟବସ୍ଥା ନା ଆଉ କିଏ, ଯାହା ପାଇଁ ଗ୍ରାହକ ତଥା ସାଧାରଣ ଜନତାଙ୍କୁ ସଜାଗ ହେବାର ସମୟ ଆସି ଯାଇଛି। ବର୍ଷ ବର୍ଷ ଧରି ଶୋଷଣ କରି ଆସୁଥିବା କମ୍ପାନୀଗୁଡ଼ିକ ବିରୋଧ କରିବାକୁ ପଡ଼ିବ। ଦ୍ୱିତୀୟତଃ, ଆଜିକାଲି ରିଚାର୍ଜ ପ୍ଲାନ୍‌ଗୁଡ଼ିକ ଭ୍ୟାଲିଡିଟି ହିସାବ ମଡେଲ୍ ଉପରେ ଚାଲୁଛି। ଅର୍ଥାତ୍, ଆପଣ ୨୮ ଦିନ କିମ୍ବା ୫୬ ଦିନ ଭଳି ଡାଟା କିଣୁଛନ୍ତି, ଏହି ସମୟ ସୀମା ମଧ୍ୟରେ ସେଗୁଡ଼ିକୁ ବ୍ୟବହାର କରିବା ଆବଶ୍ୟକ। ଅବଧି ସମାପ୍ତ ହେଲେ ଅବଶିଷ୍ଟ ଡାଟା ଶୂନ୍ୟ। ଦେଖିବାକୁ ଏହା ଗୋଟିଏ ସରଳ ବ୍ୟବସ୍ଥା ଲାଗିଥାଏ, କିନ୍ତୁ ଉପଭୋକ୍ତାଙ୍କ ଦୃଷ୍ଟିରୁ ଏହା ଅନ୍ୟାୟ, କାରଣ ଜନତା ଅର୍ଥରେ କିଣିଥିବା ସେବାକୁ ପୂରା ଅବଧି ଉପଭୋଗ କରିପାରୁ ନାହାନ୍ତି। କମ୍ପାନୀଗୁଡ଼ିକ ୨୮ ଦିନ ଡାଟା ବିକ୍ରି କଲେ ଆମେ ସେହି ମାସର ୨୯ ତାରିଖରେ ପୁଣି ଗୋଟିଏ ନୂଆ ଡାଟା କିଣିବା। ଏହିପରି ଭାବରେ ବର୍ଷକୁ ୧୨ ମାସ ମାତ୍ର, ଆମେ ୧୩ ମାସର ଅର୍ଥ ଦେଇ କମ୍ପାନୀରୁ ୧୨ ମାସର ସୁବିଧା ପାଇବା, ଅର୍ଥାତ୍ 'ଡାଟା' ବ୍ୟବସାୟରେ ସ୍ୱଚ୍ଛତାର ଅଭାବ। ଏହା ଉପରେ ଟେଲିକମ୍ କମ୍ପାନୀମାନେ କିଛି ମୂଳ ଯୁକ୍ତି ଦେଇଥାନ୍ତି, ଆୟର ନିଶ୍ଚିତତା। ଯଦି ଗୋଟିଏ ଅବଧିର ବଳକା ଡାଟା ଅନ୍ୟ ମାସକୁ ଯାଏ, ତେବେ ଗ୍ରାହକମାନେ ବାରମ୍ବାର ରିଚାର୍ଜ କରିବେ ନାହିଁ। ଫଳରେ ସେମାନଙ୍କ ଲାଭ କମିଯିବ। ଯଦି ଡାଟା ଅନ୍‌ଲିମିଟେଡ୍ ଭାବରେ ଅନ୍ୟ ମାସକୁ ଯାଏ, ତେବେ କମ୍ପାନୀଗୁଡ଼ିକ ନେଟଓ୍ୱାର୍କ୍ ଚାପ, ସେବାର ଗୁଣ ଓ ମାନ ହ୍ରାସ ଆଦି ଅଯୌକ୍ତିକର ଦାବି କରନ୍ତି। ଟ୍ରାଇ ନିୟମ ଅନୁସାରେ କମ୍ପାନୀମାନେ ନିଜେ ନିଜେ ଟାରିଫ୍ ଡିଜାଇନ୍ କରି ପାରନ୍ତି, କିନ୍ତୁ ସେମାନଙ୍କୁ ପୂର୍ବରୁ ସ୍ପଷ୍ଟ ସୂଚନା ଦେବାକୁ ପଡ଼ିଥାଏ। ସେମାନଙ୍କ ଦାବି, ସୂଚନା ଅନୁସାରେ ଆଇନଗତ ଭାବରେ ଏହା ଅନ୍ୟାୟ ନୁହେଁ, କାରଣ, ଗ୍ରାହକମାନେ ପ୍ଲାନ୍ ନେବା ସମୟରେ ନିୟମକୁ ସ୍ୱୀକାର କରି ପ୍ଲାନ୍ କିଣନ୍ତି। ତେଣୁ ଗ୍ରାହକମାନେ କିଣି ସାରିବା ପରେ କିଛି କହି ପାରିବେ ନାହିଁ, କାରଣ ସେମାନଙ୍କ ପାଖରେ ଅନ୍ୟ ପନ୍ଥା କିଛି ନଥାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ କେବଳ ଯେଉଁ କେତୋଟି କମ୍ପାନୀ ସରକାରଙ୍କଠାରୁ ଅନୁମତି ପାଇଛନ୍ତି, ସେମାନଙ୍କର ନିୟମ ସରକାର ମୁଣ୍ଡ ପାତି ସହିବା ସହିତ ସାଧାରଣ ଜନତାଙ୍କୁ ମଧ୍ୟ ଠକେଇରେ ପଡ଼ିବାକୁ ବାଧ କରାଯାଏ। ଅର୍ଥାତ୍ ଆମେ ଏପରି ଏକ ବ୍ୟବସ୍ଥାରେ ପରିଚାଳିତ, ଯେଉଁଥିରେ ନୀତିଗତ ଭାବେ ଗ୍ରାହକଙ୍କ ନ୍ୟାଯ୍ୟ ହକ୍ ପାଇବାକୁ ସେମାନେ ହକ୍‌ଦାର ହୋଇ ନଥାନ୍ତି, ଅର୍ଥାତ୍ ସ୍ୱାଧୀନ ଭାରତରେ ଏବେ ବି ଆମେ ପରାଧୀନ।

ଅଷ୍ଟ୍ରେଲିଆ, କାନାଡା, ୟୁକେ, ସିଙ୍ଗାପୁର ଭଳି ଅନେକ ରାଷ୍ଟ୍ରରେ ଜନସାଧାରଣଙ୍କ ଅବଶିଷ୍ଟ ଅବ୍ୟବହୃତ ଡାଟା ଅନ୍ୟ ମାସରେ ବ୍ୟବହାରର ସୁବିଧା ଅଛି, ଯାହାକୁ ସେଠାରେ ଉପଭୋକ୍ତାଙ୍କ ପାଇଁ ନ୍ୟାୟସଙ୍ଗତ ମନେ କରାଯାଏ। ଭାରତରେ ଅଧିକ ଦିନ ମଜୁରିଆ, ଛାତ୍ରଛାତ୍ରୀ, ଗରିବ ପରିବାର, ଯେଉଁମାନେ ପ୍ରତ୍ୟେକ ଦିନ ଡାଟା ବ୍ୟବହାର କରନ୍ତି ନାହିଁ, ମାତ୍ର ତାହା କମ୍ପାନୀ ଲାଭ ଖାତାକୁ ଯାଉଛି, ଯାହାକୁ ଡିଜିଟାଲ ଅସମତା କୁହାଯାଏ। ଏହି ସମସ୍ୟାର ସମାଧାନର ମାର୍ଗ ସମସ୍ତ ଉପଭୋକ୍ତାଙ୍କ ବଳକା ଡାଟାକୁ କ୍ୟାରି ଫରଓ୍ୱାର୍ଡ କରାଯିବା ଉଚିତ। ଡାଟା ଶେଷ ହେବା ପର୍ଯ୍ୟନ୍ତ ମଡେଲ୍‌ଗୁଡ଼ିକୁ ଲୋକପ୍ରିୟ କରାଯାଉ। ଟ୍ରାଇ ନିଜର କ୍ଷମତା ବଳରେ ସ୍ୱଚ୍ଛ ଉପଭୋକ୍ତା ସହାୟକ ନୀତି ଆଣିବା ଉଚିତ। ଉପଭୋକ୍ତାମାନେ ସଚେତନ ହୋଇ ଟ୍ରାଇକୁ ଇ-ମେଲ ଦ୍ୱାରା ଜଣାଇବା ସହିତ ସରକାରଙ୍କୁ ସୂଚିତ କରିବା ଆବଶ୍ୟକ। ଗଣମାଧ୍ୟମ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ସଚେତନତା ଓ ମତାମତ ଦେବା ସହିତ ଗ୍ରାହକମାନେ ସଚେତନ ହୋଇ ପ୍ଲାନ୍ ବାଛନ୍ତୁ। ଆଜିର ଡିଜିଟାଲ ଭାରତରେ ଅବ୍ୟବହୃତ ଡାଟା ଗ୍ରାହକଙ୍କ ନିଜର ଅର୍ଥ, ଯାହାକୁ ଗୋଟିଏ ମୂଳ ଅଧିକାର ଭାବେ ଦେଖାଯିବା ଦରକାର। ଏଥିପାଇଁ ନୀତି ନିୟମର ପରିବର୍ତ୍ତନ, ନିୟମ ଖିଲାପକାରୀ ସଂସ୍ଥାଙ୍କୁ ଦଣ୍ଡ ବିଧାନ ଏବଂ ଗ୍ରାହକ ସଚେତନତାର ସମ୍ମିଶ୍ରଣରେ ଏକ ସନ୍ତୁଳିତ ଟେଲିକମ୍ ବ୍ୟବସ୍ଥା ସମ୍ଭବ। ଖାଉଟି ସୁରକ୍ଷା ନୀତି ଅନୁଯାୟୀ, ଯଦି ସେବା ଅନ୍ୟାୟ ଲାଗେ, ତେବେ ଗ୍ରାହକ ଅଭିଯୋଗ କରି ପାରିବେ ଜାତୀୟ ଖାଉଟି ହେଲ୍ପ ଲାଇନ ୧୯୧୫କୁ ଫୋନ୍ କରି। ଅନ୍‌ଲାଇନ୍ ଅଭିଯୋଗ ପୋର୍ଟାଲରେ ଅଭିଯୋଗ ଦାଖଲ ଏବଂ ଖାଉଟି କୋର୍ଟରେ ଅଭିଯୋଗ ଦାଖଲ କରାଯାଇ ପାରିବ ଏବଂ ଆମ କ୍ରୟ ବଳକା ଡାଟାର ଅନ୍ୟ ମାସକୁ ବ୍ୟବହାରଯୋଗ୍ୟ ପାଇଁ ap@trai.gov.in ମାଧ୍ୟମରେ ଟ୍ରାଇକୁ ଇ-ମେଲ କରନ୍ତୁ। ଯଦି ଲକ୍ଷ ଲକ୍ଷ ଲୋକ ଗୋଟିଏ ପ୍ରସଙ୍ଗରେ ଦାବି ଉପସ୍ଥାପନ କରନ୍ତି, ତେବେ ସରକାର ନୀତି ବଦଳାଇବାକୁ ବାଧ ହେବେ। ଗ୍ରାହକଙ୍କ ଟଙ୍କାର ମୂଲ୍ୟ ପୁନରୁଦ୍ଧାର କେବଳ ଏକ ଆର୍ଥିକ ପ୍ରଶ୍ନ ନୁହେଁ, ଏହା ଏକ ଗଣତାନ୍ତ୍ରିକ ଅଧିକାର। 'ନିରବ ଗ୍ରାହକ ହେଉଛନ୍ତି ଶୋଷଣର ଆଧାର, ସଚେତନ ଗ୍ରାହକ ହେଉଛନ୍ତି ପରିବର୍ତ୍ତନର ଆରମ୍ଭ।'

ମୋ: ୯୪୩୭୧୨୩୮୯୨

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

# ଏକ ଅସ୍ଥିର ପ୍ରଜନ୍ମ ଏବଂ ଏକ ଭୟଙ୍କର ଆଶଙ୍କା

ବର୍ତ୍ତମାନର କିଶୋରମାନଙ୍କୁ (ସେମାନଙ୍କୁ ଏବେ କୁହାଯାଉଛି ୟଙ୍ଗ୍ ଆଡଲ୍ଟ) ଦେଖନ୍ତୁ। ଏମାନଙ୍କୁ ଜେନ୍-ଜି (୧୯୯୭ରୁ ୨୦୧୨ ଭିତରେ ଜନ୍ମ) ଏବଂ ଜେନ୍-ଆଲ୍‌ଫା (୨୦୧୦-୨୦୨୫ ଭିତରେ ଜନ୍ମ) ବୋଲି କୁହାଯାଉଛି। ଇଏ ଏକ ଅସ୍ଥିର ପ୍ରଜନ୍ମ। ଏ ପ୍ରଜନ୍ମର ନିର୍ଦ୍ଦିଷ୍ଟ କୌଣସି ଲକ୍ଷ୍ୟ ନାହିଁ। ପବିତ୍ର କୌଣସି ମିଶନ୍ ନାହିଁ। ସମାଜର ହାନି ଲାଭର ବିଶେଷ ଧାର୍ ଧାରନ୍ତି ନାହିଁ। ଏ ପ୍ରଜନ୍ମର ଅଧିକାଂଶ ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ବହି ପଢ଼ନ୍ତି ନାହିଁ। ଖବରକାଗଜ ପଢ଼ନ୍ତି ନାହିଁ। ଖେଳରେ ବି ଏମାନଙ୍କର ରୁଚି ନାହିଁ। ଏମାନେ ବ୍ୟାୟାମ କରନ୍ତି ନାହିଁ। ଏମାନେ ଖରାରେ ଚାଲିବାକୁ ପସନ୍ଦ କରନ୍ତି ନାହିଁ, ବର୍ଷାରେ ଭିଜିବା ପାଇଁ ପସନ୍ଦ କରନ୍ତି ନାହିଁ। ଘାସ, ଲତା, ମାଟି, କାଦୁଅ- ଏଥିରେ ଏମାନଙ୍କର ଆଲର୍ଜି। ଏମାନେ ଅଧକିଲୋମିଟର ଯିବା ପାଇଁ ଅଧଘଣ୍ଟା ଅଟୋରିକ୍ସା ପାଇଁ ଅପେକ୍ଷା କରନ୍ତି।

ଏମାନେ ପ୍ରଚଣ୍ଡ ଭାବରେ ଅସ୍ଥିର ଏକ ଜେନେରେସନ୍। ବିଶେଷକରି ଭାରତରେ। ଏମାନେ ଅପରିଚିତ ବୟସ୍କ ଲୋକମାନଙ୍କୁ ଅଭିବାଦନ କରିବେ ନାହିଁ। 'ସରି' କହିବାର ଟେଣ୍ଡେନ୍‌ସି ଏମାନଙ୍କ ଭିତରେ ନାହିଁ। ଏମାନେ ଅନର୍ଥକ ତର୍କ କରିବେ। ଏମାନଙ୍କ ଭିତରେ ବିନୟ, କୃତଜ୍ଞତାବୋଧ ନାହିଁ। ଏମାନଙ୍କର ଆଚରଣ ଉଦ୍ଧତ, ଚଲାବୁଲା ସଦମ୍ଭ। ସଂଯତ ହେବାର ଉପଦେଶ ଯଦି ଆପଣ ସେମାନଙ୍କୁ ଦେବେ, ତେବେ ଆପଣଙ୍କୁ ବିପଦ। ଆପଣ ବସ୍‌ରେ ଯାଉଛନ୍ତି। ଦେଖିବେ ଯଦି ଗୋଟେ ସିଟ୍ ଖାଲି ହେଲା, ତେବେ କିଶୋରଟି ସେ ସିଟ୍‌କୁ ଅକ୍ତିଆର କରିବା ପାଇଁ ଆଗେ ଦୌଡ଼ିଯିବ। ଆପଣଙ୍କୁ ଧକ୍କା ଦେଇ ବା ଆପଣଙ୍କୁ କହୁଣୀରେ ଠେଲି ସେ ସେଠି ଯାଇ ବସିବ। ତାଙ୍କଠୁ ବୟସରେ ଦୁଇ ଗୁଣ ତିନି ଗୁଣ ବୁଢ଼ାଲୋକ ହେଲେ ବି ସେମାନଙ୍କ ପ୍ରତି ଏହାର ଯେଉଁ ଦାୟବଦ୍ଧତା, ତାହା ନାହିଁ। ଯେଉଁ ଜାଗାରେ ଏହି ପ୍ରଜନ୍ମ ଠିଆ ହେବା କଥା, ସେ ଜାଗାରେ ଏ ପ୍ରଜନ୍ମ ନିଜ ପାଇଁ ଚେୟାର ଖୋଜେ। ଯେଉଁଠି ଚୁପ୍ ହୋଇ ଶୁଣିବା କଥା, ସେଠି ଏ ପ୍ରଜନ୍ମ ଜ୍ଞାନ ଦେବା ପାଇଁ ଚେଷ୍ଟା କରେ। ଏମାନେ ରାତିସାରା ଅନ୍‌ଲାଇନ୍‌ରେ ରୁହନ୍ତି, ଆଉ ଦିନ ଏଗାରଟା ପର୍ଯ୍ୟନ୍ତ ଶୁଅନ୍ତି। ଏମାନେ ନା ସୂର୍ଯ୍ୟୋଦୟ, ନା ସୂର୍ଯ୍ୟାସ୍ତ- କିଛି ଦେଖନ୍ତି ନାହିଁ। ସୂର୍ଯ୍ୟୋଦୟ ବେଳେ ସେମାନେ ବିଛଣାରେ ଶୋଇଥାନ୍ତି, ଆଉ ସୂର୍ଯ୍ୟାସ୍ତ ତାଙ୍କ ମୋବାଇଲରେ ଥାଏ। ବେଳେବେଳେ ତାକୁ ଦେଖନ୍ତି। ଏମାନେ ଫାଷ୍ଟଫୁଡ୍‌ରେ ଆସକ୍ତ। ଏମାନେ ଆଉଟଡୋର ଖେଳ ପସନ୍ଦ କରନ୍ତି ନାହିଁ। ବନ୍ଦ ଘର ଭିତରେ ଏମାନେ ସ୍ୱସ୍ତି ପାଆନ୍ତି। ନିର୍ଦ୍ଦିଷ୍ଟକରି କହିଲେ, ଅନ୍‌ଲାଇନ୍ ଗେମ୍, ଫେସବୁକ୍ ସ୍କ୍ରଲିଂ, ୟୁଟ୍ୟୁବ୍ ଦେଖିବା, ଓଟିଟି ଦେଖିବା- ଇଏ ହେଲା ତାଙ୍କର ପ୍ରାଥମିକତା!

ଏମାନେ ଇତିହାସ ପଢ଼ନ୍ତି ନାହିଁ। ସାହିତ୍ୟ ବୁଝନ୍ତି ନାହିଁ। ବହି ପଢ଼ନ୍ତି ନାହିଁ। ବହି କିଣନ୍ତି ବି ନାହିଁ। ବୁଝନ୍ତି ବି ନାହିଁ। ଏମାନ ଚାଲି ପାରନ୍ତି ନାହିଁ, ଧାଇଁ ପାରନ୍ତି ନାହିଁ। ଗଛ ଚଢ଼ି ଶିଖି ନାହାନ୍ତି, ପହଁରା ଶିଖି ନାହାନ୍ତି। ସାଗର ଲଂଘିବାର ସାହସ ଏମାନଙ୍କର ନାହିଁ। ପାହାଡ଼ କାଟି ରାସ୍ତା ତିଆରି କରିବାର ମନୋବଳ ବି ନାହିଁ। ଉତ୍ସାହ ନାହିଁ, ଅବେଗ ନାହିଁ, ସତ୍‌ସାହସ ନାହିଁ। ଏମାନଙ୍କର ଗୋଟିଏ ହିଁ ମାତ୍ର ସ୍କିଲ୍ ଅଛି- ସ୍ମାର୍ଟଫୋନ ଦ୍ରୁତ ବେଗରେ ସ୍କ୍ରଲ୍ କରି ପାରନ୍ତି। ଏମାନଙ୍କର ନା ଅଛି ମୂଲ୍ୟବୋଧ, ନା ଅଛି ଶ୍ରଦ୍ଧାବୋଧ, ନା ଅଛି ଶୃଙ୍ଖଳାବୋଧ। କେତେବେଳେ ଚାଲିବା ପାଇଁ ହେବ, କେଉଁଠି ଅଟକିବା ପାଇଁ ପଡ଼ିବ, କେଉଁଠି କହିବା ପାଇଁ ପଡ଼ିବ, କେଉଁଠି ଶୁଣିବା ପାଇଁ ପଡ଼ିବ- ତାହା ସେମାନେ ଜାଣନ୍ତି ନାହିଁ। ଏମାନେ କ'ଣ ଜାଣନ୍ତି ନାହିଁ, ତାହା ବି ସେମାନେ ଜାଣନ୍ତି ନାହିଁ।

ଗତ ୧୦୦ ବର୍ଷ ଧରି ପ୍ରତ୍ୟେକ ମାନବ ପ୍ରଜନ୍ମ ତା' ପୂର୍ବ ପ୍ରଜନ୍ମ ତୁଳନାରେ ଅଧିକ ବୁଦ୍ଧିମାନ ଏବଂ ମେଧାବୀ ହୋଇ ଆସିଛନ୍ତି। ଏହାକୁ ଫ୍ଲିନ୍ ଇଫେକ୍ଟ ବୋଲି କୁହନ୍ତି। ଗବେଷକ ଜେମ୍ସ ଫ୍ଲିନ୍ ଏହା ସିଦ୍ଧ କରିଥିଲେ। ହେଲେ ପ୍ରଥମ ଥର ପାଇଁ ୨୦୦୬ ବେଳକୁ ଦେଖାଗଲା ଏହା ଓଲଟା ହୋଇଛି। କେତେକ ଉନ୍ନତ ଏବଂ ବିକଶିତ ଦେଶରେ ବର୍ତ୍ତମାନର ପ୍ରଜନ୍ମ ତା' ପୂର୍ବ ପ୍ରଜନ୍ମ ତୁଳନାରେ ଅଧିକ ବୁଦ୍ଧିମାନ ଏବଂ ମେଧାବୀ ନୁହନ୍ତି। ଏହାକୁ ଏବେ ନେଗେଟିଭ ଫ୍ଲିନ୍ ଇଫେକ୍ଟ ବୋଲି କୁହାଯାଉଛି। ଏହାର ଅନେକ କାରଣ ମଧ୍ୟରୁ ମୁଖ୍ୟ କାରଣଟି ହେଲା- ବର୍ତ୍ତମାନ ପ୍ରଜନ୍ମର କୌଣସି ବିଷୟରେ ମନଯୋଗ ଦେବାର ସମୟ ସୀମା ହ୍ରାସ ଏବଂ କୌଣସି ବିଷୟରେ କୌତୁହଳର ଅଭାବ।

ବୁଦ୍ଧି ଓ ମେଧା ହ୍ରାସ ପାଇବାର ଏ ଧାରାକୁ ରୋକା ନ ଗଲେ ମାନବ ସଭ୍ୟତା ଏକ ବିଚିତ୍ର ସ୍ଥିତିରେ ପହଞ୍ଚିବ। ଭାବନ୍ତୁ- ଏକବିଂଶ ଶତାବ୍ଦୀରୁ କୃତ୍ରିମ ମେଧା ଆହୁରି ଉନ୍ନତ ହେବାରେ ଲାଗିଛି, ମଣିଷର ମେଧା କମିବାରେ ଲାଗିଛି। ଏ ଧାରା ବଜାୟ ରହିଲେ ଗୋଟେ ସମୟରେ କୃତ୍ରିମ ମେଧା ଚଳିତ ମେସିନ ମଣିଷକୁ ଦାସରେ ପରିଣତ କରିବ।

ମୋ: ୯୪୩୭୦୨୬୧୯୪



ଡି ଶୁଭମ୍

# ସ୍ୱାଭିମାନର ନବ ଜାଗରଣ- ଓଡ଼ିଆ ପକ୍ଷ

ଓଡ଼ିଆ- କେବଳ ଏକ ଭାଷା ନୁହେଁ, ଏହା ପ୍ରତିଟି ଓଡ଼ିଆଙ୍କ ଛାତି ତଳେ ଚାପି ରହିଥିବା ସେହି ଅଖଣ୍ଡ ଶକ୍ତିଟିଏ। ଐକ୍ୟ ଓ ଅଖଣ୍ଡତାର ସମାହାରରେ ପୁଷ୍ପିତ ଏ ଭୂଖଣ୍ଡ। ଆର୍ଯ୍ୟ ଋଷିମାନଙ୍କ ଉଦାର ମାନବିକତାର ଏକ ଶ୍ରେଷ୍ଠ ଉଚ୍ଚାରଣ ଏ ମାଟି। ବସୁଧୈବ କୁଟୁମ୍ବକମ୍‌ର ବାଣୀରେ ସମୃଦ୍ଧ ଏହାର ପ୍ରତିଟି ପ୍ରାଣ। ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ଭାଷାରେ: 'ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି/ ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ/ ପୃଥ୍ୱୀ ବିଦାରି ବାରବାଟୀ ମଡ଼ା ଉଠ ଉଠ ଚଞ୍ଚଳ/ ଖୋରଧାର ଶତ ସରଦାର ଶିର କର ଉନ୍ନତତର।'

ସତରେ ଏହାର କଳେବରରେ ଭରି ରହିଛି ଏକ ନୂତନ ସ୍ପନ୍ଦନ। ଏହାର ସଭ୍ୟତାର ପରିଭାଷା ସ୍ୱଚ୍ଛନୀରା ମନ୍ଦାକିନୀର ଧାରା ପରି ପବିତ୍ର। ଶ୍ରମ, ସାଧନା ଓ ସମର୍ପଣର ଉପାଦାନରେ ପରିସ୍ଫୁଟ ଆମ ଓଡ଼ିଶା ପ୍ରଦେଶ ଏକ ମହାଭାରତୀୟ ଚେତନାର ଆଦ୍ୟରୂପ। ଏଠି ଗାଁର ମଧୁମୟ ପରିବେଶ ସାଙ୍ଗକୁ ପରିବାରର ପ୍ରେମ ପ୍ରଣୟ ବେଶ୍ ଜୀବନ୍ତ ହୋଇ ଉଠେ। ଓଡ଼ିଆର ମନ୍ତ୍ର ଧ୍ୱନିରେ ଧ୍ୱନିତ ଓଡ଼ିଶା। ଓଡ଼ିଆଟିଏ ଯେଉଁଠି ରହୁ ନା କାହିଁକି, କେଉଁଠି ନା କେଉଁଠି ଉତ୍କଳ, ଉଡ୍ର, କଳିଙ୍ଗ ନାଁ ଶୁଣିଲେ ମନ ଭିତରେ ଥିବା ଆବେଗପଣ ଆଉ ଟିକେ ଜୀବନ୍ତ ହୋଇଉଠେ। ନିଜ ଭାଷାକୁ ନେଇ ଗର୍ବ କରିବାକୁ ମନେହୁଏ। ନିଜ ପ୍ରଦେଶ ପାଇଁ ପ୍ରେମ ଆଉ ପ୍ରଣୟ ମହକି ଉଠେ। ବାର ମାସରେ ତେର ପର୍ବର ଏ ମହାମିଳନ। ଆମ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ମାନଚିତ୍ରକୁ ଆଙ୍କିଥାଏ ଏହି ଓଡ଼ିଆ ପକ୍ଷ। ୨୦୩୬ ଶତାୟୁ ଓଡ଼ିଶାର ବିକାଶର ନକ୍ସାକୁ ପରିପୂର୍ଣ୍ଣ କରାଇବାର ଆଉ ଏକ ପ୍ରୟାସ ଓଡ଼ିଆ ପକ୍ଷ।

ପ୍ରାୟ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ଏ ଜାତିର ସଂସ୍କୃତି କେବଳ ଇତିହାସରେ ଲିପିବଦ୍ଧ ହୋଇନାହିଁ, ବରଂ ଦେଶର କୋଣ ଅନୁକୋଣରେ ଓଡ଼ିଶାର ସଂସ୍କୃତି ଆଉ ସଭ୍ୟତାକୁ ପହଞ୍ଚାଇବାର ଦାୟିତ୍ୱ ଓଡ଼ିଆଙ୍କର। ଓଡ଼ିଶାର ସୁବର୍ଣ୍ଣ ଇତିହାସ କେବଳ ଆମ ରାଜ୍ୟର ବ୍ୟକ୍ତିମାନଙ୍କ ଭିତରେ ନ ରହି ପ୍ରତ୍ୟେକଟି ଓଡ଼ିଆ ରହୁଥିବା ସ୍ଥାନରେ ପହଞ୍ଚୁ। ଓଡ଼ିଆ ପକ୍ଷ ଓଡ଼ିଆମାନଙ୍କ ସୃଜନ ଶୈଳୀକୁ ନୂଆ ପରିଚୟ ଦେବାର ଅପୂର୍ବ ମାଧ୍ୟମ। ଏ କେବଳ ଏକ ପକ୍ଷ ନୁହେଁ, ବରଂ ଓଡ଼ିଆଙ୍କ ମଧ୍ୟରେ ଓଡ଼ିଆପଣର ଭାବନାକୁ ବିକଶିତ କରିବାର ଏକ ଉନ୍ମୁକ୍ତ ମାର୍ଗ। ଆମ ରାଜ୍ୟର ସାଂସ୍କୃତିକ ମୂଲ୍ୟବୋଧ, ଚାଲିଚଳଣି, ପ୍ରଥା ପରମ୍ପରା, ଆମ ଓଡ଼ିଆ ପରିଚୟ, ଓଡ଼ିଆ ଅସ୍ମିତାକୁ ବିଶ୍ୱବିଦିତ କରିବାରେ ଏହା ଏକ ସଫଳ ଫର୍ଦ୍ଦ। ଓଡ଼ିଶାର ବିଭିନ୍ନ ବ୍ଲକ୍ ସ୍ତରରୁ ନେଇ ରାଜ୍ୟ ସ୍ତର ଯାଏଁ ଓଡ଼ିଶା ସରକାରଙ୍କ ତରଫରୁ ଏହା ଆୟୋଜନ କରାଯାଇ ଓଡ଼ିଆଙ୍କ ମଧ୍ୟରେ ସେହି ମାନବୀୟ ଚେତନାର ପରିସର ବୃଦ୍ଧି କରାଯାଉଛି।

ଆମ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥ। କୋଟି ଓଡ଼ିଆଙ୍କ ମଉଡ଼ମଣି। ସେ ଭାବର ଠାକୁର। ସେ ଭକ୍ତିର ଠାକୁର। ଆମ ପ୍ରଦେଶ ଧର୍ମଠୁ ଆରମ୍ଭ କରି ଐତିହ୍ୟର ଗୁଣଗାନ କରେ। ସଂଗ୍ରାମ ଆଉ ବୀରତ୍ୱର ମାଟି ଓଡ଼ିଶା। ବଳିଦାନର ମାଟି ଓଡ଼ିଶା ସଂଗ୍ରାମୀମାନଙ୍କର ଗୁଣଗାନ କରେ। ଆମ ଖାଦ୍ୟ ପରମ୍ପରାଠୁ ନେଇ ପୂଜା ପର୍ବ, ରୀତିନୀତି; ହସ୍ତତନ୍ତଠୁ ନେଇ ହସ୍ତଶିଳ୍ପ, କୃଷିଠୁ ନେଇ ମତ୍ସ୍ୟ- ସବୁକିଛି ସ୍ୱତନ୍ତ୍ର। ସେଥିପାଇଁ ତ ଏ ଓଡ଼ିଆ ପକ୍ଷର ମଞ୍ଚ। ଯେଉଁଠି ଓଡ଼ିଶାର ଅତୀତଠୁ ନେଇ ବର୍ତ୍ତମାନ, ପୁଣି ଭବିଷ୍ୟତର ପାଣ୍ଡୁଲିପି- ସବୁକିଛିକୁ ବେଶ୍ ନିଖୁଣ ଭାବେ ସଜାଯାଏ। ଏପ୍ରିଲ ୧, ଓଡ଼ିଶା ଦିବସରୁ ଆରମ୍ଭ ହୋଇ ଏପ୍ରିଲ ୧୪ ମହାବିଷୁବ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଓଡ଼ିଆ ପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଏ। ଅମୃତ ପିଢ଼ିର ସନ୍ତାନମାନଙ୍କ ମଧ୍ୟରେ ନିଆରା ଜାଗରଣ ସୃଷ୍ଟି କରିବାର ଏହା ଏକ ଅପୂର୍ବ ମାଧ୍ୟମ। ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ଆମ ପୋଷାକ ଆମ ପରିଚୟ, ଓଡ଼ିଆ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଦୌଡ଼, ସ୍ୱଚ୍ଛତା ଅଭିଯାନ, ଗପଟିଏ କହୁଁ, ରକ୍ତଦାନ ଅଭିଯାନ, ଆସ ବହିଟିଏ କିଣିବା, ଲୋକକଳା, ଯୁବ ଲେଖକ ସମ୍ମିଳନୀ, ବନ୍ଦନୀୟ ବରପୁତ୍ର, ଆମ ରୁଚି ଆମ ଖାଦ୍ୟ ଏବଂ ଓଡ଼ିଆ ନବବର୍ଷ ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଭାଷାର ମାଧୁର୍ଯ୍ୟକୁ ପହଞ୍ଚାଇବାର ଏକ ଅନନ୍ୟ ଅଭିଯାନ। ଓଡ଼ିଶାର ଇତିହାସଠୁ ନେଇ ସଂସ୍କୃତି ଓ ପରମ୍ପରାର ମହାମିଳନକୁ ପୁଣି ଥରେ ଓଡ଼ିଆଙ୍କ ପାଖରେ ପହଞ୍ଚାଇବାର ଏ ଉଦ୍ୟମ। ଆମ ଖାଦ୍ୟପେୟକୁ ନେଇ ଆମେ ବେଶ୍ ପରିଚିତ। ଠିକ୍ ସେମିତି ଏହି ପକ୍ଷରେ ଆମ ରୁଚି ଆମ ଖାଦ୍ୟ ମାଧ୍ୟମରେ ଆମ ରାଜ୍ୟର ଲୋକପ୍ରିୟ ଖାଦ୍ୟଗୁଡ଼ିକୁ ମଧ୍ୟ ଲୋକଲୋଚନକୁ ଅଣାଯାଏ। ସେ କଟକର ଦହିବରା ହେଉ କି ନୟାଗଡ଼ର ଛେନାପୋଡ଼, ଭଦ୍ରକର ପାଲୁଅ ଲଡୁ ହେଉ ଅବା ବାରିପଦାର ମୁଢ଼ି ମାଂସ, ବଲାଙ୍ଗୀରର ଚାଉଳବରା ହେଉ ଅବା ସମ୍ବଲପୁରର ସରସତିଆ, ପୁଣି କେନ୍ଦ୍ରାପଡ଼ାର ରସାବଳୀ ହେଉ ଅବା ନିମାପଡ଼ାର ଛେନା ଝିଲ୍ଲୀ- ଏସବୁ ଆମ ଖାଦ୍ୟ ପ୍ରସିଦ୍ଧିର କଥା କୁହେ। ଓଡ଼ିଆଙ୍କ ପାଖରେ ଓଡ଼ିଆ ଖାଦ୍ୟ ସବୁବେଳେ ଗୋଟେ ଇମୋସନ୍। ସାଧାରଣତଃ ଓଡ଼ିଆମାନେ ଖାଦ୍ୟପ୍ରିୟ, କାହିଁକି ନା ସାଢ଼େ ଚାରି କୋଟି ଓଡ଼ିଆଙ୍କ ଇଷ୍ଟ ମହାବାହୁ ମଧ୍ୟ ଖାଦ୍ୟପ୍ରିୟ। ଜାତୀୟ ମଞ୍ଚରେ ଓଡ଼ିଆ ଖାଦ୍ୟର ଲୋକପ୍ରିୟତା ବି ଏବେ ଅନନ୍ୟ। ଆମ ପୋଷାକ ଆମ ପରିଚୟ ମାଧ୍ୟମରେ ଆମ ହସ୍ତତନ୍ତ ଆଉ କଳା କାରିଗରୀର ଗୁଣଗାନ କରାଯାଏ। ଠିକ୍ ସେମିତି ସମ୍ବଲପୁରୀ ପଶାପାଲିରୁ ଆରମ୍ଭ କରି ବରଗଡ଼ର ହସ୍ତତନ୍ତ, କୋରାପୁଟର କୋଟପାଡ଼ ପାଟଠୁ ନେଇ ଟସର ପୋଷାକ ଯାଏଁ- ଏସବୁକୁ ଓଡ଼ିଆଙ୍କ ନିକଟରେ ଉପସ୍ଥାପନ କରାଯାଏ। ଓଡ଼ିଆ ଲୋକଗୀତଠୁ ନେଇ ଓଡ଼ିଆ ସାହିତ୍ୟ ଓ କିମ୍ବଦନ୍ତୀ ବି ଜୀବନ୍ୟାସ ପାଏ।

କଥାରେ ଅଛି, ଭାଷା ହିଁ ଜୀବନ ଶକ୍ତି ଜୀବମାନଙ୍କର। ଯେଉଁ ଜାତି ଭାଷାହୀନ, ସେ ଜାତି ବର୍ବର। ସମୟର ଗତାନୁଗତିକ ପରିବର୍ତ୍ତନ ସହିତ ଆଜି ଓଡ଼ିଆମାନେ ନିଜ ମାତୃଭାଷାକୁ କହିବା ପାଇଁ ବି ଲାଜ କରୁଛନ୍ତି। ବିଶ୍ୱ ସ୍ତରରେ ପରିଚିତ ଆମ ଓଡ଼ିଶା ଭାଷା। ମା'ର ଭାଷା ହିଁ ମାତୃଭାଷା। ଏହା ଯେତେ ସୁନ୍ଦର ସରସ ସାବଲୀଳ, ଅନ୍ୟ କୌଣସି ଭାଷା କେବେ ଏହାର ସମକକ୍ଷ ହୋଇ ପାରିବ ନାହିଁ। ମାତୃଭାଷାରେ ଗୋଟିଏ ଜାତିର ସ୍ୱାଭିମାନ ପ୍ରକଟିତ। ଆମ ମାତୃଭାଷା ଆଉ ମାତୃଭୂମିକୁ ଲୋକଙ୍କ ପାଖରେ ପୁନର୍ଜୀବିତ କରିବାର ଏ ସୁଦୀର୍ଘ ପଥ ହେଉଛି ଓଡ଼ିଆ ପକ୍ଷ।

ସାହିତ୍ୟ, ସଙ୍ଗୀତ, ପାରମ୍ପରିକ ନୃତ୍ୟରେ ବିଭୋର ହୋଇ ଏ ପର୍ବ କେବଳ ଏକ ପକ୍ଷରେ ସୀମିତ ନୁହେଁ, ବରଂ କିଛି ଭିତରେ ଅନେକକୁ ଅନୁଭବ କରିବାର ଏକ ନିଆରା ସମ୍ଭାବନା। ଯେଉଁ ରାଜ୍ୟର ଭାଷା ଯେତେ ଉନ୍ନତ, ସେ ରାଜ୍ୟ ସେତେ ବିକଶିତ। କୌଣସି ଉନ୍ନତ ରାଜ୍ୟର ସାହିତ୍ୟ ଓ ସଂରକ୍ଷଣ ତାହାର ଭାଷା ଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ସେ ରାଜ୍ୟର ଶିକ୍ଷା ଓ ସଂସ୍କୃତି ଆପେ ଆପେ ବିକଶିତ ହୁଏ। ମଣିଷ ନିଜ ସ୍ୱାଭିମାନକୁ ନେଇ ବଞ୍ଚେ। ମାତୃଭାଷା ଆମ ମନର ସେହି ସ୍ୱାଭିମାନ ସୃଷ୍ଟି କରେ। ଏହାକୁ ଉଜ୍ଜୀବିତ କରିବା ଏକାନ୍ତ କାମ୍ୟ। ଓଡ଼ିଆ ପକ୍ଷ ମାତୃଭାଷା ଓ ମାତୃଭୂମିର ତୂର୍ଯ୍ୟନାଦ କରୁ, ସଂସ୍କୃତିର ପଥିକ ସାଜୁ, ଓଡ଼ିଆଙ୍କ ଭିତରେ ଓଡ଼ିଶାକୁ ନେଇ ଅପରୂପ ମୂର୍ଚ୍ଛନା ସୃଷ୍ଟି କରୁ। ଆସନ୍ତୁ, ଓଡ଼ିଶାର ପୁରପଲ୍ଲୀରୁ ଏହି ପକ୍ଷର ଶୁଭାରମ୍ଭ କରିବା, ଆମ ଭାଷାକୁ ନେଇ ଗର୍ବ କରିବା, ଆମ ଅସ୍ମିତାକୁ ବାରମ୍ବାର ଦୋହରାଇବା।

**ଜୈବ ନିରୀକ୍ଷକ,**
**ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା**
**ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯**



ଧ୍ରୁବ ଚରଣ ଘିବେଲା

# ମୁଖରେ ମୁଖା

ଚଇତ୍ର ବସନ୍ତ ଋତୁର ଦ୍ୱିତୀୟ ମାସ। ଓଡ଼ିଆ ବର୍ଷର ଶେଷ ମାସ। ବସନ୍ତ ଋତୁ ଚକ୍ରର ଶେଷ ଋତୁ। ବସନ୍ତ ପରେ ଆସେ ନିଦାଘ ଗ୍ରୀଷ୍ମ। ଚଇତରେ ଗ୍ରୀଷ୍ମର ପଦଧ୍ୱନି ପୁଣି ହୋଇଥାଏ ଅନୁଭୂତ। ଚଇତରେ ଚଇତି ବାଆ ବହେ। ଚଇତି ଧୂମ ଉଠେ। ଧୂଆଁଳିଆ ପରିବେଶ ଦେଖା ଦିଏ। ପଳାଶ ଫୁଲ ବାଟେ ଘାଟେ ରହି ଆଖି ଠାରେ। ତା'ର ନାଲି ରଙ୍ଗ ବାଟୋଇକୁ ମୁଗ୍ଧ କରାଏ। ଚଇତ ମଙ୍ଗଳବାରରେ ମାଆ ମଙ୍ଗଳା ପୂଜା ପାଆନ୍ତି। ଫଗୁଣର ଅଲୋଡ଼ା ପଳାଶ ଚଇତରେ ବେଶ୍ ଲୋଡ଼ା ପଡ଼େ। ଖୋଜା ପଡ଼େ। ପଳାଶ ମାଆ ମଙ୍ଗଳାଙ୍କଠି ଲାଗି ହୁଏ। ବସନ୍ତ କାଳରେ ବାସନ୍ତୀକ ଦୁର୍ଗାପୂଜା ହୁଏ। ଅଶୋକାଷ୍ଟମୀ ଯାତ ହୁଏ। ଚୈତ୍ର ଶୁକ୍ଳ ପ୍ରତିପଦାକୁ ହିନ୍ଦୁ ନବବର୍ଷ ପାଳନ କରାଯାଏ। ଚୈତ୍ର ଶୁକ୍ଳ ନବମୀ ଶ୍ରୀରାମ ନବମୀଠୁ ରାମଲୀଳା ଯାତ୍ରା ମହୋତ୍ସବର ଶୁଭାରମ୍ଭ ହୁଏ କେଉଁଠି କେଉଁଠି। ଆମ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚଇତ ମାସରେ ଦଣ୍ଡଯାତ୍ରା ହୁଏ। ଅନେକ ସ୍ଥାନରେ ଦଣ୍ଡଯାତ୍ରା ଓ ରାମଲୀଳା ଯାତ୍ରା ଆଗ ପଛ ହୋଇ ଏକ ସମୟରେ ଚାଲେ। ଦଣ୍ଡଯାତ୍ରା ସରେ ପଣା ସଂକ୍ରାନ୍ତିରେ।

ତେବେ ରାମଲୀଳା ଯାତ୍ରା ହେଉ କି ଦଣ୍ଡଯାତ୍ରା ହେଉ, ଯାତ୍ରା କଳାକାରମାନେ ଅଭିନୟ ପାଇଁ ମୁହଁରେ ଓ ଦେହରେ ରଙ୍ଗ ଲଗାନ୍ତି। ମୁହଁ ଆଉ ଦେହରେ ରଙ୍ଗ ଲଗାଇ ମଞ୍ଚରେ ଅଭିନୟ କଲେ ପରିଚିତ ଲୋକଙ୍କୁ ବି ଅଭିନୟ କାଳରେ ପ୍ରାୟତଃ ଚିହ୍ନି ହୁଏନି। କେତେକ ସ୍ଥଳରେ ବିଭିନ୍ନ ଜୀବଜନ୍ତୁଙ୍କ ଅଭିନୟ କଲେ, ସେଇ ଜନ୍ତୁର ମୁଖା ମୁହଁରେ ଲଗାଇ ଅଭିନୟ କରନ୍ତି କଳାକାର। ଆଉ ସେଇ ମୁଖାରୁ ବାଘ, ଭାଲୁ, ହରିଣ ଚରିତ୍ରରେ ଯେ କେହି ଅଭିନୟ କରୁଥିବାର ଜଣା ଯାଆନ୍ତି। ବାଘ ଚରିତ୍ରରେ କେଉଁଠି କିଏ ଅଭିନୟ କରୁଥିଲେ, ସେଇ ବାଘ ଚରିତ୍ରର ଆକର୍ଷଣୀୟ ବେଶଭୂଷା ଓ ନାଚ ଦେଖିବା ପାଇଁ ବହୁ ଦର୍ଶକ ରୁଣ୍ଡ ହୁଅନ୍ତି। ବାଦ୍ୟର ତାଳେ ତାଳେ ବାଘ ଚରିତ୍ରରେ ଅଭିନୟ କରୁଥିବା କଳାକାର ପାଦ ମିଳେଇ ଚିତ୍ତାକର୍ଷକ ବାଘ ନୃତ୍ୟ ପରିବେଷଣ କରି ଦର୍ଶକଙ୍କର ଜବରଦସ୍ତ ଦୃଷ୍ଟି ଆକର୍ଷଣ କରନ୍ତି। ଆଉ ଦର୍ଶକଙ୍କୁ ଭରପୂର ଆନନ୍ଦ ଦେଇଥାନ୍ତି। ରାମଲୀଳା ଯାତ୍ରାରେ ମାୟାମୃଗର ଅଭିନୟ କରୁଥିବା କଳାକାରଙ୍କୁ ସେମିତି ମୃଗ ମୁଖା ପରିଧାନ କରିବା ସହ ମୃଗ ଛାଲ ପିନ୍ଧି ଚାରିଗୋଡ଼ିଆ ହୋଇ କଷ୍ଟସାଧ ମୃଗ ଅଭିନୟ କରିବାକୁ ହୁଏ। ତେବେ ମୁଖରେ ମୁଖା ଲଗାଇ ଆବଶ୍ୟକତା ଆଧାରରେ ବିଭିନ୍ନ ଜୀବଜନ୍ତୁଙ୍କ ଅଭିନୟ କରିଥାନ୍ତି କଳାକାର ମଞ୍ଚ ଉପରେ, ନଚେତ୍ ପଥପ୍ରାନ୍ତରେ।

ଏ ଦୁନିଆ ଏକ ବିରାଟ ମୁକ୍ତମଞ୍ଚ। ଏ ଦୁନିଆର ମୁକ୍ତମଞ୍ଚରେ ସଭିଏଁ ଜଣେ ଜଣେ କଳାକାର। ଏଠି ନିତି ମଞ୍ଚସ୍ଥ ହୁଏ ବାସ୍ତବବାଦୀ ଜୀବନ ନାଟକ। ହେଲେ ବ୍ୟକ୍ତି ଥାଆନ୍ତି ଏକ, କିନ୍ତୁ ଚରିତ୍ର ତୁଲାନ୍ତି ଅନେକ। ବିଜ୍ଞାନ ପ୍ରକଳ୍ପ 'ଅନେକରେ ଏକ' ଭଳି ଏଠି ଜଣେ ଲୋକକୁ ଅନେକ ଚରିତ୍ରର ଭୂମିକା ତୁଲାଇବାକୁ ହୁଏ। ଅବଶ୍ୟ ବିନା ରଙ୍ଗରେ ଜୀବନ ମଞ୍ଚରେ ଏଠି ଅଭିନୟ କରିବାକୁ ପଡ଼େ ସମସ୍ତଙ୍କୁ। ଅନେକ ବ୍ୟକ୍ତିଙ୍କୁ ଅନେକ ଚରିତ୍ରରେ ଅଭିନୟ କରିବାକୁ ଯାଇ ଅନେକ ଦାୟିତ୍ୱ ମୁଣ୍ଡେଇବାକୁ ହୁଏ। ଦାୟିତ୍ୱବାନ ହୋଇ ତୁଲାଇବାକୁ ବି ପଡ଼େ। ସତସତିକା ଜୀବନ ମଞ୍ଚରେ ଭୁଲ୍ ଅଭିନୟ କଲେ ନିନ୍ଦା ଅପବାଦ ସହିବାକୁ ହୁଏ। ଦାୟିତ୍ୱବାନ ପ୍ରାୟତଃ ନିର୍ଭୁଲ୍ ଦାୟିତ୍ୱ ତୁଲାନ୍ତି। ଠକ ଯାହା ଠିକ୍‌ରେ ଦାୟିତ୍ୱ ତୁଲାଇ ନଥାନ୍ତି! ଏଠି ମଣିଷକୁ ଚିହ୍ନିବାରେ ବେଳେ ବେଳେ ଭୁଲ୍ ହୋଇଯାଏ, ମୁଖରେ ଅଦୃଶ୍ୟ ମୁଖା ଥୋଇ ଅଭିନୟ କରି ବସିଲେ। ବେଳେ ବେଳେ ନୁହେଁ, ଆଜିକାଲି ଅନେକ ସମୟରେ ଅନେକଙ୍କୁ ଚିହ୍ନିବା ସହଜ ହୁଏ ନାହିଁ। ହେଉ ନାହିଁ। କାହିଁକି ନା, ବିଶ୍ୱାସରେ ବିଷ ମିଶେଇ ଦିଆଯାଉଛି। ସରଳ



ମଣିଷ ଭାବେ ଯାହାକୁ ଗ୍ରହଣ କରି ନିଆଯାଉଛି, ସିଏ ବି ପର ମୁହୂର୍ତ୍ତରେ ସ୍ୱାର୍ଥପର ପାଲଟି ଅତୀତରେ ଅନ୍ୟଠୁ ପାଇଥିବା ସାହାଯ୍ୟକୁ ଭୁଲି ଯାଉଛି। କୃତଜ୍ଞ ରହିବା ବଦଳରେ କୃତଘ୍ନ ହେଉଛି। ବିଶ୍ୱାସ ବିଷେଇ ଯାଉଛି। ସହଜରେ ବିଶ୍ୱାସ କରି ହେଉନି ଅନେକଙ୍କୁ।

ଆଜିକାଲି 'ମୁଖରେ ମୁଖା' ପିନ୍ଧି ବୁଲୁଛନ୍ତି ସୁବିଧାବାଦୀ ଦୁନିଆ ରଙ୍ଗମଞ୍ଚରେ। ସେ ମୁଖା ସତସତିକା ମୁଖା ନଥାଏ। ସେ ମୁଖା ଥାଏ ଅଦୃଶ୍ୟ। ଅସଲ ମୁଖା ପିନ୍ଧି ଅଭିନୟ କରାଯାଏ ଅସଲ ମଞ୍ଚ ଉପରେ। ସେଠି ମୁଖା ଅସଲିକୁ ଅଭିନୟରେ ଥାଏ ନକଲ। ଅନ୍ୟ ପାଖେ, ଅଦୃଶ୍ୟ ମୁଖା ବୋଲି କିଛି ନଥାଏ। ହେଲେ ବାସ୍ତବ ଅଭିନୟରେ ଥାଏ ଠକାମି, ଭଣ୍ଡାମି। ମୁଖରେ ରଙ୍ଗ ନ ଲାଗି ମଧ୍ୟ ସାଙ୍ଘାତିକ ଅଭିନୟ କରନ୍ତି କେବଳ ଠକିବା ପାଇଁ, ଲୁଟିବା ପାଇଁ। କିଛି ଲୋକଙ୍କ ସରଳ କଥାରେ ବି ଥାଏ ଅତ୍ୟନ୍ତ ଜଟିଳ ତତ୍ତ୍ୱ। ସେଇ ମୁଖରେ ଆମିଷ, ସେଇ ମୁଖରେ ନିରାମିଷ! ମୁଖ ଏକ, କଥା ଅନେକ। ସ୍ଥାନ ନେଇ କଥା ବଦଳ କରନ୍ତି। 'ହଁ'କୁ 'ନା', 'ନା'କୁ କରି ପାରନ୍ତି 'ହଁ'। ମିଛ ଅଭିନୟକାରୀଙ୍କ ପାଇଁ ସତ ମିଛ ହୁଏ, ମିଛ ବି ସତ ହୋଇପାରେ। ସେଇ ମୁଖରେ ଅରୁଆ, ସେଇ ମୁଖରେ ଉଷୁନା। ଅର୍ଥାତ୍ ସ୍ୱାର୍ଥ ଆଧାରରେ କଥା କୁହନ୍ତି। ପକ୍ଷ ରଖନ୍ତି। ସୁବିଧାବାଦର କିନ୍ତୁ ରଙ୍ଗ ନଥାଏ। ଏମାନେ ବହୁରୂପୀ। ଏ ଘର ମାଉସୀ, ସେ ଘର ପିଉସୀ ସେମାନେ ଥାଆନ୍ତି। ବିନା ରଙ୍ଗରେ ଦେଖାନ୍ତି କମାଲ। ରଙ୍ଗ ଲଗାଇଲେ କ'ଣ ନ କରିବେ ? ଦେଖଣାହାରୀ ଯାହା ହୁଏ ବେହାଲ। ତେବେ ମୁଖରେ ଅଦୃଶ୍ୟ ମୁଖା ପରିଧାନକାରୀ ସବୁବେଳେ ସୁବିଧାବାଦୀ ଆଭିମୁଖ୍ୟ ଦେଖାଇଥାନ୍ତି। ଦୁନିଆ ଭାସିଯାଉ, ମୁଁ (ସୁବିଧାବାଦୀ) କିନ୍ତୁ ସୁବିଧାଜନକ ସ୍ଥିତିରେ ସବୁବେଳେ ରହିଥିବି- ଏଇ ରୁଗ୍ଣ ବିଚାର ସବୁବେଳେ ଆପଣେଇଥାନ୍ତି ମୁଖାଧାରୀ ସୁବିଧାବାଦୀ। ଏମାନଙ୍କୁ ଚିହ୍ନି, ଏମାନଙ୍କଠୁ ସର୍ବଦା ଦୂରେଇ ତରକି ରହିବା ଭଲ। ଏମାନଙ୍କଠୁ ନିରାପଦ ଦୂରତା ରକ୍ଷା କରି ସାଧୁ ସବୁବେଳେ ସାବଧାନ ରହିବା ଜରୁରୀ। ତେବେ ମୁଖାକୁ ଜୁହାର, ମୁଖା ପିନ୍ଧାଳିକୁ ବି ଦୂରୁ ଜୁହାର।

**ବଉଦରାଜ, ଜି- ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ବିଜୁ ଏକ୍ସପ୍ରେସ୍ ରାସ୍ତା ପାଲଟିଛି ମରଣଯନ୍ତା



- ବାରମ୍ବାର ଘଟୁଛି ଦୁର୍ଘଟଣା
- ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ

**ସିନାପାଲି,୪।୪/ଏନ୍ଏନ୍ଏସ୍:** ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ସିନାପାଲି ଅତିକ୍ରମ କରିଥିବା ବିଜୁ ଏକ୍ସପ୍ରେସ୍ ୱେ ମରଣଯନ୍ତା ପାଲଟିଛି । ଉକ୍ତ ରାସ୍ତା କାର୍ଯ୍ୟ ବେପରୁଆ ଭାବେ ତରବରିଆ ନିର୍ମାଣ କରାଯାଇଥିବାବେଳେ ଅନେକାଂଶରେ ବ୍ୟତିକ୍ରମ ଦେଖାଯାଇଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ତଥା ଅଧିକାରୀ କର୍ଣ୍ଣପାତ କରିନଥିଲେ । କିନ୍ତୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାପରେ ପୁନଃ ସମସ୍ୟା ମୁଣ୍ଡ ଟେକି ଉଠିଥିଲା । ଏହିକ୍ରମେ ଧୁଙ୍ଗିଆମୁଣ୍ଡାରେ ଏକ ବିରାଟ ସମସ୍ୟା ଦେଖାଯାଇଥିଲା । ଧୁଙ୍ଗିଆମୁଣ୍ଡା ଗ୍ରାମର ମଧ୍ୟଭାଗରେ ଏହି ରାସ୍ତା ଅତିକ୍ରମ କରିଥିବାରୁ ଅନେକ ଅସୁବିଧା ଦେଖାଦେଇଛି । ଗୋଟିଏପଟେ ଗ୍ରାମର ଅର୍ଦ୍ଧାଧିକ ଲୋକେ ବସବାସ କରୁଥିବାବେଳେ ଅନ୍ୟପଟେ ପ୍ରାଥମିକ ବିଦ୍ୟାଳୟ ରହିଛି । ଫଳରେ ଛାତ୍ରଛାତ୍ରୀ ମୁଖ୍ୟରାସ୍ତା ଅତିକ୍ରମ କରି ବିଦ୍ୟାଳୟ ଯିବା ବିପଦ ହୋଇପଡ଼ିଛି । ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ ପରେ ଉକ୍ତ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ରାସ୍ତା ଖୋଲି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ହେଲେ ନିର୍ମାଣ କାର୍ଯ୍ୟସ୍ଥଳୀର ଉଭୟ ପାର୍ଶ୍ୱରେ ଠିକ୍ ଭାବେ ସୂଚନାଫଳକ ଦିଆଯାଇ ନାହିଁ । ବ୍ୟାରିକେଟ୍ କିମ୍ବା ରେଡିଅମ୍ ଷ୍ଟିକର୍ ମଧ୍ୟ ଲଗାଇ ନାହାନ୍ତି । ଫଳରେ ଦୈନିକ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ନଷ୍ଟ ହେଉଛି । ଗତ ୨୮ ତାରିଖ ଏକ ପିକ୍ଅପ୍ ଭ୍ୟାନ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାବେଳେ ଜଣେ ଶ୍ରମିକ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ । ସେହପରି ତା' ପରଦିନ ଭୋର୍ରୁ ଏକ ଟ୍ରକ୍ ପାର୍ଶ୍ୱରେ ଥିବା ଢିପକୁ ଚଢ଼ିଯାଇ ଅଳ୍ପକେ ବର୍ତ୍ତିଯାଇଛି । ସେହିପରି ଏଠାରେ ଅନେକ ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣସ୍ଥଳୀର ଉଭୟ ପାର୍ଶ୍ୱରେ ଠିକ୍ ଭାବେ ସୂଚନା ତଥା ସତର୍କ ଫଳକ ଲଗାଇବା ସହ ବ୍ୟାରିକେଟ୍ ଓ ରେଡିଅମ୍ ଷ୍ଟିକରିଂ କରିବାକୁ ଦାବି କରିଛନ୍ତି । ନଚେତ୍ ଆଗକୁ ବଡ଼ ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇନପାରେ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ।

# ଓଡ଼ିଆ ନାମଫଳକ ଲେଖା ଅଭିଯାନ



**ମାଲକାନଗିରି,୪।୪/ଏନ୍ଏନ୍ଏସ୍:** ଜିଲ୍ଲାରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ଏକ ସଚେତନତା ଶୋଭାଯାତ୍ରା ଓ ଓଡ଼ିଆ ନାମଫଳକ ଲେଖା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବସ୍ଷ୍ଟାଣ୍ଡରୁ ଡିଏନ୍କେ ଖେଳପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଓଡ଼ିଆ ଆମର ମାତୃଭାଷା ଏବଂ ଏହାର ସମ୍ମାନ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଜିଲ୍ଲାପାଳ କହିଥିଲେ । ତେଣୁ ମାଲକାନଗିରିବାସୀ ଏହି ଅଭିଯାନରେ ସହଯୋଗ କରି ନିଜ ନିଜ ଦୋକାନ ଓ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲଗାଇବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ପୌରପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ସାମିଲ୍ ହୋଇଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା । ଏଥିରେ ସହାୟକ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ, ବିଭାଗୀୟ କର୍ମଚାରୀ ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା, ରିଙ୍କୁ ରଞ୍ଜନ ଅଧିକାରୀ ଓ ସୋନାଲି ରାୟ ସହଯୋଗ କରିଥିଲେ । ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆରେ ନାମଫଳକ ଲଗାଇବା ପାଇଁ ଏହି ଅଭିଯାନ ମାଧ୍ୟମରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାଣିଜ୍ୟ ସଂଘର ସଦସ୍ୟ ଗଣେଶ ସାହା, ସତ୍ୟ ନାରାୟଣ କଲେଜର ଛାତ୍ରଛାତ୍ରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

# ଟଙ୍କା ନଥିବାରୁ ୬ ବସ୍ ଚଳାଚଳ ବନ୍ଦ

**ଜୟପୁର,୪।୪/ଏନ୍ଏନ୍ଏସ୍:** ରାଜ୍ୟ ପରିବହନ ନିଗମର ବିକଳ ଚିତ୍ର ସାମ୍ନାକୁ ଆସିଛି । ନିଗମ ପାଖରେ ତେଲ ପକାଇବାକୁ ଟଙ୍କା ନଥିବାରୁ ଜୟପୁରରୁ ବିଭିନ୍ନ ସ୍ଥାନକୁ ଯାଉଥିବା ୬ଟି ରୁଟ୍ରେ ସରକାରୀ ବସ୍ ସେବା ବାତିଲ୍ ହୋଇଛି । ଏପରି ଅଭାବନୀୟ ସ୍ଥିତି ରାଜ୍ୟ ପରିବହନ ନିଗମ ଜୟପୁର ୟୁନିଟ୍ରେ ଦେଖିବାକୁ ମିଳିଛି । ସାଧାରଣରେ ଲୋକେ ସରକାରୀ ବସ୍ ଉପରେ ଭରସା କରୁଥିବାବେଳେ ଏପରି ବାତିଲ୍ ହେବାଦ୍ୱାରା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜୟପୁରରୁ କଟକ ଭାୟା ରାୟଗଡ଼ା, ଜୟପୁରରୁ କଟକ ଭାୟା ଶ୍ରୀକାକୁଲମ, ଜୟପୁରରୁ ସୋରଡ଼ା, ଜୟପୁରରୁ ଫୁଲବାଣୀ, ଜୟପୁରରୁ କମଲାଡ଼ିହ ଓ ଜୟପୁର ପାର୍ବତିପୁରମ୍ ରୁଟ୍ରେ ବସ ସେବା ବନ୍ଦ ରହିଛି । ଏହାର ଅଗ୍ରୀମ ଟିକେଟ୍କୁ ମଧ୍ୟ ଜୟପୁର ୟୁନିଟ୍ କର୍ତ୍ତୃପକ୍ଷ ବାତିଲ୍ କରିଛନ୍ତି । ପ୍ରକାଶଥାଉକି ନିଗମର ସମସ୍ତ ବସ୍ ଏକ ଅଧିକୃତ ପେଟ୍ରୋଲ୍ ପମ୍ପରୁ ତେଲ ପକାଉଥିଲା । କିନ୍ତୁ ଅଧିକୃତ ପେଟ୍ରୋଲ୍ ପମ୍ପ ତେଲ ଦେବାକୁ ମନା କରିଦେବା ଫଳରେ ଏହି ସବୁ ରୁଟ୍ରେ ବସ୍କୁ ନିଗମ ପକ୍ଷରୁ ବନ୍ଦ କରାଯାଇଛି । ତେବେ ତେଲ ବାବଦରେ ଟଙ୍କା ବକେୟା ଥିବା ହେତୁ ପେଟ୍ରୋଲ୍ ପମ୍ପ କର୍ତ୍ତୃପକ୍ଷ ମନା କରିଦେବା ଦ୍ୱାରା ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ।

# ଇଷ୍ଟର୍ କାଣ୍ଟାଟା କାର୍ଯ୍ୟକ୍ରମ



**ମ.ରାମପୁର,୪।୪/ଏନ୍ଏନ୍ଏସ୍:** ଇମ୍ମାନୁଏଲ୍ ଚର୍ଚ୍ଚ (ସିଏନ୍ଆଇ) ମ.ରାମପୁର ପକ୍ଷରୁ ଆମ୍ବେଦକର ଛକ ସମ୍ମୁଖରେ ଥିବା ଖୋଲା ପଡ଼ିଆରେ ଇଷ୍ଟର୍ କାଣ୍ଟାଟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆଚାର୍ଯ୍ୟ ପ୍ରଭାତ ନନ୍ଦଙ୍କ ପ୍ରାର୍ଥନା ସହ ଆରମ୍ଭ ହୋଇଥିଲା । ପରେ ସ୍ୱାଗତ ସଙ୍ଗୀତ, ଉପାସନା ଓ ଧାର୍ମିକ ବାର୍ତ୍ତା ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଉପସ୍ଥିତ ଥିଲେ । ସେହିପରି ପଦ୍ମଲୋଚନ ମିଶ୍ର (ଜିଲ୍ଲା ଉପାଧ୍ୟକ୍ଷ, ବିଜେପି), ସତ୍ୟନାରାୟଣ ସାହୁ (ବ୍ଲକ୍ ଅଧ୍ୟକ୍ଷ, ବିଜେଡି), ଚିତ୍ତରଞ୍ଜନ ବାଗ (ପୂର୍ବତନ ସରପଞ୍ଚ), ରୁଦ୍ର ପ୍ରତାପ ସିଂହ (ବ୍ଲକ୍ ଅଧ୍ୟକ୍ଷ, କଂଗ୍ରେସ), ନାରାୟଣ ପ୍ରସାଦ ଅଗ୍ରୱାଲ (ଯୁବନେତା, କଂଗ୍ରେସ), ବୃନ୍ଦାବନ ନାଗ (ଜିଲ୍ଲା ଅଧ୍ୟକ୍ଷ, ଏଓଏସ୍ସିଏଫ୍), ଦୟାଦାନ ନାଗ (ବ୍ଲକ୍ ଅଧ୍ୟକ୍ଷ,ଏଓଏସ୍ସିଏଫ୍) ଓ ପ୍ରେମସାଗର ନାଏକ (ସଚିବ,ଏଓଏସ୍ସିଏଫ୍), ଅଭିରାମ ନନ୍ଦ (ସମାଜସେବୀ), ମଙ୍ଗଳଦାନ ସାହୁ (ପାଷ୍ଟୋରେଟ୍ ସମ୍ପାଦକ), ଏସୋ ନନ୍ଦ (ପାଷ୍ଟୋରେଟ୍ କୋଷାଧ୍ୟକ୍ଷ) ଓ ଆଚାର୍ଯ୍ୟ ଏନ୍ ଆନନ୍ଦ (କାଣ୍ଟାଟା ନିର୍ଦ୍ଦେଶକ)ଙ୍କ ସହ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ । ଅଭିନାଶ ନାଏକ (ସ୍ଥାନୀୟ ଚର୍ଚ୍ଚ ସମ୍ପାଦକ) ଓ କୌତୁକ ନାଗ (ସ୍ଥାନୀୟ ଚର୍ଚ୍ଚ କୋଷାଧ୍ୟକ୍ଷ) ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଷ୍ଟର କାଣ୍ଟାଟା ନାଟକ ମୁଖ୍ୟ ଆକର୍ଷଣ ଥିଲା ଯେଉଁଥିରେ ଯୀଶୁ ଖ୍ରୀଷ୍ଟଙ୍କ ବଳିଦାନ ଏବଂ ପୁନରୁତ୍ଥାନକୁ ସୁନ୍ଦର ଭାବେ ଜୀବନ୍ତ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ପୂର୍ତ୍ତ ବିଭାଗ କର୍ମଚାରୀଙ୍କଠୁ ଲୁଟ୍ ଘଟଣା, ୫ ଗିରଫ

**ରାୟଗଡ଼ା,୪।୪/ଏନ୍ଏନ୍ଏସ୍:** ରାୟଗଡ଼ା ସହର ଫାୟାର୍ ଷ୍ଟେସନ୍ ନିକଟରେ ରହୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିବା ସହ ଲୁଟ୍ ଘଟଣାରେ ରାୟଗଡ଼ା ପୁଲିସ୍ ଜଣେ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜେଶ ସେଠୀ ଓରଫ ରାଜା, ରଜନୀ ରାଣୀ ସେଠୀ ଓରଫ ରୋଜୀ, ଦେବାଶିଷ ପାଢ଼ୀ, ଯଶୋବନ୍ତ ନାୟକ ଓରଫ ଜେଶୁ ଓ ହରେଶ ରନ୍ଧାଲୁ । ରାୟଗଡ଼ା ପୂର୍ତ୍ତ ବିଭାଗରେ କାର୍ଯ୍ୟ କରୁଥିବା ବସନ୍ତ କୁମାର ମିଶ୍ରଙ୍କ ଘରେ ଗତ ମାସ ୧୨ରୁ ୧୩ ତାରିଖରେ ରାତିରେ ଜଣେ ମହିଳାଙ୍କ ସମେତ ୫ ଯୁବକ ହାତରେ ବନ୍ଧୁକ ଛୁରୀ ଆଦି ମାରଣାସ୍ତ୍ର ଧରି ଜୋର୍ ଜବରଦସ୍ତି ପଶିଥିଲେ । ରାତି ୧୧ଟାରେ ଘରେ ପଶି ସକାଳ ୫ଟା ଯାଏଁ ଦୁର୍ବୃତ୍ତମାନେ ବସନ୍ତଙ୍କୁ ନିର୍ମମ ଭାବେ ମାରପିଟ୍ କରିଥିଲେ । ଦୁର୍ବୃତ୍ତମାନେ ତାଙ୍କଠାରୁ ସୁନା ଚେନ୍, ମୁଦି, ଘରୋଇ ଆସବାପତ୍ର, ବାଇକ୍ ଲୁଟି ନେବା ସହ କିଛି ଆସବାପତ୍ର ଭାଙ୍ଗିଦେଇଥିବା ନେଇ ଶ୍ରୀ ମିଶ୍ର ଥାନାରେ ଏତଲା ଦେଇଥିଲେ । ଏପରିକି ଦୁର୍ବୃତ୍ତମାନେ ତାଙ୍କ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟର ଟଙ୍କା ଉଠାଣ ଫର୍ମ ସନ୍ତକ କରିବା ସହ ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ତାଙ୍କ ଫୋନ୍ ପେ ଆକାଉଣ୍ଟରୁ ୧୧ ହଜାର ଟଙ୍କା ମଧ୍ୟ ଟ୍ରାନ୍ସଫର୍ କରିଥିବା ନେଇ ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ । ଦୁର୍ବୃତ୍ତମାନେ ସକାଳୁ ବାହାର ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ । ସକାଳୁ ଶ୍ରୀ ବସନ୍ତ ଘଣ୍ଟାଏ ଧରି ପାଟି କରିବା ପରେ ସାହିପଡ଼ିଶା ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ଓ ପୁଲିସ୍ ଘଟଣାରେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ସେମାନଙ୍କଠାରୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର୍, ଗୋଟଏ ଗ୍ରାଇଣ୍ଡର୍, ୨ଟି ସାଉଣ୍ଡ ସ୍ପିକର୍, ରାଇସ୍ କୁକର୍, ଇଲେକ୍ଟ୍ରିକ୍ କେଟଲ୍ ଓ ଗୋଟିଏ ୱାଟର୍ ବୋତଲ୍ ଜବତ କରିଥିବା ପୁଲିସ୍ ଗଣମାଧ୍ୟମକୁ ପ୍ରେସବାର୍ତ୍ତାରେ ସୂଚନା ଦେଇଛି ।

# ରନ୍ଧନ ଗ୍ୟାସ୍ ବଣ୍ଟନ ସମ୍ପର୍କିତ ସମନ୍ୱୟ ବୈଠକ

**ଦେବଗଡ଼,୪।୪/ଏନ୍ଏନ୍ଏସ୍:** ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ଓ ଅନ୍ୟାନ ପେଟ୍ରୋଲିୟମ୍ ରନ୍ଧନ ଯୋଗାଣ ଆବଶ୍ୟକତା ଉପରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାହୁ ଦେବଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଲୋକମାନେ ଗ୍ୟାସ୍ ସିଲିଣ୍ଡର୍ ଓ ପେଟ୍ରୋଲିୟମ୍ ରନ୍ଧନ ଉପରେ ଗ୍ୟାସ୍ କଳାବଜାରୀ ରୋକିବା ପାଇଁ ଓ ଗ୍ୟାସ୍ ଅଧିକ ବ୍ୟବହାର ନକରିବା ଉପରେ ସମୀକ୍ଷା କରିଥିଲେ । ସିଲିଣ୍ଡର ଠିକ୍ ଭାବେ ବ୍ୟବହାର କରିବା ଓ ବିଭିନ୍ନ ହୋଟେଲ୍ ରେସ୍ତୋରାଁ ମାଲିକମାନେ ଗ୍ୟାସ୍ ବ୍ୟବହାର କରୁଥିବା ରୋଷେଇ ଘରକୁ ଯାଞ୍ଚ କରିବା, ଡାକ୍ତରଖାନା, ଶିକ୍ଷା ପ୍ରତିଷ୍ଠାନ, ଆହାର କେନ୍ଦ୍ର, ଜେଲ୍ ଖାନାରେ ଗ୍ୟାସ୍ ଯୋଗାଣ ଓ ବ୍ୟବହାରରେ ଯାଞ୍ଚ କରିବା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚପରଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଭାତ୍ କୁମାର ଓଝା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବିଭିନ୍ନ ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମାନବିକତାର ପରିଚୟ ଦେଲେ ବଜରଙ୍ଗ ଦଳ ଓ ସ୍ୱର୍ଗଧାମ ସେବା ସମିତି



**ରାୟଗଡ଼ା,୪।୪/ଏନ୍ଏନ୍ଏସ୍:** ଉତ୍ତରପ୍ରଦେଶର କାନପୁର ଅଞ୍ଚଳର ରାଜୁ କୁମାର (୩୮)ଙ୍କ ମୃତ୍ୟୁ ହୋଇଥିବାବେଳେ ମାନବିକତାର ପରିଚୟ ଦେଇ ବଜରଙ୍ଗ ଦଳ ଓ ସ୍ୱର୍ଗଧାମ ସେବା ସମିତିର କର୍ମକର୍ତ୍ତାମାନେ ସହାୟତାର ହାତ ବଢ଼ାଇଛନ୍ତି । ସୂଚନାରୁ ଜଣାପଡ଼ିଛି ଯେ ସହରର ଜଗନ୍ନାଥ ମନ୍ଦିର ସାହିରେ ବସବାସ କରି ରାଜୁ ଆଇସକ୍ରିମ୍ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିଲେ । ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଦେହାନ୍ତ ପରେ ଶବ ସଂସ୍କାର କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ପରିବାରର କୌଣସି ସଦସ୍ୟ ଉପସ୍ଥିତ ନଥିବାରୁ ପରିସ୍ଥିତି ଅତ୍ୟନ୍ତ ଦୁଃଖଦ ହୋଇପଡ଼ିଥିଲା । କାରଣ ମୃତକଙ୍କ ସହିତ କେବଳ ତାଙ୍କ ସ୍ତ୍ରୀ ପିଙ୍କି (୩୫) ଥିବାରୁ ସେ ଅସହାୟ ଅବସ୍ଥାରେ ବଜରଙ୍ଗ ଦଳ କର୍ମୀଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ । ପରେ ବଜରଙ୍ଗ ଦଳ ଓ ସ୍ୱର୍ଗଧାମ ସେବା ସମିତିର ସଦସ୍ୟମାନେ ମିଳିତଭାବେ ଆଗକୁ ଆସି ସମ୍ପୂର୍ଣ୍ଣ ଶବ ଦହନ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ସେବାକାର୍ଯ୍ୟରେ ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ଶଶ୍ୟଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ବଳ ଉପାସନା ପ୍ରମୁଖ ଗଣେଶ ବେହେରା, ମିଳନ କେନ୍ଦ୍ର ପ୍ରମୁଖ କାର୍ତ୍ତିକ ବେହେରା, ଶିବ ବେହେରା, କଲ୍ୟାଣ ବେହେରା, ଈଶ୍ୱର ବେହେରା ଓ ସ୍ୱର୍ଗଧାମ ସେବା ସମିତିର ଆଶା ବନିସିକା, ଟି.ଲୋକେଶ କୁମାର ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଏହି ମାନବୀୟ ସେବାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

**ନବରଙ୍ଗପୁର,୪।୪/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ମୈଦଲପୁର ଥାନା ନିଳାଦ୍ରୀଗୁଡ଼ା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ହେଲେ ମୈଦଲଣ୍ଡଘଣ୍ଟଭର୍ତ୍ତୁ ପୁର ଥାନା ଭାଲୁଝର ଗ୍ରାମର ରତି ମାଝୀ (୪୫) । ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗକୁ ହସ୍ତାନ୍ତର କରିଛି । ଗତ ଶୁକ୍ରବାର ରାତିରେ ନୂଆକୋର୍ଟସ୍ଥିତ ଗର୍ଭରାଇ ମନ୍ଦିରରେ ଚୈତ୍ରା ଦେଖି ବିଳମ୍ବିତ ରାତିରେ ଏକ ବାଇକ୍ ଯୋଗେ ନିଜ ଗାଁ ଭାଲୁଝର ଫେରୁଥିବାବେଳେ ୨୬ନଂ ଜାତୀୟ ରାଜପଥର ନୀଳାଦ୍ରିଗୁଡ଼ାରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଖବରପାଇ ମୈଦଲପୁର ପୁଲିସ୍ ପହଞ୍ଚି ଶବ ଜବତ କରିଥିଲା । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ନେଇ ଥାନାଧିକାରୀ ଯୁଗଳ ଶବର କହିଛନ୍ତି ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ

# 'ଖଡ଼ିଛୁଆଁ ଶିଶୁଙ୍କ ପାଇଁ ନୂତନ ଯାତ୍ରା'





**ବୌଦ୍ଧ,୪।୪/ଏନ୍ଏନ୍ଏସ୍:** ବୌଦ୍ଧ ଜିଲ୍ଲା ଧଲପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ୨୦୨୬ ଓ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ୍ ଦୁବେଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନ, ତହସିଲଦାର୍ ବଳଦେବ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, ସିଡିପିଓ ଦିପ୍ତିମୟୀ ପାତ୍ର, ୟାସିଡିଏ ଜିଲ୍ଲା ସଂଯୋଜକ ଶୁଭଲକ୍ଷ୍ମୀ ବାରିକ, ଧଲପୁର ସରପଞ୍ଚ ସୁଜାତା କର୍ଣ୍ଣ ଓ ସମିତିସଭ୍ୟା ସନ୍ଧ୍ୟାରାଣୀ ନାଏକ ଉପସ୍ଥିତ ଥିଲେ । ଏହି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ବରଂ ଶିକ୍ଷା ପ୍ରତି ସମାଜର ଦାୟିତ୍ୱ ଓ ଅଙ୍ଗୀକାରର ଏକ ସୁନ୍ଦର ପ୍ରତିଫଳନ ଥିଲା । ଖଡ଼ିଛୁଆଁ ଶିଶୁଙ୍କ ପାଇଁ ନୂତନ ଯାତ୍ରା । ଏହା ନୂତନ ପିଢ଼ୀଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଆଶାକୁ ଆହୁରି ସୁଦୃଢ଼ କରିଛି ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ । ନବ କିଶୋର ଦୀପ ମଞ୍ଚ ପରିଚାଳନା କରିଥିବାବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ପୌଲସ୍ତି ଭୋକ୍ତା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ ବ୍ୟାସଦେବ କୁଟୀର ଓ ଲୁମ୍ବିନୀ ଉଦ୍ୟାନର ଉଦ୍‌ଘାଟନ କରାଯାଇଥିଲା । ସମସ୍ତ ପୂଜା କାର୍ଯ୍ୟ ପଣ୍ଡିତ ଯୋଗୀନ୍ଦ୍ର ଯୋଶୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଏହାସହ 'ଗାଁ ରାଇଜ', 'ରଙ୍ଗର ଦୁନିଆ' ଓ 'ଖେଳ ମାଧ୍ୟମରେ ଶିକ୍ଷା' ଭଳି ନାନାପ୍ରକାର ଶିକ୍ଷାମୂଳକ ଷ୍ଟଲ୍ ସଜା ଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାଙ୍କୁ ପ୍ରଥମେ ଅକ୍ଷର ଲେଖାଇ ସେମାନଙ୍କ ଶିକ୍ଷା ଜୀବନର ଶୁଭାରମ୍ଭ କରାଯାଇଥିଲା । ଏହାସହ ପିଲାଙ୍କୁ ଶିକ୍ଷା ସାମଗ୍ରୀ ଯଥା ଶ୍ଳେଟ୍, ଖଡ଼ି ଓ ବ୍ୟାଗ୍ ବଣ୍ଟା ଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ ନାଚଗୀତ ଓ ପାଲା ମାଧ୍ୟମରେ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ । ପାଲା ମାଧ୍ୟମରେ ଅଭିଭାବଙ୍କୁ ପିଲାଙ୍କୁ ବିଦ୍ୟାଳୟକୁ ପଠେଇବା ପାଇଁ ସଚେତନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଚେତନତା ରଥ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା ।

● **ମାଲକାନଗିରି:** ଜିଲ୍ଲାରେ ନୂତନ ଶିକ୍ଷା ବର୍ଷର ଶୁଭାରମ୍ଭ ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଏମ୍‌ଭି-୭ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶିଶୁଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା । ଆମ ଜିଲ୍ଲାର ପ୍ରତ୍ୟେକ ପିଲା ଯେଭଳି ଗୁଣାତ୍ମକ ଶିକ୍ଷା ପାଇବେ ସେଥିପାଇଁ ସରକାର ଓ ପ୍ରଶାସନ ପ୍ରତିବଦ୍ଧ ବୋଲି ବିଧାୟକ ଶ୍ରୀ ମାଡ଼କାମୀ କହିଥିଲେ । ବିଦ୍ୟାଳୟ ଗୁଡ଼ିକୁ ଶିଶୁ ଅନୁକୂଳ କରିବା ଏବଂ ସେମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ଆମର ପ୍ରାଥମିକତା ବୋଲି ଜିଲ୍ଲାପାଳ କହିଥିଲେ । ଏହି ସଚେତନତା ରଥ ସମଗ୍ର ଜିଲ୍ଲା ଭ୍ରମଣ କରି ଶତପ୍ରତିଶତ ନାମଲେଖା ନିଶ୍ଚିତ କରିବା ଦିଗରେ ଅଭିଭାବକଙ୍କୁ ସଚେତନ କରିବ । ଏହି ଅବସରରେ ବିଧାୟକ ଓ ଜିଲ୍ଲାପାଳ ଶିଶୁଙ୍କୁ ଖଡ଼ି ଛୁଆଁଇବା ସହ ସେମାନଙ୍କୁ ଶିକ୍ଷା କିଟ୍, ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର, ଗୋଲାପ ଫୁଲ, ମିଠା ଓ ଚକଲେଟ୍ ପ୍ରଦାନ କରିଥିଲେ ।

ଏହାସହ ଏକ ସ୍ୱତନ୍ତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି ଅଭିଯାନ ସମଗ୍ର ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସମାରୋହ




**ବୟାଳିଶମୌଜା,୪।୪/ଏନ୍ଏନ୍ଏସ୍:** କଟକ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ସହିତ ଖଡ଼ି ଛୁଆଁ ସମାରୋହ ଓ ଶିଶୁ ବାଟିକା ର ଶୁଭ ଉଦଘାଟନ ଶନିବାର କଟକ ସଦର ବ୍ଲକ ଅନ୍ତର୍ଗତ ପିଏମ ଶ୍ରୀ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟ ଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ବେଣ୍ଟକାର ସରପଞ୍ଚ ଶିବଶଙ୍କର ମଲ୍ଲିକ, ଅତିରିକ୍ତ ଶିକ୍ଷାଧିକାରୀ ଅଭିଜିତା ଭାସ୍କର ଓ ସନ୍ତୋଷ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିନ୍ମୟ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଖଟୁଆ, ଚିତ୍ତ ରଞ୍ଜନ ପଣ୍ଡା, ସୁଚିସ୍ମିତା ମହାନ୍ତି, ହାରାମଣି ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ପରେ ମୁଖ୍ୟ ଅତିଥି ଶ୍ରୀ ସେଠୀ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ଖଡ଼ି ଛୁଆଁଇ ଥିଲେ । ଏଥିରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅନିଲି ଦାସ, ଆରତ ଭଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ଅତିରିକ୍ତ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ, ମାନସୀ ଧଳ, ବିଭିନ୍ନ କ୍ଲଷ୍ଟରର ସିଆରସିସି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମାହାଙ୍ଗାର ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ

**ମାହାଙ୍ଗା,୪।୪/ଏନ୍ଏନ୍ଏସ୍:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏ ନେଇ ମାହାଙ୍ଗା ବ୍ଲକର ଆନନ୍ଦପୁର ପଞ୍ଚାୟତସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖଣ୍ଡହତାରେ ପ୍ରଧାନଶିକ୍ଷକ କମଳାକାନ୍ତ ଷଡଙ୍ଗୀ, ଶିକ୍ଷୟିତ୍ରୀ ପ୍ରତିମା ସେଠୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ । ସେହିପରି ମଉଦା ପଞ୍ଚାୟତ ସ୍ଥିତ ଚଷାଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗଣେଶ୍ୱର ଦେହୁରୀ, ଶିକ୍ଷୟିତ୍ରୀ ମନୋରମା ରାଉତ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉତ୍ସବକୁ ପାଳନ କରିଥିଲେ । ସେହିପରି ମଉଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବାଇଧର ମଲିକ, ଶିକ୍ଷକ ପଦ୍ମଲୋଚନ ସାହୁ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ । ସରକାରୀ ପ୍ରାଥମିକ ବିଦ୍ୟାଳୟ ନାରୀଜଙ୍ଗରେ ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ବାରିକ ଓ ବରିଷ୍ଠ ଶିକ୍ଷକ ଭାଗ୍ୟଧର ରାଉତ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉତ୍ସବ ପାଳନ କରିଥିଲେ । ଶ୍ରୀକୃଷ୍ଣପୁର ପଞ୍ଚାୟତ ସ୍ଥିତ କୁଆଁପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ସେନାପତି, ଶିକ୍ଷୟିତ୍ରୀ ମମତା କୁମାରୀ ବେହୁରା, ପ୍ରତିମାରାଣୀ ଘୋଷାଲ, ବନିତା ମାରାଣ୍ଡି ଓ ଛାତ୍ରଛାତ୍ରୀମାନେ ଉତ୍ସବ ପାଳନ କରିଥିଲେ । ନୁର୍ତାଙ୍ଗ ସରକାରୀ ପ୍ରାଥିମକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା କର, ଶିକ୍ଷକ ସର୍ବେଶ୍ୱର ସ୍ୱାଇଁ, ଦୀପକ କୁମାର ମାଝି, ଶିକ୍ଷୟିତ୍ରୀ ସୁକାନ୍ତୀ ଦାସ ଓ ଛାତ୍ରଛାତ୍ରୀମାନେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ପାଳନ କରିଥିବାବେଳେ ପ୍ରାଥମିକ ବିଦ୍ୟାଳୟ ଡଗରାସାହିରେ ପ୍ରଧାନଶିକ୍ଷକ ସେକ ହଲିମ ମହମ୍ମଦ, ଶିକ୍ଷକ ଦାଲୁରାମ ହାଁସଦା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ ।

## ନାଚୁଣୀ କଲେଜ ଅଧ୍ୟାପିକାଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଚିଲିକା,୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଅଧ୍ୟାପିକା ଶ୍ରୀମତୀ କଲ୍ୟାଣୀ ମହାନ୍ତିଙ୍କୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସର ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ଅବସରକାଳୀନ ସଭାରେ ଅଧ୍ୟାପିକା ସଂଘମିତ୍ରା ପଟ୍ଟନାୟକ, ଲୀନା ନନ୍ଦୀଜା, ରଶ୍ମୀତା ଜେନା, କବିତା ଦେବୀ, ସୁଭଦ୍ରା ଭୋଳ, ରୂପ ପ୍ରଭା ପ୍ରଧାନ, ପ୍ରକୃତି ମିଶ୍ର, ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା, ଦେବଦତ୍ତ ପାଣି, ଅଜିତ୍ କୁମାର ଦାଶ, ମୁକେଶ ସାସମଲ, ଡେମୋନଷ୍ଟ୍ରେଟର ସଂଗ୍ରାମ କେଶରୀ ହରିଚନ୍ଦନ, ଅଜିତ୍ କୁମାର ମିଶ୍ର, ନାରାୟଣ ସାହୁ ଓ ମୁଖ୍ୟ କିରାଣୀ ପ୍ରମୋଦ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ଅଧ୍ୟାପିକା କଲ୍ୟାଣୀ ମହାନ୍ତିଙ୍କୁ ଜଣେ ସଚୋଟ, ଦକ୍ଷ ଓ ଛାତ୍ର ବତ୍ସଳ ଅଧ୍ୟାପିକା ଭାବେ ଅଭିହିତ କରିଥିଲେ । ଡକ୍ଟର କବିତା ଦେବୀ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଦେବଦତ୍ତ ପାଣି ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



**ଓଡଗାଁ,୪।୪/ଏନ୍ଏନ୍ଏସ୍:** ନୂତନ ଶିକ୍ଷା ବର୍ଷରେ ନୂଆ ପିଲାଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିବାପାଇଁ ଆଜି ସାରା ରାଜ୍ୟରେ ପ୍ରତି ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏନଏସି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଡଗାଁ ଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡଗାଁ ତହସିଲଦାର ଡ଼.ମାନସ ରଞ୍ଜନ ଭୋଇ, ସମ୍ମାନିତ ଅତିଥିଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଓଡଗାଁ ମଣ୍ଡଳ ବିଜେପି ସଭାପତି ସଞ୍ଜୟ କୁମାର ସାହୁ, ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ପ୍ରମୁଖ ଯୋଗ ଦେଇଥିଲେଓ ଭଲପଢିବା, ଭଲଖେଳିବା ଏବଂ ବଡ଼ ହୋଇ ଦେଶପାଇଁ କାମକରିବାକୁ କୁନିକୁନି ପିଲାଙ୍କୁ ଏନ୍ଏସି ଅଧିକାରୀ ପରାମର୍ଶ ଦେଇଥିଲେ । ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ଏବଂ ସରକାରଙ୍କ ବିଭିର୍ଣ୍ଣ ଯୋଜନା ଅଭିଭାବକମାନଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆଗ୍ରହ ସୃଷ୍ଟିକରିବାରେ ସଫଳ ହୋଇଛି ବୋଲି ତହସିଲଦାର ଶ୍ରୀଭୋଇ ମତ ରଖିଥିଲେ । ତତ୍ପରେ ପିଲାଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୦ ଜଣ ଶିଶୁବାଟିକା ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ତରଫରୁ ଯୋଗେଇ ଦିଆଯାଇଥିବା ସ୍କୁଲବ୍ୟାଗ, ପେନସିଲ, ରବର, ସ୍ଲେଟ, ବହି ଇତ୍ୟାଦି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଏହି କାର୍ଯ୍ୟରେ ସହଯୋଗ କରିଥିବାବେଳେ ସିଆରସିସି ନରେଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି ।

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 24/03/2026 I, JANARDDAN BEHERA , S/o- Late Natha Behera of vill- Bhejidihi, Po- Nayakote, Ps- Nayakote, Dist- Keonjhar, Pin-758018 Declare that I have changed my daughter's name from NITA BEHERA to LITA BEHERA. Hence forth, She shall be known as **LITA BEHERA** for all purposes.

JANARDDAN BEHERA

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 02/04/2026 I, SULEKHA NAIK, W/o- Laxmidhar Naik of vill- Nischintapur, Po- Radhikadeipur, Ps- Baria, Dist- Keonjhar, Pin-758032 Declare that I have changed my daughter's name from KRISHNA NAIK to KARISHMA NAIK. Hence forth, she shall be known as **KARISHMA NAIK** for all purposes.

SULEKHA NAIK

## ଶ୍ରୀପଲ୍ଲୀ ଟେକ୍‌ନିକ୍‌ରେ ବସନ୍ତ କବିତା ଆସର



**ଓଡ଼ଗାଁ,୪।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ମକରପଦା ସ୍ଥିତ ଶ୍ରୀପଲିଟେକନିକ ଠାରେ ଶୁକ୍ରବାର ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ତଥା ଖେଳମଣିଷ ଦିବାକର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଶ୍ରୀପଲିଟେକନିକ ଚେୟାରମ୍ୟାନ ଡ. ଶ୍ରୀନିବାସ ସୁବୁଦ୍ଧି, ପ୍ରକୃତିବନ୍ଧୁ ପ୍ରଫୁଲ୍ଲ ମାଝୀ, ପଞ୍ଚାନନ ପଣ୍ଡା,ଅଧ୍ୟକ୍ଷ ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ । ଓଡ଼ଗାଁ ଅଞ୍ଚଳର କବି,କବୟିତ୍ରୀ ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଇଂରେଜ ଅମଳରେ ଯେପରି କବିମାନେ କବିତା ମାଧ୍ୟମରେ ଇଁରେଜ ମାନଙ୍କ ବିରୁଦ୍ଧରେ ଆମ ଦେଶବାସୀଙ୍କୁ ଜାଗ୍ରତ କରାଇଦେଇଥିଲେ । ପରେ ଜ୍ୟୋତିରାଣୀ ବାରିକ ଓ ବର୍ଷାରାଣୀ ସାହୁଙ୍କ ସଂଯୋଜନାରେ କବିତାପାଠ ହୋଇଥିଲା । ସଭିଏଁ ନିଜନିଜର ସ୍ୱରଚିତ କବିତା ପାଠ କରିଥିଲେ ।କବିତା ଗୁଡିକ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା । ସମସ୍ତ ଅତିଥି ଏବଂ କବିମାନଙ୍କୁ ମାନପତ୍ର,ପୁଷ୍ପ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶରତଚନ୍ଦ୍ର ଷଡ଼ଙ୍ଗୀ, ମନୋଜ କୁମାର ନାୟକ, ରାଜୀବଲୋଚନ ବରାଡ଼, ପ୍ରିୟଦର୍ଶିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରମାନନ୍ଦ ସ୍ୱାଇଁ, ରମାକାନ୍ତ ପ୍ରଧାନ, ସତ୍ୟବାଦୀ ସାହୁ, ପ୍ରଦୀପ୍ତ ନାୟକ, ବବିତାରାଣୀ ମହାପାତ୍ର ସହଯୋଗ କରିଥିଲେ । ଶ୍ରୀ ପଲିଟେକନିକର ଜନସମ୍ପର୍କ ଅଧିକାରୀ ଗୋଲକ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୋଲଗଡ଼,୪।୪/ଏନ୍ଏନ୍ଏସ୍:** ବୋଲଗଡ ଶିକ୍ଷା ବ୍ଲକ ଫାସିଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭିମପଡାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ଓ ବିତରଣ ଉତ୍ସବ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହାଆଡ଼ମ୍ବର ସହକାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁବାଳା ମନ୍ତ୍ରୀଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବୋଲଗଡ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଫାସିଓଦା ଗ୍ରାମପଞ୍ଚାୟତ ସରପଞ୍ଚ ପୁଷ୍ପଲତା ଭଞ୍ଜ ଓ ସମ୍ମାନିତ ଅତିଥିଭାବେ ବୋଲଗଡ ବ୍ଲକ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ପଦ୍ମ ଚରଣ ବେହେରା, ସ୍କୁଲ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର କୁମାର ରାଉତ,ପଞ୍ଚସଖା ଶିକ୍ଷା ସେତୁ ସଭାପତି ସୁବଳ ମାଝୀ, ସ୍କୁଲ କମିଟି ସଦସ୍ୟ ଗୟାଧର ସ୍ୱାଇଁ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ଖଙ୍ଗୁରିଆ ପ୍ରାଥମିକ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅପର୍ତ୍ତି ଅଚ୍ଛ, ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ଦେଇ, ଶିକ୍ଷକ ବିଜୟ କୁମାର ସାହୁ, ସଂଗ୍ରାମ କେଶରୀ ମାଝୀ, ସମାଜସେବୀ ସାରଥ ମୁଦୁଲି ପ୍ରମୁଖ ଯୋଗଦେଇ ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁବାଳା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ହେମନ୍ତ କୁମାର ପରିଡା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ତ୍ରିନାଥ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । ଶିକ୍ଷୟିତ୍ରୀ ଶୁଭ୍ରାଜ୍ୟୋତି ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଶିକ୍ଷକ ରମେଶ ଚନ୍ଦ୍ର ବଳିୟାରସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ZILLA PARISHAD, NABARANGPUR** 19001/3/2627

Phone No- 06858-222372
e Mail- ori-dnawarangpur@nic.in

Lr No.2188 **OFFICE ORDER** Date : 31.03.2026

Sub: - **Calendar for Public Hearing at Panchayat Samiti / Block Level.**

In pursuance of the letter no.387/OS, dated. 26.08.2025 and letter no.418/OS, dated.23.09.2025 of Government in Panchayati Raj Department, Odisha public Hearing will be conducted under **SAMAGRA SHIKSHYA (period from 01.04.2024 to 31.03.2025) FY2025-26** and **MGNREGS (period from 01.04.2025 to 30.09.2025) FY 2025-26** at block level as per the calendar given below.

| Sl No | Name of the Block | Date and Time of Public Hearing | District level Designated Officer to participate in the S.A. P.H | Other officers to attend | Remarks |
|---|---|---|---|---|---|
| 01 | Tentulikhunti | 17.04.2026, 10.00 AM | CDO-cum-EO, ZP, Nabarangpur | BEO, Tentulikhunti & MC, ZP, | 1. All the Block Level Officers including Line Departments and staff concerned shall remain present with all records / documents. 2. Local NGOs may be associated voluntarily in the Public Hearing |
| 02 | Raighar | 18.04.2026, 10.00 AM | ADM, General, Nabarangpur | BEO, Raighar & DSA, ZP | |
| 03 | Dabugam | 21.04.2026, 10.00 AM | Sub Collector, Nabarangpur | BEO Dabugam, DSA, ZP. | |
| 04 | Papadahandi | 22.04.2026, 10.00 AM | ADM, Revenue, Nabarangpur | BEO, Papadahandi, & Dy. CEO, ORMAS. | |
| 05 | Jharigam | 23.04.2026, 10.00 AM | PD, Watershed, Nabarangpur | ADEO, SS, & DSA, ZP | |
| 06 | Nabarangpur | 23.04.2026, 10.00 AM | District Education Officer, Nabarangpur | AEO, MIS & BEO, Nabarangpur. | |
| 07 | Chandahandi | 24.04.2026, 10.00 AM | PA, ITDA, Nabarangpur. | BEO, Chandahandi & DSA, ZP | |
| 08 | Umerkote | 24.04.2026, 10.00 AM | Addl.EO, (Admin), ZP, Nabarangpur | BEO, Umerkote & MC, ZP | |
| 09 | Kosagumuda | 28.04.2026, 10.00 AM | Addl. Sub Collector, Nabarangpur | BEO, Kosagumuda, & DSA ZP | |
| 10 | Nandahandi | 28.04.2026 10.00 AM | DPO, ZP, Nabarangpur | ADEO, SS, Nabarangpur & DPM, OLM | |

OIPR-19001/19233/1/26-27/0001 Sd/-Collector, Navarangpur

**WORKS DEPARTMENT** 34001/275/2526
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**
e-mail : bhadrakrnbdivision@gmail.com
**Government of Odisha "e" Procurement Notice**
**Bid Identification No. SE (R&B) BDK - 46/2025-26**
No.3153 Dt. 26.03.2026

**TENDER CALL NOTICE**

Nature of work :- Civil Work and Electrical Works
Number of works :- 3 (Three) No's
Amount put to tender :- Rs.21.16 to 96.34 lakhs
Class of contractor : B Clas, C &D and HT
Date & Time of availability of bid document in the portal : 08.04.2026 at 11.00 AM
Last date / time of receipt of bid in the portal : 16.04.2026 up to 05.0 PM
Date of opening of bid : Dt.17.04.2026 at 11.30 AM
Name & address of the office inviting bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only.
Further details can be seen from the e-procurement portal "http//tendersodisha.gov.in"
All future corrigendum will be available on ONLINE mode only.

Sd/- Superintending Engineer
Bhadrak (R&B) Division
OIPR-34001/34079/1/25-26/0004

34001/11/2627
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I BERHAMPUR**
Phone/Fax : (0680) 2233683, e-mail : sernb1.ganjam@yahoo.com
**"e" Procurement Notice**
**Bid Identification No. SE R&B Divn. No.I Bam, 01/2026-27**
**Lr. No. 4283 dtd. 02.04.2026**

| | | |
|---|---|---|
| Name of work | : | E.I. Works |
| No of works | : | 06 (Six) No's |
| Estimated cost | : | Approximately Rs.9.92 to 33.10 lakh |
| Period of completion | : | One to Three calendar months |
| Date and time of availability of bid document in the portal | : | From 10.00 hours of 07.04.2026 to 16.00 hours of 14.04.2026 |
| Last date / time for receipt of bids in the portal | : | Up to 16.00 hours of 14.04.2026 |
| Name & address of the officer inviting bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-procurement portal https://tendersodisha.gov.in

Sd/- Superintending Engineer
Ganjam (R&B) Division No.I
Berhampur
OIPR-34001/34109/1/26-27/0001

7001/3/2627 **Annexure-II**
Office of District Manager
Odisha State Civil Supplies Corporation Ltd. (OSCSC)
Nayagarh (District) Phone:06753-252439
District Website: nayagarh.odisha.gov.in
Tender No.**1623** Dt. **02.04.2026**
District Manager, Odisha State Civil Supplies Corporation Ltd, Nayagarh **(District)** invites tenders in Double Cover System through **ONLINEMODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Labour Works) for Handling of Food grains (Rice,Wheat etc.)at the RRCs in the District of the State of Odisha |
| 2 | Availability of bid Document in the portal | From **04.04.2026** |
| 3 | Last Date/ Time for receipt of bids in the portal | Dt.**20.04.2026** up to **05:00**(PM). |
| 4 | Date/Time of Opening Of Technical Bid | Dt.**21.04.2026** up to**11:00(AM)**. |
| 5 | Name and address of the Officer Inviting Tender | District Manager, OSCSC Ltd., Nayagarh. |

Tender Documents & other details can be seen from the e-procurement portal www.oscsc.in,www.foododisha.in&www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager
OSCSC Ltd., Nayagarh
OIPR-7001/7057/1/26-27/0001

**କଟକ ଉନ୍ନୟନ କର୍ତ୍ତୃପକ୍ଷ** CDA 13001/24/2627
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ରେ ପ୍ଲଟ୍ ନଂ-F/695 ଟିକୁ ଶ୍ରୀ ଦଶରଥ ମହାନ୍ତି, ପିତା- ସ୍ୱର୍ଗତ ପ୍ରଭାକର ମହାନ୍ତି, ସା- ପ୍ଲଟ୍ ନଂ- ୩୩୦, ମହାନଦୀ ବିହାର, ପୋ-ନୟାବଜାର, ଥା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଦଶରଥ ମହାନ୍ତି ଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଶ୍ରୀ ବିବେକାନନ୍ଦ ମହାନ୍ତି, ପିତା- ସ୍ୱର୍ଗତ ଦଶରଥ ମହାନ୍ତି, ସା-ପ୍ଲଟ୍ ନଂ-୩୩୦, ମହାନଦୀ ବିହାର, ପୋ-ନୟାବଜାର, ଥା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ ଉକ୍ତ ପ୍ଲଟ୍ ସହିତ ଗୃହ ଟିକୁ ଉତ୍ତରାଧିକାର ସୂତ୍ର ରେ ତାଙ୍କ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)
OIPR-13001/13037/1/26-27/0004

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT** 4001/7/2627

**1)Tender Call Notice No. OTCN/CTC/CLE/15/2025-26:** Soil excavation, levelling and PCC work inside 33kV S/Y concrete work in S/Y periphery painting work of equipment structure foundations, earth pits and fencing foundations and other civil works inside 132/33kV Gird S/S, Choudwar under EHT (O&M) Circle, Cuttack.
**2)E-Tender Call Notice No. ETCN-31/2025-26:** Empanelment of reputed firms/travel agencies for providing hired light commercial vehicles at various units under EHT (O&M) Circle, Berhampur.
**3)Tender Call Notice No. 15/CHP/2025-26:** Engagement of 01(one) no. commercial registered light vehicle (Non AC 5 seater Bolero Camper or equivalent) to be used at TL SS & SD, Angul under EHT (O&M) Division, Chainpal.
**4)Tender Call Notice No. 01/2026-27:** Supply of 12 nos. of long range LED Dragon search light required for various GSSs with associated lines under EHT (O&M) Division, Dhenkanal.
**5)Tender Call Notice No. 01/2026-27:** Supply of various types of furniture to different Grid S/Ss and offices under EHT (O&M) Division, Bolangir.
**6)Tender Call Notice No. 02/2026-27:** Supply of LED flood/street lights to different Grid S/Ss and offices under EHT (O&M) Division, Bolangir.
For more details please visit OPTCL's website: **www.optcl.co.in.**

OIPR-4001/4011/1/26-27/0001 FIPR-02/2026-27
/optcl.odisha /optcl_odisha

ନିତିଦିନ NITIDIN



## ୬ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**କଟକ,୪।୪/ଏନ୍ଏନ୍ଏସ୍:** ଆସନ୍ତା ସୋମବାର ୬ ତାରିଖରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଠଗଡ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ଦଶ ଘଟିକା ସମୟରେ ଆରମ୍ଭ ହେବ। ଅଭିଯୋଗକାରୀମାନେ ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଓଡ଼ିଆରେ ନାମଫଳକ ଲେଖା ଅଭିଯାନ



**କଟକ,୪।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ' ସଚେତନତା କାର୍ଯ୍ୟକ୍ରମ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ଏହି ପଦଯାତ୍ରା ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । କଟକ ସଦର ବିଧାୟକ ଇଂ.ପ୍ରକାଶ ସେଠୀ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ଅଧିନିୟମ ଅନୁଯାୟୀ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଛି ।ଏଥିରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡେଇ, ସମସ୍ତ ସହକାରୀ ଶ୍ରମ ଅଧିକାରୀ, କର୍ମଚାରୀବୃନ୍ଦ, ଟ୍ରେଡ୍ ୟୁନିଅନ୍ ନେତାମାନେ, ବ୍ୟବସାୟୀ ସଂଘର ସଦସ୍ୟମାନେ ଏବଂ ଶ୍ରମିକମାନେ ଉପସ୍ଥିତ ଥିଲେ। ଏହି ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିଥିଲା। ଓଡ଼ିଆ ଭାଷା ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା। ଆମ ଓଡ଼ିଆ ଭାଷାର ଆହୁରି ଅଧିକ ପ୍ରଚାର ପ୍ରସାର ପାଇଁ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ନିଜ ନିଜର ଦୋକାନର ନାମଫଳକ ଓଡିଆରେ ଲେଖିବା ପାଇଁ ଅନୁରୋଧ କରାଯାଇଥଲା।

## ଗଞ୍ଜେଇ ଜବତ, ୨ ଗିରଫ



**କଟକ,୪।୪/ଏନ୍ଏନ୍ଏସ୍:** ଚୋରା ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ କଟକ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଆଜି କଟକ ସଦର ଥାନା ଅନ୍ତର୍ଗତ କୁଆଖାଇ ବ୍ରିଜ ନିକଟ କାଜିପାଟଣା ରୋଡ଼ ନିକଟରେ ଚଢ଼ଉ କରି ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁଇ ଜଣ ହେଲେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ମେକାନି ସାହିର ଅମିତ ବେହେରା (୪୨) ଓ କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୋରେଖେ ଗଣ୍ଡ ଗ୍ରାମର ନରେଶ ଗଣ୍ଡ(୪୨)। ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୁଲିସ ୧୫ କେଜି ଗଞ୍ଜେଇ ଓ ଗୋଟିଏ ଧଳା ରଙ୍ଗର ଚାରିଚକିଆ ଏରଟିଗା (ଓଡ଼ି୨୬ସି୮୧୬୬)ଗାଡ଼ି ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୧ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଭକ୍ତ ବତ୍ସଳ ବର୍ମା, ଏସ୍ଆଇ ଅକ୍ଷୟ ଜେନା, ଏଏସ୍ଆଇ ଜୟପ୍ରକାଶ ବେଉରିଆ, କନ୍ଷ୍ଟେବଲ ଅଜୟ ଜେନା, ଦେବବ୍ରତ ଓଝା, ଶଙ୍କର ସିଂହ ଓ ଦମୟନ୍ତି ନାଥ ପ୍ରମୁଖ ସାମିଲ ଥିଲେ। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ହରପ୍ରସାଦ ଦାସଙ୍କୁ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ

# 'ଅଦୃଶ୍ୟ ଭାବଧାରାକୁ ସାହିତ୍ୟ ବାନ୍ଧି ରଖେ'



**କଟକ,୪।୪/ଏନ୍ଏନ୍ଏସ୍:** ଲେଖକର ହୃଦୟର ଲେଖା ପାଠକର ହୃଦୟରେ ଝଙ୍କୃତ ହେଲେ ସାହିତ୍ୟର ଜୟ ହୋଇଥାଏ। ଭାଷା-ସାହିତ୍ୟର ଅନ୍ତର୍ନିହିତ ଶକ୍ତି ଅଛି, ଯାହା ଆମକୁ ଯୁଗ ଯୁଗ ଧରି ପ୍ରେରଣା ଯୋଗାଇ ଆସିଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ସମାରୋହରେ ହରପ୍ରସାଦ ଦାସଙ୍କୁ 'ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ' ପ୍ରଦାନ କରି ମୁଖ୍ୟ ଅତିଥି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ପ୍ରକାଶ କରିଛନ୍ତି । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ମାନ ଗ୍ରହଣ କରି ବିଶିଷ୍ଟ ସାରସ୍ୱତ ସାଧକ ହରପ୍ରସାଦ ଦାସ କହିଲେ ଯେ, ଆମ ସାହିତ୍ୟ ଯେତେ ମୌଳିକ ହେବ, କୃତ୍ରିମ ବୁଦ୍ଧିମତା ତା' ନିକଟରେ ହାର୍ ମାନିବ । ଭାରତୀୟ ସମୃଦ୍ଧ ସାହିତ୍ୟ ଓ ସଂସ୍କୃତି ସର୍ବଦା ବିଶ୍ୱକୁ ମାର୍ଗ ଦେଖାଇ ଆସିଛି। ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଜ୍ଞାନ ବିତରଣ ଭାଷା ଓ ଜ୍ଞାନ ସୃଜନର ଭାଷା ପାଠକ ଅନୁରୂପ ହେଲେ ତାହା ଅଧିକ ଗ୍ରହଣୀୟ ହେଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ବିଜୟାନନ୍ଦ ସିଂହ କହିଲେ ଯେ ଏ ଜାତିକୁ ଉନ୍ନତ ଓ ବିକଶିତ କରିବା ପାଇଁ ସାହିତ୍ୟର ବଡ଼ ଭୂମିକା ରହିଛି। ଉତ୍ସବରେ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଡକ୍ଟର ଧରଣୀଧର ନାଥ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନପତ୍ର ପାଠ କରିଥିଲେ ଗୋପା ଦାସ ଓ ଧନ୍ୟବାଦ ଅର୍ପଣ କରିଥିଲେ ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ। ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଶିବାଶିଷ କରଙ୍କ ସମେତ ଶତାଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ



**କଟକ,୪।୪/ଏନ୍ଏନ୍ଏସ୍:** ନୂଆପଡାସ୍ଥିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାତୃଭାଷା ଓଡ଼ିଆକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନର ନାମ ଫଳକକୁ ସ୍ୱଷ୍ଟ ଓ ନିର୍ଭୁଲ ଭାବେ ଓଡ଼ିଆରେ ଲେଖିବା ପାଇଁ ପଦଯାତ୍ରା ଜରିଆରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ବାହାରି ଅଞ୍ଚଳ ପରିକ୍ରମା କରିବା ବେଳେ ଯେଉଁ ବ୍ୟବସାୟ କେନ୍ଦ୍ର ଗୁଡିକରେ ନାମ ଫଳକ ବିନା ଓଡ଼ିଆରେ ଲେଖାଯାଇଥିଲା ସେଗୁଡ଼ିକୁ ଲିଭାଇ ପୁନର୍ବାର ଓଡ଼ିଆରେ ଲେଖିବାକୁ ପ୍ରତିଷ୍ଠାନର ମାଲିକଙ୍କୁ ସଚେତନ କରାଯାଇଥିଲା । ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଚଳିତ ମାସ ୧ରୁ ୧୪ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପାଳନ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ, ପ୍ରଭାଗିୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ରଶ୍ମିରଞ୍ଜନ ବରାଳ, ଶ୍ରମିକ ନେତା ବସନ୍ତ କୁମାର ସାହୁ, ଦେବଦୁର୍ଲଭ ଦାସ ଏବଂ ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତାମାନେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ପଦଯାତ୍ରାରେ ସାମିଲ ହୋଇଥିଲେ।

## ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗର୍ ଜବତ



**କଟକ,୪।୪/ଏନ୍ଏନ୍ଏସ୍:** ବ୍ରାଉନ୍ସୁଗର୍ କାରବାର ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଆଜି ସ୍ଥାନୀୟ କ୍ୟାଣ୍ଟନ୍ମେଣ୍ଟ୍ ଥାନା ଅନ୍ତର୍ଗତ ବକ୍ସିବଜାର ଦମକଳ କେନ୍ଦ୍ର ନିକଟ ଓ ବାଲିଯାତ୍ରା ପଡ଼ିଆ ମଝିରୁ ଚଢ଼ଉ କରି ୨ ଜଣ ବ୍ରାଉନ୍ସୁଗର୍ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ନିମସାହି ଅଞ୍ଚଳର ଶ୍ରୀତମ ଦାସ (୨୪) ଓ ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ମୀର ଲତିପୁର ରେହମାନ ଓରଫ ଜାବେଦ (୨୬)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୁଲିସ ମୋଟ ୨୬୬ ଗ୍ରାମ୍ ବ୍ରାଉନସୁଗର୍ ଓ ୨ଟି ମୋବାଇଲ ଜବତ କରିଛି। ଜବତ ବ୍ରାଉନ୍ସୁଗର୍ର ଆନୁମାନିକ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଇନସପେକ୍ଟର ହୀରା ଦଳପତି, ଏସ୍ଆଇ ଶେଖ ସାକିଲ ଉଲ୍ଲା, ଏଏସ୍ଆଇ ଏଆର୍ ମଲ୍ଲିକ, କର୍ଣ୍ଣ ଓରାମ, କନ୍ଷ୍ଟେବଲ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଚନ୍ଦ୍ରକାନ୍ତ ସାହୁ, ରଞ୍ଜିତ ସାହୁ, ପବିତ୍ର ଦାଶ ଓ ସୁମିତ ନାୟକ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରବେଶ ଉତ୍ସବ

**କଣ୍ଟିଲୋ,୪।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଆଜି ନୂତନ ଭାବେ ପ୍ରବେଶ ଉତ୍ସବ ସହ ଖଡ଼ି ଛୁଆଁ ପର୍ବ ଆରମ୍ଭ ହୋଇଛି। କଣ୍ଟିଲୋ ମଝିସାହି ଓ ହାଟମୁଣ୍ଡ ପାଟଣା ସ୍ଥିତ କଣ୍ଟିଲୋ ବାଳିକା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ନୂତନ ଶିକ୍ଷା ବର୍ଷ ଶୁଭାରମ୍ଭରେ ପ୍ରଥମ ଶ୍ରେଣୀ ଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପର୍ବ ସମ୍ପନ୍ନ ହୋଇଛି। ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଗ୍ରାମ ପରିକ୍ରମା କରୁଥିଲା ବେଳେ ପିଲାମାନେ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ 'ଶ୍ରୀଜୀଉଙ୍କ ଯାନିଯାତ୍ରା ଓ ପର୍ବପର୍ବାଣି' କ୍ୟାଲେଣ୍ଡର୍ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

## ଜନଗଣନାରେ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ

**ପୁରୀ,୪।୪/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ତାରିଖରୁ ଆରମ୍ଭ ହେବାକୁ ଯାଉଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅପ୍ରେଲ୍ ୧୬ତାରିଖରୁ ମଇ ୧୫ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି। ୱେବ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜନ ଗଣନା ଆମ ରାଷ୍ଟ୍ରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ତେଣୁ ଆମେ ସମସ୍ତେ ଏହି ପ୍ରକ୍ରିୟାରେ ସାମିଲ ହେବା ଏବଂ ଜନଗଣନା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସହଯୋଗ କରିବା ସହ ରାଷ୍ଟ୍ର ଗଠନ ପାଇଁ ଆମେ ସମସ୍ତେ ନିଜର ନୈତିକ କର୍ତ୍ତବ୍ୟ କରିବା ବୋଲି ସେ କହିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ 'ଖଡ଼ିଛୁଆଁ'



**କଟକ,୪।୪/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଆନୁକୁଲ୍ୟରେ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଆୟୋଜନରେ ଆଜି ୪୨ ମୌଜା ସ୍ଥିତ ବେଣ୍ଟକାର ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ି ଛୁଆଁ ଓ ଶିଶୁ ବାଟିକାର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କର ସ୍ୱାଭିମାନ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଅପ୍ରେଲ ପହିଲାଠାରୁ ଓଡ଼ିଆ ପକ୍ଷ ଆରମ୍ଭ ହୋଇଛି। ଆଜି ପକ୍ଷର ଚତୁର୍ଥ ଦିବସରେ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହେଉଛି। ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖଡିଛୁଆଁ ଆମ ଓଡିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା ବୋଲି ଅଭିହିତ କରିଥିଲେ। ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏହା ଏକ ଉତ୍ତମ ପ୍ରୟାସ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥବୃନ୍ଦ ଛାତ୍ର ଛାତ୍ରୀ ମନଙ୍କୁ ଖଡ଼ି ଛୁଆଁ କରାଇବା ସହିତ ପାଠ୍ୟ ଉପକରଣ ବଂଟନ କରିଥିଲେ। ପ୍ରାରମ୍ଭରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନଡ଼ିଆ ବାଡେଇ ସଚେତନତା ରଥର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋନାଲିସା ଖଟୁଆ, ଏବିଓ ଅନନ୍ତ ଚରଣ ଦେହୁରୀ,ଏବଂ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡକ୍ଟର ସୁଚିସ୍ମିତା ମହାନ୍ତି, ମାନସୀ ଧଳ, ହୀରାମଣି ମହାନ୍ତି, ଚିତରଞ୍ଜନ ପଣ୍ଡାଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରବେଶ ଉତ୍ସବ

**ଚାରିଛକ,୪।୪/ଏନ୍ଏନ୍ଏସ୍:** ଚାରିଛକ ଅଞ୍ଚଳରେ ବିଭିନ୍ନ ସରକାରୀ ଶିକ୍ଷା ଅନୁଷ୍ଠାନ ରେ ପ୍ରବେଶ ଉତ୍ସବ ପାଳନ ହେଉଥିବା ବେଳେ ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମନସ୍ୱିନି ଲେଙ୍କା ସଭାପତିତ୍ୱରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏହି ପ୍ରବେଶ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉଦ୍ୟନାଥ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ ,ମୁଖ୍ୟ ବକ୍ତା ନୀଳମଣି ସ୍ମୃତି ବିଦ୍ୟାପୀଠ ବାହାରଣାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର , ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର, ଭୋଦର କ୍ଲଷ୍ଟର ସିଆରସିସି ମଧୁସୂଦନ ପଟ୍ଟନାୟକ, ପରିଚାଳନା କମିଟିର ସଦସ୍ୟ ରାମଚନ୍ଦ୍ର ଜେନା, ଇନ୍ଦ୍ରମଣି ସାହୁ, ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରବେଶ ଉତ୍ସବ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ପ୍ରତୀକ୍ଷା ସାମଲ, ପ୍ରଣତି ବେହେରା, ଅଦ୍ୟାସା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ସସ୍ମିତା ପ୍ରଧାନ, ଶିକ୍ଷକ ବାବାଜୀ ଚରଣ ସେନାପତି, ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲଙ୍କ ସମେତ ସମସ୍ତ କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇ ସହଯୋଗ କରିଥିଲେ।

## ତମାଖୁ ଏବଂ ଜରାୟୁ କର୍କଟ ଟିକାକରଣ ସଚେତନତା



**କଟକ,୪।୪/ଏନ୍ଏନ୍ଏସ୍:** ଯୋବ୍ରାସ୍ଥିତ ବ୍ରଜରମ୍ଭା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ତମାଖୁ ଓ ଜରାୟୁ କର୍କଟ (ଏଚପିଭି) ଟିକାକରଣ ସଚେତନତା କାର୍ଯ୍ୟକ୍ରମ କଲେଜଛକସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୁଷଙ୍କ ଠାରେ ତମାଖୁ ଜନିତ କର୍କଟ ଏବଂ ମହିଳାଙ୍କ ଠାରେ ଜରାୟୁ ଜନିତ କର୍କଟ ରୋଗ ଅଧିକ ମାତ୍ରାରେ ଦେଖା ଦେଇଥାଏ। ଏହାକୁ ରୋକିବାରେ ସଚେତନତା ଏବଂ ଏଚପିଭି ଟିକାକରଣ ଦ୍ୱାରା ଏହାକୁ ଅନେକାଂଶରେ ଏଡାଇ ଦିଆଯାଇପାରିବ ବୋଲି ଅନୁଷ୍ଠିତ ସଚେତନତା ଶିବିରରେ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁବାସ ଚନ୍ଦ୍ର ଦାସ,ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜନା ବହୁଦା, ଫିଜିଓଥେରାପିଷ୍ଟ ଡାକ୍ତର ଗୌରୀ ଶଙ୍କର ପୃଷ୍ଟି, ୪୦ନଂ ୱାର୍ଡ କର୍ପୋରେଟର ଝିଲ୍ଲୀ ବିହାରୀ, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ଏବଂ ଗୌତମ ସାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶାକର୍ମୀ, ଶିଶୁ ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଏଏନ୍ଏମ୍ ଦିଦି ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ସର୍ବଦା କିଭଳି ଭାବେ ଏହି ମାଦକଦ୍ରବ୍ୟଠାରୁ ଦୂରେଇ ରହିବେ ସେ ଦିଗରେ ସେମାନଙ୍କୁ ଶପଥପାଠ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ

### ହାତଧରି ଲେଖାଇଲେ ...

ମୁଖ୍ୟମନ୍ତ୍ରୀ। ପ୍ରଥମେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା, ଗଢିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହିତ ପିଲାମାନଙ୍କୁ ପ୍ରଶଂସା କରିଥିଲେ। ଛୋଟ ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରିଥାନ୍ତି। ଓଡ଼ିଶାର ପ୍ରତିଟି ଶିଶୁ ହେଉଛି ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ। ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ସଠିକ୍ ଭାବେ ନିରୁପଣ କରି ତା'ର ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟରସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋଟିଏ ପରିବାରର ୯ ମୃତ ...

ଯାଇଥିଲେ। ସେଠାରୁ ସେମାନେ ଗୋଟିଏ କାର୍‌ରେ ଫେରୁଥିଲେ। କିନ୍ତୁ ମଣ୍ଡପ ଠାରୁ ଅଳ୍ପ ଦୂରରେ ଥିବା କୂଅରେ କାର୍‌ଟି ଖସି ପଡ଼ିଥିଲା। ଘଟଣା ଜଣାପଡ଼ିବା ପରେ ଅଗ୍ନିଶମ ବିଭାଗ, ବିପର୍ଯ୍ୟୟ ପରିଚାଳନା ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କୂଳରେ ଅଧିକ ପାଣି ଥିବା ଯୋଗୁଁ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଶେଷରେ କ୍ରେନ୍ ସାହାଯ୍ୟରେ ବିଳମ୍ବିତ ରାତିରେ କାରଟିକୁ କୂଅରୁ ବାହର କରାଯାଇଥିଲା। ଉଦ୍ଧାରକାରୀ ଟିମ୍ କୂଅରୁ କାର୍‌କୁ ବାହାର କରିବା ବେଳକୁ ସମସ୍ତ ୯ ଜଣ ପ୍ରାଣ ହରାଇ ସାରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଘଟଣା ବେଳେ କାର୍‌ର ବେଗ ଅଧିକ ରହିଥିଲା। ଏହି କାରଣରୁ ଡ୍ରାଇଭର୍ ଭାରସାମ୍ୟ ହରାଇଥିଲେ। ଫଳରେ ଗାଡ଼ିଟି ସ୍ଲିପ କରି ଯାଇଥିଲା। ଶେଷରେ ରାସ୍ତା କଡ଼ରେ ଥିବା ପାଣି ଭର୍ତ୍ତି କୂଅରେ ଏହା ଖସି ପଡ଼ିଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ ପତାକା ...

ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ କେବଳ ଏକ ଇଭେଣ୍ଟ ନୁହେଁ, ଓଡ଼ିଶାର କ୍ରୀଡ଼ାପାଇଁ ଏକ ଐତିହାସିକ ମୁହୂର୍ତ୍ତ। ୨୦୨୮ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହେବା ସହ ଏହି ପତାକା ଆମ ଆଶା, ଆକାଂକ୍ଷା ଓ ଗୌରବମୟ ଯାତ୍ରାର ପ୍ରତୀକ। ଏହା ହେଉଛି ସାରା ବିଶ୍ୱକୁ ଓଡ଼ିଶାର ପ୍ରତିଶ୍ରୁତି-ଏକ ସଫଳ, ଆକର୍ଷଣୀୟ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ଆଥ୍‌ଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ରବୀନ୍ଦ୍ର ଚୌଧୁରୀ ଏବଂ ଓଡ଼ିଶାର କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆ ପୋଲାଣ୍ଡରେ ଏହି ଚାମ୍ପିଅନସିପ୍‌ର ଫ୍ଲାଗ୍ ଗ୍ରହଣ କରିଥିଲେ। ଏହାଦ୍ୱାରା ଭାରତ ଓ ଓଡ଼ିଶାକୁ ଏହି ଚମ୍ପିଅନସିପ୍ ଆୟୋଜନ କରିବାର ଦାୟିତ୍ୱ ବିଧିବଦ୍ଧ ଭାବେ ପ୍ରଦାନ କରାଯାଇଛି। ପୋଲାଣ୍ଡରେ ୱାର୍ଲ୍ଡ ଆଥଲେଟିକ୍ସର ପ୍ରେସିଡେଣ୍ଟ ସେବାଷ୍ଟିଆନ୍ କୋ ଭାରତର ଓଡ଼ିଶାରେ ଏହି ଚାମ୍ପିଅନସିପ୍ ହେବ ବୋଲି ଘୋଷଣା କରିଥିଲେ। ଏହାଦ୍ୱାରା ବିଶ୍ୱ କ୍ରୀଡ଼ା ପଟଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ପ୍ରକାଶ ଯେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ବିଶ୍ୱସ୍ତରୀୟ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକ ପ୍ରତିଷ୍ଠିତ କାର୍ଯ୍ୟକ୍ରମ। ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ପ୍ରତିଯୋଗିତା କରି ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିଥାନ୍ତି।

### ମିଳିଲା ଜଙ୍ଗଲ ଜମି ...

ପଡ଼ିବ। ଏହି ବିମାନ ବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗର ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ। ମୋଟ ୧୧୬୪ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀ ଯାତାୟତର କ୍ଷମତା ରଖିବ। ପ୍ରକଳ୍ପ ପାଇଁ କମ୍ପେନ୍ସେଟରୀ ଆଫରେଷ୍ଟେସନ୍ ଏବଂ ପରିବେଶଗତ ସର୍ତ୍ତ ଲାଗୁ ହେବ। ପୂର୍ବରୁ ପରିବେଶ ଏବଂ ସିଆର୍‌ଜେଡ୍ ସମ୍ବନ୍ଧୀୟ ଅନୁମୋଦନ ମିଳିସାରିଛି।

ଏହା ଓଡ଼ିଶାର ପର୍ଯ୍ୟଟନ ଏବଂ ଅର୍ଥନୀତିକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ଷ୍ଟେଜ୍-୨ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ। ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଯେ ନିୟମ ଅନୁସାରେ ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ ଜାରି ରହିଛି। ପ୍ରଥମେ ଜମି ଅଧିଗ୍ରହଣକୁ ନେଇ ଆପତ୍ତି ଅଭିଯୋଗ ଶୁଣାଣି ହେବ।

ପରେ ଅଧିଗ୍ରହଣ କାର୍ଯ୍ୟ ଏବଂ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ କରାଯିବ। ବୈଷୟିକ ସର୍ଭେ ଅନୁମୋଦନ ମିଳିବା ପରେ କେତେ ଜମି ଅଧିଗ୍ରହଣ ହେବ ସେ ନେଇ ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ। ଯେତିକି ଜଙ୍ଗଲ ଜମି ଅଧିଗ୍ରହଣ ହେବ ସେହି ଅନୁସାରେ ନୂତନ ଜମି ଚିହ୍ନଟ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯିବ। ବିମାନ ବନ୍ଦର ପ୍ରକଳ୍ପ ପାଇଁ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ କରାଯାଉଛି। ମଙ୍ଗଳା ନଦୀ ଉପରେ ବ୍ରିଜ୍ ନିର୍ମାଣ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ କରାଯାଇ ସବୁ ଭିତ୍ତିଭୂମିର ବିକାଶ କାର୍ଯ୍ୟ କରାଯିବ।

### ୪୪୭ କୋଟି ମଞ୍ଜୁର ...

ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲା ମଧ୍ୟରେ ଯାତ୍ରୀବାହୀ ଏବଂ ମାଲବାହୀ ପରିବହନ ଅଧିକ ସହଜ ଓ ଦ୍ରୁତ ହୋଇପାରିବ। ଏହି ପ୍ରକଳ୍ପ ଅଧୀନରେ ରାସ୍ତାରେ ଥିବା ବିପଜ୍ଜନକ ସ୍ଥାନ ବା 'ବ୍ଲାକ୍ ସ୍ପଟ୍'ଗୁଡ଼ିକର ସଂଶୋଧନ ସହିତ ପକ୍କା ସୋଲ୍ଡର ବ୍ୟବସ୍ଥା କରାଯାଇ ରାସ୍ତାକୁ ଅଧିକ ସୁରକ୍ଷିତ କରାଯିବ। ବିଶେଷ କରି ଦୁଇଚକିଆ ଯାନବାହନ ଚଳାଚଳ ପାଇଁ ଏହା ବେଶ୍ ଲାଭଦାୟକ ହେବ। ଏହା ବ୍ୟତୀତ, ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଯେପରିକି ଦାରିଙ୍ଗବାଡ଼ି, ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଆଖପାଖ ପାର୍ବତ୍ୟ ଅଞ୍ଚଳକୁ ଯାତାୟାତ ସୁବିଧାଜନକ ହେବ। ଫଳରେ ସ୍ଥାନୀୟ ପର୍ଯ୍ୟଟନ ଓ ଅର୍ଥନୀତିର ବିକାଶରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

### ହର୍ମୁଜ୍ ଖୋଲ ନଚେତ୍ ...

ନିକଟରେ ଥିବା ଏକ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ଆକ୍ରମଣ କିଏ କରିଛି ସେନେଇ କୌଣସି ସ୍ପଷ୍ଟ ସୂଚନା ଏପର୍ଯ୍ୟନ୍ତ ଇରାନର ପରମାଣୁ ସଂସ୍ଥା ଦେଇପାରିନାହିଁ। ପ୍ରକାଶ, ବୁଶହର ପରମାଣୁ କେନ୍ଦ୍ର ଇରାନର ଶକ୍ତି ଉତ୍ପାଦନ କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି କେନ୍ଦ୍ର ଇରାନର ପରମାଣୁ କାର୍ଯ୍ୟକ୍ରମର ଏକ ପ୍ରମୁଖ କେନ୍ଦ୍ର। ସଂଘର୍ଷ ସମୟରେ ବୁଶେହର ପରମାଣୁ ପ୍ରତିଷ୍ଠାନ ଉପରେ ଏହା ହେଉଛି ଚତୁର୍ଥ ଆକ୍ରମଣ। ଏହି ଆକ୍ରମଣ ଯୋଗୁଁ ପ୍ଲାଣ୍ଟର ମୂଳ ଉପାଦାନଗୁଡ଼ିକର କୌଣସି କ୍ଷତି ହୋଇନାହିଁ, କିମ୍ବା ଉତ୍ପାଦନ କ୍ଷମତା ମଧ୍ୟ ପ୍ରଭାବିତ ହୋଇନଥିବା କୁହାଯାଉଛି। ଦକ୍ଷିଣ ଇରାନର ପାରସ୍ୟ ଉପସାଗରରେ ଅବସ୍ଥିତ ବୁଶହର ପରମାଣୁ କେନ୍ଦ୍ର ହେଉଛି ଦେଶର ପ୍ରଥମ ବାଣିଜ୍ୟିକ ପରମାଣୁ ଶକ୍ତି କେନ୍ଦ୍ର। ଦିନକ ପୂର୍ବେ ଇରାନ୍ ପକ୍ଷରୁ ନିକ୍ଷେପ କରାଯାଇଥିବା ବାଲିଷ୍ଟିକ ମିସାଇଲରେ 'କ୍ଲଷ୍ଟର ବୋମା' ବ୍ୟବହାର କରାଯାଇଥିଲା। ଏହାର କ୍ଷୁଦ୍ର ବୋମାଗୁଡ଼ିକ ଉତ୍ତର ଇସ୍ରାଏଲର ହାଇଫା ନିକଟବର୍ତ୍ତୀ କିରୟାତ୍ ଅତା ଅଞ୍ଚଳରେ ବିଛାଡ଼ି ହୋଇପଡ଼ିଥିଲା। ଏହି ଆକ୍ରମଣରେ ଅନେକ ଗାଡ଼ି ଜଳିଯାଇଛି ଏବଂ ଆବାସିକ କୋଠାଗୁଡ଼ିକର ବହୁତ କ୍ଷତି ହୋଇଛି। ଜଣେ ୭୯ ବର୍ଷୀୟ ବୃଦ୍ଧ ଏହି ବିସ୍ଫୋରଣର ଧକ୍କାରେ ଆହତ ହୋଇଥିବା ସୂଚନା ମିଳିଛି। କେବଳ କିରୟାତ୍ ଅତା ନୁହେଁ, ବନ୍ଂ ରାମାତ୍ ଗାନ୍, ପେଟା ଟିକଭା ଏବଂ ଗିଭାତ୍ ଶାମୁଏଲ୍ ଭଳି ସହରରେ ମଧ୍ୟ ମିସାଇଲ ମାଡ଼ ଯୋଗୁଁ ଘର ଓ ରାସ୍ତାଘାଟ ନଷ୍ଟ ହୋଇଛି।

### ହର୍ମୁଜ୍ ଛାଡ଼ିଲା ...

ଗୁରୁତ୍ୱପୂର୍ଣ୍ଣ। ରିପୋର୍ଟ ଅନୁସାରେ ଏହି ଜାହାଜରେ ପ୍ରାୟ ୪୬,୬୫୦ ମେଟ୍ରିକ ଟନ୍ ଏଲ୍‌ପିଜି ମହଜୁଦ୍ ରହିଛି। ସବୁଠୁ ବଡ଼କଥା ହେଉଛି ଯୁଦ୍ଧ ପରିସ୍ଥିତି ଆରମ୍ଭ ହେବା ପରଠାରୁ ହର୍ମୁଜ ପାର କରିଥିବା ଏହା ଭାରତର ୭ମ ଏଲ୍‌ପିଜି ଟ୍ୟାଙ୍କର। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ବର୍ତ୍ତମାନ ସୁଦ୍ଧା ଉପସାଗରୀୟ ଅଞ୍ଚଳରେ ୧୮ଟି ଭାରତୀୟ ଜାହାଜ ଏବଂ ପ୍ରାୟ ୪୮୫ ଜଣ ଭାରତୀୟ ନାବିକ ରହିଛନ୍ତି। ଏପର୍ଯ୍ୟନ୍ତ ୯୬୪ ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ସେହି ବିପଜ୍ଜନକ ଅଞ୍ଚଳରୁ ଫେରାଇ ଅଣାଯାଇଛି। ଏହି ଘଟଣାରୁ ସ୍ପଷ୍ଟ ପ୍ରତୀତ ହୋଇଛି ଯେ, ଯୁଦ୍ଧ ଚାଲିଥିଲେ ମଧ୍ୟ ଭାରତର କୂଟନୈତିକ ସମ୍ପର୍କ ଯୋଗୁଁ ଶକ୍ତି ଯୋଗାଣଏପର୍ଯ୍ୟନ୍ତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇନାହିଁ। ଇରାନ୍ ସହିତ ଥିବା ଭଲ ସମ୍ପର୍କ ଭାରତୀୟ ଜାହାଜଗୁଡ଼ିକ ପାଇଁ ଏକ ସୁରକ୍ଷା କବଚ ଭଳି କାମ କରୁଛି।

## ବିଳମ୍ବିତ ରାତ୍ରିରେ ପାଚେରି ଡେଇଁ ବନ୍ଦର ଭିତରକୁ ପଶିବାକୁ ଉଦ୍ୟମ

# ସନ୍ଦିଗ୍ଧ ଯୁବକଙ୍କୁ କାବୁକଲେ ସୁରକ୍ଷାକର୍ମୀ



**ପାରାଦୀପ,୪।୪/ଏନ୍‌ଏନ୍‌ଏସ୍:** ବନ୍ଦର ପାଚେରି ଡେଇଁ ଭିତରକୁ ପଶିବା ପାଇଁ ଅଣ ଓଡ଼ିଆ ଯୁବକଙ୍କ ଉଦ୍ୟମ। ବନ୍ଦର ନିଷିଦ୍ଧାଞ୍ଚଳ ସୁରକ୍ଷାରେ ଗୁରୁତର ତ୍ରୁଟି ଦେଖିବାକୁ ମିଳିଛି। ବନ୍ଦରର ୫ନମ୍ବର ଗେଟ୍ ନିକଟରୁ ଏହି ଅଣଓଡ଼ିଆ ଯୁବକକୁ କାବୁକଲେ ସୁରକ୍ଷାକର୍ମୀ। ବିଳମ୍ବିତ ରାତିରେ ପାଚେରି ଡେଇଁ ପଶିଥିଲେ ଯୁବକ। ସିଆଇଏସ୍‌ଏଫ୍ କର୍ମଚାରୀ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାକୁ ଉଦ୍ୟମ କରିଥିଲା ଏହି ଯୁବକ। ଉର୍ଦ୍ଦୁ ଓ ହିନ୍ଦୀ ମିଶା ଭାଷାରେ ଏହି ଯୁବକ କଥା ହେଉଥିବାରୁ ଏହି ଯୁବକ କିଏ, ସନ୍ଦିଗ୍ଧ ବାଂଲାଦେଶୀ ନାଁ ଅନ୍ୟ କିଏ ତାହା ଜଣାପଡିନି। ବିଳମ୍ବିତ ରାତିରେ ସୁରକ୍ଷାକର୍ମୀ ଓ ଯୁବକଙ୍କ ମଧ୍ୟରେ ଦୀର୍ଘ ସମୟ ଧସ୍ତାଧସ୍ତି ପରେ ଧରାପଡିଲେ ଯୁବକ। କାହିଁକି ଆସିଥିଲେ ଏବଂ କେଉଁଠୁ ଆସିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଯୁବକଙ୍କୁ ପାରାଦୀପ ଆଦର୍ଶ ଥାନାକୁ ହସ୍ତାନ୍ତର କରିଛି ବନ୍ଦର ସିଆଇଏସ୍‌ଏଫ୍। ଏହି ଘଟଣା ବନ୍ଦର ନିଷିଦ୍ଧାଞ୍ଚଳ ସୁରକ୍ଷାରେ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ବନ୍ଦର ପାଚେରି ଡେଇଁ ଜାହାଜ ଭିତରକୁ ପଶିବା ପାଇଁ ଏହି ଅଣ ଓଡ଼ିଆ ଯୁବକଙ୍କ ଉଦ୍ୟମ କରୁଥିବା ବେଳେ ଅଟକ। ପିଆଇସିଟି ବର୍ଥ ନିକଟ ହନୁମାନ ମନ୍ଦିର ନିକଟରେ ଥିବା ପାଚେରିକୁ ଡେଇଁ ଜଣେ ଅଣ ଓଡ଼ିଆ ଯୁବକ ବନ୍ଦର ସିଆଇଏସ୍‌ଏଫ୍ କ୍ୟାମ୍ପ୍‌କୁ ଅତିକ୍ରମ କରି ବର୍ଥରେ ଲାଗିଥିବା ଜାହାଜ ନିକଟକୁ ଚାଲିଯାଇଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ବନ୍ଦର ସିଆଇଏସ୍‌ଏଫ୍ କର୍ମଚାରୀ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୁବକ ଜଣକ ସେମାନଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ପିଆଇସିଟି ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପ୍ରୟାସ କରିବା ପରେ ଯୁବକକୁ କାବୁ କରିଥିଲେ। ଉକ୍ତ ଯୁବକ ଉର୍ଦ୍ଦୁ ଓ ହିନ୍ଦୀ ମିଶା ଭାଷାରେ କଥା ହେଉଥିବା ବେଳେ କଣ ପାଇଁ ଭିତରେ ପଶିଥିଲେ ଏବଂ କଣ ଉଦ୍ଦେଶ୍ୟ ଥିଲା, କେଉଁଠୁ ଆସିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ବନ୍ଦର ସିଆଇଏସ୍‌ଏଫ୍ ପକ୍ଷରୁ ଯୁବକଙ୍କୁ ଥାନାକୁ ହସ୍ତାନ୍ତର କରାଯାଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ ଗତ କିଛି ଦିନ ହେଲା ପାରାଦୀପରେ ପାଖାପାଖି ୮ରୁ ୧୦ ଜଣ ଅଣଓଡ଼ିଆ ଯୁବକ ବୁଲୁଥିବା ଦେଖିବାକୁ ମିଳୁଛି। ସେମାନେ ସବୁବେଳେ ପାରାଦୀପ ବନ୍ଦର, ବସ୍‌ଷ୍ଟାଣ୍ଡ ଓ ଲାଇଟ୍ ହାଉସ ନିକଟ ଅଞ୍ଚଳରେ ସନ୍ଦେହ ଜନକ ଅବସ୍ଥାରେ ଘୁରି ବୁଲୁଛନ୍ତି। ଏହି ଯୁବକ ସେମାନଙ୍କ ମଧ୍ୟରୁ ଜଣେ ହୋଇଥିବା ସନ୍ଦେହ କରାଯାଉଛି। ଏମାନେ କେଉଁଠୁ ଆସିଲେ ଏବଂ ଏମାନେ କିଏ ତାହାର ତଦନ୍ତ ଏବେ ଜରୁରୀ ହୋଇପଡ଼ିଛି।

## କଣ୍ଢେଇ ମେଳଣ ଉଦ୍‌ଯାପିତ



**ଧର୍ମଶାଳା,୪।୪/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ ସ୍ୱପ୍ନେଶ୍ୱର ମନ୍ଦିର ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ଆମ ଗାଁ କଣ୍ଢେଇ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣ ସନ୍ଧ୍ୟାରୁ ଆରମ୍ଭ ହୋଇ ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଥିଲା। ଏହି ମେଳଣରେ ବଡ଼ ଓ ଛୋଟ ୧୦ଗୋଟି ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିରାଜମାନ କରି ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ଶୋଭାଯାତ୍ରାରେ ମେଲୋଡି, ଲଉଡ଼ିଖେଳ, ବାଣ ଓ ଭଜନ କୀର୍ତ୍ତନ ପରିବେଷଣ କରଯାଇଥିଲା। କମିଟିର କର୍ମକର୍ତ୍ତା ଶ୍ରୀଶ୍ରୀ ବାଲ ଗୋପାଲ ଜୀଉର କୁମାରୀ ଥାନପତି ବିମାନଙ୍କୁ ନିମନ୍ତ୍ରଣ ଜଣାଇ ଆସିବା ପରେ ସେ ପ୍ରଥମ ଚାରାରେ ବସିଥିଲେ। ମେଳଣରେ ଗୋପୀନାଥଜିଉ ଗଙ୍ଗାଧରପୁର, ଶ୍ରୀଶ୍ରୀ ରାଧାକୃଷ୍ଣଜିଉ ବଉଳମାଳ ସାହି, ଶ୍ରୀ ଶ୍ରୀ ବୃନ୍ଦାବନଜିଉ ଗୋବିନ୍ଦ ପାଟଣା କୃଷ୍ଣଚନ୍ଦ୍ର ଗୋପୀନାଥଜିଉ ନୂଆସାହି, ଶ୍ରୀଶ୍ରୀ ବୃନ୍ଦାବନଜିଉ ପାଟଣା ଆଦି ରାଧାକୃଷ୍ଣଙ୍କ ବଡ଼ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଆଖପାଖରୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ମେଳାରେ ବୁଲିବାର ମଜା ନେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ମେଳଣରେ କୁମାରୀ, ଦେଉଳିପାଳ ଓ ଦେଉଳିର ଗ୍ରାମ ବାସୀମାନେ ପରିଚାଳନା କରିଥିଲେ।

## ତାଳଚେର ଥାନା ବାବୁଙ୍କ ବଦଳି କେବେ ?

**ତାଳଚେର,୪।୪/ଏନ୍‌ଏନ୍‌ଏସ୍:** ତାଳଚେର ଥାନାରେ ଦୀର୍ଘ ବର୍ଷ ରହି ଥିବା ଥାନା ବାବୁଙ୍କର ବଦଳି କେବେ ହେବ ବୋଲି ତାଳଚେର ଅଞ୍ଚଳରେ ଚର୍ଚ୍ଚା ଏବେ ଜୋରଧରିଛି। କାହିଁକି ଓ କେଉଁ ପରିସ୍ଥିତିରେ ଏ ବାବୁଙ୍କର ବଦଳି ହେଉ ନାହିଁ ତାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏଠାରେ ଥିବା ଅନ୍ୟ ଥାନା ଗୁଡ଼ିକର ଯଥା କୋଲିୟରୀ ଥାନା, ରେଙ୍ଗାଲୀ ଥାନା, ସମଲଥାନା, ବିକ୍ରମପୁର ଥାନା, ହିଙ୍ଗୁଳା ଥାନାରେ ବାବୁମାନଙ୍କର ବଦଳି ହୋଇଥିଲେ ମଧ୍ୟ ଜିଲ୍ଲା ଆରକ୍ଷୀ ଅଧକ୍ଷ କାହିଁକି ତାଳଚେର ଥାନା ବାବୁଙ୍କ ପ୍ରାୟ ତିନି ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଘଣ୍ଟ ଘୋଡ଼ାଇ ରଖିଛନ୍ତି ତାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ବୃଦ୍ଧି ପାଇଛି। ତାଳଚେର ଅଞ୍ଚଳରେ ଚୋରି, ରାହାଯାନୀ, ଡ୍ରଗ୍ସ, ବିଭିନ୍ନ ମାରାତ୍ମକ ନିଶା ସେବନକରି ଏକ ଅରାଜକତା ସୃଷ୍ଟି ହେଉଥିବା ବେଳେ ବାବୁମାନେ କେତେକ ନିର୍ଦ୍ଦିଷ୍ଟ ବାଲି ଓ ଚୋରା କୋଇଲା ଟ୍ରକ୍‌ଗୁଡ଼ିକୁ ପାଇଲଟିଂ କରି ରାସ୍ତା କଢ଼ାଉଥିବା ଘଟଣାକୁ ନେଇ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ଏ ନେଇ ଏସ୍‌ପି କାହିଁକି ଚୁପ୍ ହୋଇ ବସି ରହିଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଓଡ଼ିଆ ନାମଫଳକ ସଚେତନତା ପଦଯାତ୍ରା



**ଅନୁଗୋଳ,୪।୪/ଏନ୍‌ଏନ୍‌ଏସ୍:** ଅନୁଗୋଳ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ତରଫରୁ (ଓଡିଆ ପକ୍ଷ-୨୦୨୬) ପାଳନ ଅବସରରେ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜେଲ୍ ରୋଡ, ସେଣ୍ଟ୍ରାଲ ଲଜ, ବଜାରଛକ, ସୂଚନାକେନ୍ଦ୍ର ଛକ, ଥାନା ଛକଦେଇ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ସଚେତନତା ପାଇଁ ବିଭାଗ ପକ୍ଷରୁ ଦୋକାନର ମାଲିକମାନଙ୍କୁ ପ୍ରଚାର ପତ୍ରିକା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ଅନୁଗୋଳ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇଙ୍କ, ଅନୁଗୋଳ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଶ୍ରମିକ ସଂଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ଆରମ୍ଭ ହେବ ...

ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାର ଏକ ନୂତନ ଯୋଜନା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ 'ଜାତୀୟ ଖାଦ୍ୟ ସୁରକ୍ଷା ଆଇନ' (ଏନଏଫ୍‌ଏସ୍‌ଏ) ତଥା 'ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା' (ଏସ୍‌ଏଫ୍‌ଏସ୍‌ଏସ୍) ଅଧିନସ୍ଥ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ କୋଟା ବଣ୍ଟନ କରିବା ପାଇଁ ସ୍ଥିର କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ଟାରଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ ଅଧିନସ୍ଥ ସମସ୍ତ ହିତାଧିକାରୀ ପରିବାର ପାଇଁ ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ, ମୁଣ୍ଡପିଛା ମାସିକ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ମାଗଣାରେ ବଣ୍ଟନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ୯୭ ଲକ୍ଷ ୯୭ ହଜାର ୫୭୨ ପରିବାରର ୩ କୋଟି ୨୨ ଲକ୍ଷ ୮୯ ହଜାର ୬୯୨ ସଦସ୍ୟ ଉପକୃତ ହେଉଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨ ଲକ୍ଷ ୯୮ ହଜାର ୭୨୫ ପରିବାରର ୫ ଲକ୍ଷ ୬୨ ହଜାର ୭୩୭ ସଦସ୍ୟ ଉପକୃତ ହେଉଛନ୍ତି। ଉଭୟ ଯୋଜନାରେ ସମୁଦାୟ ୧ କୋଟି ୯୬ ହଜାର ୨୯୭ ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ୪୨୯ ସଦସ୍ୟ ଉପକୃତ ହେଉଛନ୍ତି । ଏହି ସମସ୍ତ ହିତାଧିକାରୀ ବର୍ତ୍ତମାନ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ସୁବିଧା ପାଇବେ। ଏ ସମ୍ବନ୍ଧୀୟ ମାସିକ ହାରାହାରି ୧.୬୪ ଲକ୍ଷ ମେଟ୍ରିକ ଟନ୍ ହିସାବରେ ବାର୍ଷିକ ହାରାହାରି ୧୯.୭୧ ଲକ୍ଷ ମେଟ୍ରିକ ଟନ ଚାଉଳ ରାଜ୍ୟର ଟାରଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ ଅଧିନସ୍ଥ ହିତାଧିକାରୀମାନଙ୍କୁ, 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଦେୟମୁକ୍ତ ଚାଉଳ ବଣ୍ଟନ କରାଯିବା ପାଇଁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ବାବଦରେ ଆକଳନ କରାଯାଇଥିବା ମାସିକ ଖର୍ଚ୍ଚ ହାରାହାରି ୭୩୪ କୋଟି ଟଙ୍କା ହାରରେ ବାର୍ଷିକ ବ୍ୟୟ ବରାଦ ୮,୮୧୩ କୋଟି ଟଙ୍କା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ କରାଯିବାର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବାବେଳେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ।

## 'ଓଡ଼ିଆରେ ନାମ ଫଳକ' ସଚେତନତା ପଦଯାତ୍ରା

**ଯାଜପୁର,୪।୪/ଏନ୍‌ଏନ୍‌ଏସ୍:** ଏପ୍ରିଲ୍ ୧ରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା ଓ ତତ୍ ସମ୍ବନ୍ଧୀୟ ଏକ ସଚେତନତା ସଭା ବ୍ୟାସନଗର ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ବ୍ୟାସନଗର ପୌରପରିଷଦ କାର୍ଯ୍ୟାଳୟଠାରେ ପତାକା ଦେଖାଇ ଏହି ପଦଯାତ୍ରା ଓ ପ୍ରଚାର ଗାଡିର ଉଦ୍‌ଘାଟନ କରିଥିଲେ। ଏଥିରେ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ଓ ବ୍ୟାସନଗର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଉକ୍ତ ପଦଯାତ୍ରାରେ ବ୍ୟାସନଗରର ସମସ୍ତ ବ୍ୟବସାୟୀ ସଂଘ, ଶ୍ରମିକ ସଂଗଠନ ପ୍ରତିନିଧି, ସ୍ୱେଚ୍ଛାସେବୀ, ବ୍ୟାସନଗର କଲେଜର ଛାତ୍ରଛାତ୍ରୀ ସହର ପରିକ୍ରମା କରିବା ସହିତ ଶ୍ରମ ବିଭାଗ ଦ୍ୱାରା ଓଡ଼ିଆରେ ନାମଫଳକ ଲାଗି ନଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନ ଗୁଡିକରେ ପ୍ରଚାରପତ୍ର ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରଚାର ବାଣୀ ଓ ପ୍ରଚାର ପତ୍ର ମାଧ୍ୟମରେ ଯାଜପୁର ରୋଡ୍ ତଥା ଯାଜପୁର ଟାଉନରେ ସଚେତନତା ସୃଷ୍ଟି କରାଯାଇଥିଲା। ଏତଦ୍ ବ୍ୟତୀତ ସ୍ୱତନ୍ତ୍ର ଦଳ ଗଠନ କରି ସହକାରୀ ଶ୍ରମ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନରେ ନିରୀକ୍ଷଣ କରିବା ପରେ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ ଆସନ୍ତା ୭ ଏପ୍ରିଲ ମଧ୍ୟରେ ନୋଟିସ୍ ଜାରି କରାଯିବ। ଏଥିରେ ଖିଲାପ କଲେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି।

## ବଜ୍ରପାତରେ ମଇଁଷି ପାଳକ ଗୁରୁତର

**ଆଳି,୪।୪/ଏନ୍‌ଏନ୍‌ଏସ୍:** ବଜ୍ରପାତରେ ମଇଁଷି ପାଳକ ଗୁରୁତର। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ସସିନ୍ଧା ମଙ୍ଗରାଜପୁର ଭେଡ଼ାରେ। ଭେଡ଼ାରେ ମଇଁଷି ଚରାଉଥିବା ବେଳେ ମଇଁଷି ପାଳକ ବଜ୍ରପାତରେ ଗୁରୁତର ଆହତ ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ଆହତ ବ୍ୟକ୍ତି ଚାନ୍ଦବାଲି ବ୍ଲକ୍ ହଟପୁର ଗ୍ରାମର ମାନସ ନାୟକ (୩୮) ବୋଲି ଜଣାପଡିଛି। ମାନସ ମଙ୍ଗରାଜପୁର ଭେଡ଼ାରେ ମଇଁଷି ଚରାଉଥିବା ବେଳେ ବଜ୍ରପାତ ମାରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ମାନସଙ୍କ ଶରୀରର ପ୍ରାୟ ୪୦ ପ୍ରତିଶତ ପୋଡି ଯାଇଥିବା ବେଳେ ତାଙ୍କୁ ତାଙ୍କ ଭାଇ ପ୍ରଶାନ୍ତ ଭେଡ଼ାରୁ ତାଙ୍କୁ କାନ୍ଧେଇ ନେଇ ମୁଖ୍ୟ ରାସ୍ତାକୁ ଆସିବା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

### ଶିକ୍ଷାନୁଷ୍ଠାନରେ ବଢ଼ିଲା ...

ମେଡିକାଲ, ଇଞ୍ଜିନିଅରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍‌ସେସ୍, ଆର୍କିଟେକ୍ଚ,ପ୍ଲାନିଙ୍ଗ, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶିତ ଅନ୍ୟ ଯେ କୌଣସି ପାଠ୍ୟକ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାର୍ଟିଫିକେଟ, ଡିପ୍ଲୋମା ଓ ଡିଗ୍ରୀ ପ୍ରଦାନ କରାଯାଉଥିବା କ୍ଷେତ୍ରରେ ମଧ୍ୟ ଏହି ନୂତନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨ ପ୍ରତିଶତରୁ ଅଧିକ ଥିଲେ ମଧ୍ୟ ଦୀର୍ଘଦିନ ଧରି ରାଜ୍ୟର ବୈଷୟିକ, ବୃତ୍ତିଗତ, ମେଡିକାଲ ଓ ଆନୁସଙ୍ଗିକ ପାଠ୍ୟକ୍ରମରେ ସେମାନଙ୍କ ପାଇଁ ସଂରକ୍ଷଣ ମାତ୍ର ୧୨ ପ୍ରତିଶତ ଥିଲା। ସେହିପରି ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭ ପ୍ରତିଶତରୁ ଅଧିକ ଥିଲେ ମଧ୍ୟ ସେମାନଙ୍କ ପାଇଁ ମାତ୍ର ୮ ପ୍ରତିଶତ ସଂରକ୍ଷଣ ଥିଲା ।

ସେହିପରି ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିଲା । ସାମାଜିକ ନ୍ୟାୟ ପ୍ରଦାନ ଓ ସଶକ୍ତିକରଣ କ୍ଷେତ୍ରରେ ଏହି ପାର୍ଥକ୍ୟ ସମସ୍ୟା ସୃଷ୍ଟି କରୁଥିଲା । ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ମୁଖ୍ୟସ୍ରୋତରୁ ବାହାରେ ଥିବା ଏହି ବର୍ଗର ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ଅଧିକାର'ର ସୁରକ୍ଷା ପାଇଁ ଅନେକ ଆନ୍ଦୋଳନ, ଦାବି ଓ ସଚେତନତା ସୃଷ୍ଟି ହୋଇଥିଲେ ମଧ୍ୟ ତାଙ୍କର ସଂଖ୍ୟା ଅନୁପାତରେ ସଂରକ୍ଷଣ ପାଇଁ କୌଣସି ସରକାର ଏପରି ପଦକ୍ଷେପ ନେଇ ନଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ପାଇଁ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଆମେ ଏହି ଏସ୍‌ସି,ଏସ୍‌ଟି ଓ ପଛୁଆ ବର୍ଗ ପିଲାମାନଙ୍କର ଶିକ୍ଷାଗତ ଅଧିକାର ଓ ସଶକ୍ତିକରଣ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରିଛୁ ।

ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ଏହି ପଦକ୍ଷେପ ଏକ ବଳିଷ୍ଠ ମାଧ୍ୟମ ହେବ। ଅଣ୍ଡର ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍‌କୁ ମିଶାଇ ରାଜ୍ୟର ସମୁଦାୟ ମେଡ଼ିକାଲ ସିଟ ସଂଖ୍ୟା ୨୪୨୧। ଏହି ନୂତନ ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବା ପରେ ଏଥିମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ସିଟ ସଂଖ୍ୟା ୨୯୦ ରୁ ବୃଦ୍ଧି ପାଇ ୫୪୫ରେ ପହଞ୍ଚିବ। ସେହିପରି ଅନୁସୂଚିତ ଜାତି (ଏସ୍‌ସି)ଙ୍କ ପାଇଁ ସିଟ୍ ସଂଖ୍ୟା ୧୯୩ରୁ ବୃଦ୍ଧି ପାଇ ୩୯୩ ହେବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ଇବିସି)ର ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭୨ ସିଟ୍ ସଂରକ୍ଷିତ ରହିବ।

ପୂର୍ବରୁ ଏହିସଂଖ୍ୟା ଶୂନ୍ ଥିଲା। ସେହିଭଳି ରାଜ୍ୟରେ ସମୁଦାୟ ଇଞ୍ଜିନିୟରିଂ ସିଟ ସଂଖ୍ୟା ୪୪,୫୭୯ ମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆସନ ସଂଖ୍ୟା ୫,୩୪୯ରୁ ବୃଦ୍ଧି ପାଇ ୧୦,୦୩୦ ହେବ । ଅନୁସୂଚିତ ଜାତି (ଏସ୍‌ସି)ଙ୍କ ପାଇଁ ଆସନ ସଂଖ୍ୟା ୩,୫୬୬ରୁ ୭୨୪୪କୁ ବୃଦ୍ଧି ପାଇବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ଇବିସି)ର ଛାତ୍ରଛାତ୍ରୀମାନଙ୍କ ପାଇଁ ୫୦୧୫ ସଂରକ୍ଷିତ ରହିବ। ପୂର୍ବରୁ ଏହିସଂଖ୍ୟା ଶୂନ ଥିଲା। ଏବେ ସ୍ଥିତି ବଦଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

# କୁମାରୀ ମା'


ରମାକାନ୍ତ ଗୋଛାୟତ

ଦୁର୍...ଦୁର୍...ହୁଟ୍...ହୁଟ୍...ଛି...ଛି
ଆଜି କେହିବି ନିଜର ନାହିଁ ଏଲିନାର
ଅଦିନିଆ ମାତୃତ୍ୱକୁ ଅସହ୍ୟ ଘୃଣା ଅପମାନ
ସେ ପ୍ରେମ କରିଛି ନା' ପାପ ସେ କେବଳ ମୂକ ସାକ୍ଷୀ
ତା' ଐଶ୍ୱରୀକ ପ୍ରେମର, ତା' ଅନାବିଳ ଭଲ ପାଇବାର।

ଜୀବନ ଠୁ ବେଶି ଭଲ ପାଉଥିଲା ମୋହନ
ପ୍ରେମ କରୁଥିଲା, ଶୋଇ ବସେଇ ଦେଉ ନଥିଲା
ସକାଳେ, ସଞ୍ଜେ ଥରେ ନଦେଖିଲେ ତା' ପ୍ରିୟତମାକୁ
ପେଟକୁ ଯାଏନା ମୋଟରୁ ଦାନା
କାଳେ ତାକୁ ମୁର୍ଦ୍ଦାର ଭଳି ଲାଗୁଥିଲା ନିଜକୁ ।

ସେ ଦିନ ସଞ୍ଜରେ ସିଏ ଏଲିନାକୁ ମାଗିଲା ଦେହ
ନହେଲେ ସିଏ ବଞ୍ଚିବ ନାହିଁ ପ୍ରାଣ ଝାସିଦେବ
ବହକି ଗଲା ନିରୀହା ଅବଳା
ପ୍ରେମକୁ ଜୀବନ୍ତ ରଖିବାକୁ ପରଷି ଦେଲା
ପ୍ରେମିକକୁ ସର୍ବସ୍ୱ
ପ୍ରେମ ଅମର ହେବାର ଥିଲା,
କାଳଜୟୀ ହେଇଥାନ୍ତା ସମ୍ପର୍କ
ପାଗେଳୀର ଉଜୁଡି ଗଲା ଅମଣିଆ କ୍ଷେତ
ବାଆଁରା ପକ୍ଷୀ ଉଡ଼ି ଗଲା ଝାଡ଼ି ଦେଇ ଡେଣା।

ଆଖି ଫେରେଇ ନେଲେ ଜନ୍ମଦାତା
ମୁହଁ ମୋଡି ନେଲେ ସାଙ୍ଗ, ସାଥୀ, ସମାଜ
କାନକୁ ଝାସ୍ମା ସୁଭିଲା ସମ୍ମାନ ମୃତ୍ୟୁର ସୂଚନା
ରାତିର ଅନ୍ଧାରରେ ପ୍ରେମର ପ୍ରତୀକ ଧରି ଗର୍ଭରେ
ଏକା ଏକା ବାହାରିଗଲା ଲଢ଼ିବାକୁ ଜୀବନ ଯୁଦ୍ଧ।

ଅତୁଟ ବିଶ୍ୱାସ ଥିଲା ମନରେ
ଭରସା ଦେଇଥିଲା ପ୍ରିୟ ମଣିଷ ମୁଁ ଯିଏ ତୁମେ ସିଏ
ଗୋଟେ ଟଙ୍କାର ଏପାଖ ସେପାଖ
ସୂର୍ଯ୍ୟ, ଚନ୍ଦ୍ର ଆମ ସମ୍ପର୍କର ଚିରସାକ୍ଷୀ
ତମକୁ ଲାଗିଲା ପ୍ରେମକୁ ବଞ୍ଚାଇବାର ସବୁ ଭାର ।

ମାଟିର ଲୋଲୁପ ନଜରରୁ ନିଜକୁ ବଞ୍ଚାଇ
ଅନାଥ ଆଶ୍ରମରେ ଜନ୍ମ ଦେଲା କନ୍ୟା ସନ୍ତାନ
ହେଲେ ଆଉ ଫେରିଲା ନାହିଁ ମନର ମଣିଷ
ଆଖିରୁ ଶୁଖିଗଲା ଲୁହଧାର।

ବାର ଦୁଆରେ ଦୁଃଖ କରି ଏକା ଏକା ଲଢିଲା ଗଢିଲା
କନ୍ୟା ପ୍ରତିମାର ଆସନ୍ତା କାଲିର ଦିନ
ଦୁନିଆ କହୁଥିଲା ଅବୈଧ ସନ୍ତାନ
ଭାଙ୍ଗିଲା ନାହିଁ ମନୋବଳ ସିଏ କହୁଥିଲା
ନା, ତାର ବାପ ଅଛି ସିଏ ମୋର ପ୍ରେମର ସର୍ବସ୍ୱ।

ଦୁନିଆ ଆଖିରେ ଆଙ୍ଗୁଠି ଗେଞ୍ଜି
ମଣିଷ ଭଳି ମଣିଷ କଲା ଝିଅକୁ
ଏବେ ମୁହଁ ଲୁଚାଉଛି ସମାଜ
ଦଗାଦିଆ ପ୍ରେମିକ ଗଢ଼ି ସାରିଛି ସଂସାର
ଝିଅ ପଚାରୁଛି ମା' ମୋ ବାପା କିଏ
ଏଲିନା କହେ ତୋ ବାପା ବନ୍ୟାରେ ଭାସିଗଲା
ବଞ୍ଚିଛି କି ମରିଛି ମୋତେ ଜଣାନାହିଁ
ହେଲେ ମଥାରେ ସିନ୍ଦୁର ଶୋଭା ପାଉଛି ଦାଉ ଦାଉ।

ହେଲେ, ଭାରି ନିର୍ମାୟା, ଶାଶ୍ୱତ ସେ ପ୍ରେମ
ଯିଏ ଭୋଗିଛି ସିଏ କହିପାରିବ ପ୍ରେମର ଠିକଣା।
**ମୋ-୯୪୩୮୩୭୨୯୫୨**

# ବାନ୍ଧବୀ


ହେମନ୍ତ କୁମାର ଘୋଷାଲ

'ସମ୍ପର୍କ', ଆଖି ଦେଖି ପାରୁ ନଥିବା ଏକ ମାଇଲ ମାଇଲ୍, ଅସଂଖ୍ୟ ମାଇଲର ଲମ୍ବା ଇଲାକାଟିଏ!
କେତେ ଯେ ସମ୍ପର୍କ ଏଠି ! ଓଃ !
ଜହ୍ନ ଓ ଜହ୍ନ ରାତିର ସମ୍ପର୍କ!
କୂଳ ଓ ଢେଉର ସମ୍ପର୍କ!
ଆମ୍ବ ତୋଟା ଆଉ କୋଇଲି କୁହୁର ସମ୍ପର୍କ!

ବାପା ପୁଅର ସମ୍ପର୍କ!
ସ୍ୱାମୀ ସ୍ତ୍ରୀର ସମ୍ପର୍କ!
ଆଉ,
ଆପଣାର ସାଙ୍ଗ ଓ ସଙ୍ଗୀଙ୍କ ସମ୍ପର୍କ!

ଖୁବ୍ ନିଆରା ଏଇ ବନ୍ଧୁ ଓ ବାନ୍ଧବୀର ସମ୍ପର୍କ! ଜଳ ଭଳି ସଫା ସଫା ବିନା ଦାଗ ଥିବା ସେ ସମ୍ପର୍କ। ପିଲା ଦିନର, ସ୍କୁଲ ଦିନର, କଲେଜ ଦିନର, ୟୁନିଭରସିଟି ଦିନର, ଗାଁର, ସହରର...ଏମିତି କେତେ କେତେ, ସାଙ୍ଗସଙ୍ଗୀଙ୍କ ସମ୍ପର୍କ....ହିସାବ ନାହିଁ
ତା'ରି ଭିତରୁ, ଚିରୁଡ଼ାଏ ସମ୍ପର୍କ ଦୁଇ ସଙ୍ଗୀ ମାନୁ ଓ ଶାଶ୍ୱତୀ...ର ସମ୍ପର୍କ!!

(କ) ଏ! କଣ ଖୁବ୍ ଖାଁ ଖାଁ ଲାଗେ କାହିଁକି ସାରା କ୍ୟାମ୍ପସଟା ଆଜି:---

'ଆଲୋ ମାନୁ ତୁ ଏଠି ?'
ସତର ବର୍ଷ ପରେ 'ସିଟି ମଲ୍' ସାମନାରେ ଦେଖି ତା' ପାଖକୁ ଯାଇ କହିଥିଲା,
'ମୁଁ ଶାଶ୍ୱତୀ ଜେନା। ଚିହ୍ନି ପାରୁନୁ ?'
କିଛି ସମୟ ତାକୁ ଚାହିଁରହି ମାନୁ କହିଥିଲା ,
'ହଁ ଚିହ୍ନି ପାରୁଛି।'
ମାନୁର ଥଣ୍ଡା ଉତ୍ତରରେ ଶାଶ୍ୱତୀ ଲକ୍ଷ୍ୟ କଲା ମାନୁ ଯେମିତି ସେତେଟା ଖୁସି ନୁହଁ, ତାକୁ ଏତେ ବର୍ଷ ପରେ ଦେଖି। କଣ ହେଲା ତା'ର ? କେତେ ଆପଣାର ଥିଲେ ସେମାନେ ଭଞ୍ଜବିହାର ହଷ୍ଟେଲରେ। କ୍ୟାମ୍ପସ ଜହ୍ନର ଜୋଛନାରେ ଅୟୁତ ଅୟୁତ ମୁହୂର୍ତ୍ତ ଭିଜିଥିଲେ ସେମାନେ। ଆହା ! କେତେ କେତେ ଆପଣାର ସମୟରେ ରାତି ବିତିଛି ଅନିଦ୍ରା ଅନିଦ୍ରା!
ଏତେ ବର୍ଷ ପରେ ଦେଖା, ମାନୁ ତାକୁ କୁଣ୍ଢେଇ ପକେଇ ଭାବ ବିହ୍ୱଳ ହେବା ବଦଳରେ ଏମିତି ଏକ ଥଣ୍ଡା ଆଉ ଅନିଚ୍ଛାର ପ୍ରତ୍ୟୁତ୍ତର କାହିଁକି ? ସତେ କଣ ମାନୁର ଜୀବନରେ ଘଟିଛି କିଛି ଘଟଣା, ଯାହା ଅସଂଖ୍ୟ ଦୁଃଖର କାରଣ ହେଇ ଭାଙ୍ଗି ଦେଇଛି ତାକୁ, ଯାହା ପାଇଁ ସେ ଏତେ ଗମ୍ଭୀର ଗମ୍ଭୀର।
ନା' ସେ ପସନ୍ଦ କରୁନି ଶାଶ୍ୱତୀ ଭଳି ସଙ୍ଗୀ ଏବେ ତା' ସହ ମିଶୁ।
ସତେ କଣ ତା' ଭିତରେ କୋଉଠି ଟୋପାଏ ଅହଂ ଜାଗା ମାଡ଼ିବସିଛି କି ଆଉ!
'ତୁ କଣ ଏଠି ? ତୋ ଘର ତ କୋରାପୁଟରେ ନା!
ତୋ ସ୍ୱାମୀ କଣ କରନ୍ତି ? କଣ ଏଇ ଭୁବନେଶ୍ୱରରେ ଚାକିରି କରନ୍ତି ସେ ?
ମାନୁର ଲଗାତାର ଏ ତିନୋଟି ପ୍ରଶ୍ନରେ ଶାଶ୍ୱତୀ ଆହୁରି ଆଶ୍ଚର୍ଯ୍ୟ। ଏତେ ଲମ୍ବା ଅତୀତ, ଏତେ ଲମ୍ବା ସମୟ ପରେ ... ମୁଲାକାତ, କେତେ କଥା ଅଛି, ପଚାରିବାକୁ। ଅଥଚ ମାନୁ ସେ ସବୁ ନପଚାରି ତା' ସ୍ୱାମୀର ପ୍ରଫେସନ ଉପରେ ପ୍ରଶ୍ନ । ନିଶ୍ଚିତ ମାନୁର ସ୍ୱାମୀ ଜଣେ ବଡ଼ ଅଫିସର ହେଇଥିବ। ନହେଲେ ତା' ସ୍ୱାମୀ ଯଦି ବଢ଼େଇଟିଏ ହେଇ କାଠ ଷ୍ଟୁଲ ତିଆରି କରୁଥାନ୍ତା, ସେ କେବେହେଲେ ତା ସଙ୍ଗୀଙ୍କ ସ୍ୱାମୀର ପ୍ରଫେସନ୍ ଜାଣିବାକୁ ଏତେ ଏତେ ଇଚ୍ଛା ଜାହିର କରନ୍ତାନି, ତା' ପୁଣି ଏତେ ଲମ୍ବା ସମୟର ବ୍ୟବଧାନର ମୁଲକାତରେ !
'ହଁ, ମୁଁ ଏଇ ଭୁବନେଶ୍ୱରରେ ରୁହେ। ହେଲେ ସେ ଚାକିରୀ କରନ୍ତିନି।'
ଶାଶ୍ୱତୀ ଜବାବ ଦେଇଥିଲା।
'ଆଉ ତୋ ଖବର କଣ ? '
'ମୁଁ ଏବେ ହାଇଦ୍ରାବାଦରେ। ସ୍ୱାମୀ ମୋର ସିନିୟର ଆଇଏଏସ୍ ଅଫିସର୍। ଆନ୍ଧ୍ର କ୍ୟାଡ଼ରର। ହେଲେ ଶାଶ୍ୱତୀ ତୁ ଏମିତି ଗୋଟେ କ'ଣ ନିଷ୍ପତ୍ତି ନେଲୁ । ବିନା ଚାକିରୀବାଲା ଜୀବନସାଥୀର ହାତ ଧରି କଣ ଠିକ୍ କଲୁ ? ମଧ୍ୟବିତ୍ତ ପରିବାରର ଝିଅଙ୍କ ପାଇଁ ଚାକିରିଆ ସ୍ୱାମୀଟିଏ ହିଁ ନିରାପଦ। ନା କଣ କହୁଛୁ ?'
ଶାଶ୍ୱତୀ କରିଥିବା ଅନୁମାନ ଠିକ୍ ହେଲା। ମାନୁର ସ୍ୱାମୀ ତା' ହେଲେ ଜଣେ ବଡ ବ୍ୟୁରୋକ୍ରାଟ!
ତା'ପରେ ସେ ହସି ହସି କହିଲା, 'ଚାକିରି କରିବା କଣ ନିହାତି ଜରୁରୀ ? ସ୍ୱାମୀ ମୋର ଜଣେ କୋଟିପତି ବିଜନେସ୍ ମ୍ୟାନ କିମ୍ୱା ଜଣେ ଶିଳ୍ପପତି, ଅଥବା ରୂପାଲୀ ଛକରେ ଦହିବରା ଆଳୁଦମ ବ୍ୟବସାୟୀ ଅବା ରାମ ମନ୍ଦିରର ପୂଜକ କିମ୍ୱା ମାର୍କେଟ ବିଲଡିଂର ବହି ଦୋକାନୀ ହେଇଥାଇପାରନ୍ତି । ତୋ ଆଇଏଏସ୍ ଅଫିସର୍ ସ୍ୱାମୀ ଭଳି ଏମାନଙ୍କର ବି ସ୍ୱାମୀ ହବାର ସମାନ ଯୋଗ୍ୟତା ଅଛିଲୋ ମାନୁ। ଏମାନେ ବି ନିରାପଦ ଦେଇପାରନ୍ତି ତାଙ୍କ ପରିବାରକୁ। ନା' କଣ କହୁଛୁ ?
ମାନୁ ତାଚ୍ଛଲ୍ୟ କରି କହିଲା, 'ହଁ ଆଇଏଏସ୍ ଅଫିସର୍ ବର ଆଉ ବହି ଦୋକାନୀ ବର ଦୁହେଁ ସମାନ ନୁହେଁ ତ ଆଉ କଣ।'
'ନା, ସମାନ ତ ନୁହଁ ନିଶ୍ଚିତ। ଦୁହିଁଙ୍କ କର୍ମକ୍ଷେତ୍ର ଅଲଗା। କିନ୍ତୁ ସ୍ତ୍ରୀକୁ ଖୁସି ରଖିବାରେ ସମାନ ହେଇପାରନ୍ତି। କଥାହେଲା ପତି କିଏ ସେଇଟା ବଡ଼ କଥାନୁହଁ। ପତି ସହ ତୁ କେମିତି ରହୁଛୁ ଆଉ ପତି ତୋତେ କେମିତି ରଖିଛି ସେଇଟା ହେଲା ମୁଖ୍ୟ। ତା'ପରେ ଖୁସି ଭରା ଦାମ୍ପତ୍ୟ ଜୀବନ ଏକ ଆପେକ୍ଷିକ ଘଟଣା। ତୁ ଅଠେଇଶ ଭରି ସୁନା ହାରରେ ଖୁସି ହେଇପାରିବୁନି ହୁଏତ ମୁଁ ଅଠେଇଶ ଟଙ୍କାର ଇମିଟେସନ ଚେନରେ ଖୁସି ହେଇଯିବି। ଏହା ମଣିଷ ମଣିଷକୁ ନେଇ ନିର୍ଭର କରେ ଲୋ।
ରାଣୀ ମହଲରେ ସାରାରାତି ବିନା ନିଦ୍ରାରେ ଛଟପଟ ହେଉଥାଏ ହୁଏତ, ସେଇଠି କଟୁଆଳ ସ୍ତ୍ରୀର ଘୁଙ୍ଗୁଡ଼ି ଶବ୍ଦ ରାତ୍ରିର ସେଇଠି କଟୁଆଳ ସ୍ତ୍ରୀର ଘୁଙ୍ଗୁଡ଼ି ଶବ୍ଦ ରାତ୍ରିର ନିର୍ଜନତା ଭଙ୍ଗ କରୁ ଥାଏ ବାରମ୍ୱାର।
ଶାଶ୍ୱତୀର ଲମ୍ବା ଚଉଡ଼ା ପ୍ରବଚନ ମାନୁକୁ ବିରକ୍ତିକର ଲାଗିଲା। ଗୋଟାଏ ପ୍ରାଇମେରୀ ସ୍କୁଲ୍ ମାଷ୍ଟରର ଝିଅ ଏଇ ଶାଶ୍ୱତୀ। ସାରା ହଷ୍ଟେଲ ଦିନ ଦି ହଳ ଡ୍ରେସ୍ ଧୋଇ ଶୁଖେଇ କାଟି ଥିବା ସେ,ଆଜି ତା ସାମ୍ନା ରେ ଜ୍ଞାନ ବାଣ୍ଟୁଛି! ତା ସହିତ ତାର କଥା ହେବା ପାଇଁ ଆଦୌ ଇଚ୍ଛା ନ ଥିଲା ! ତେଣୁ ସେ ସେଠି ଆଉ ଗୋଟେ ମୁହୂର୍ତ୍ତ ନରହି ଚାଲିଯିବାକୁ ନିଷ୍ପତ୍ତି ନେଲା।

(ଖ) ସାମ୍ନାରେ ବିସ୍ଫୋରଣ, ମୁଁ ଛିନ୍ଛତ୍ର ଏ ସହରରୁ ସେ ସହର:
'ହଉ ମୁଁ ଆସୁଛି ଶାଶ୍ୱତୀ' କହି ସେ ବାହାରୁଛି ଠିକ୍ ଏହି ସମୟରେ ଗୋଟାଏ ନାଲିବତୀ କାର୍ ଆସି ଅଟକିଲା ସେଠି ।
'ହଉ ତେବେ ଚାଲ ଠିକ୍ ଅଛି' କହି ଶାଶ୍ୱତୀ ସେଇ କାର୍‌ରେ ଯାଇ ବସୁବସୁ ପୁଣି ଟୋପାଏ ହସିକି କହିଲା, 'ଆଲୋ ମୋ ସ୍ୱାମୀ ଆମ ରାଜ୍ୟର ଶିକ୍ଷାମନ୍ତ୍ରୀ। ଚାକିରି କରନ୍ତିନି ଲୋ। ରାଜନୀତି କରନ୍ତି! ସମୟ ପାଇଲେ ଆସିବୁ ଲୋ ଘର ଆଡ଼େ। ଗପିବା ଆମେ ସେ ଭଞ୍ଜ ବିହାରର ଝାଉଁବଣ, ଗୋପାଳପୁର ସମୁଦ୍ର ଢେଉ ଆଉ ବହୁତ୍ ପଛରେ ଛାଡି ଆସିଥିବା ଅତୀତର କଥା!
ମାନୁ କିଛି ଉତ୍ତର ନଦେଇ, ହସି ହସି ହାତ ହଲେଇ ହଲେଇ ଚାଲି ଯାଉଥିବା ଶାଶ୍ୱତୀକୁ ଚାହିଁ ରହିଥିଲା କେବଳ ନିର୍ବାକ ହେଇ!
**ମୋ- ୯୮୨୭୧୭୭୮୯୯**



# ଖଳା


ସୁଜିତ କୁମାର ମିଶ୍ର

ତୁ ଲୁହ ପଖଳା ଜହ୍ନରାତିର
ଦରଦ ବୋଲି ତ
ତୋପା ତୋପା ଲାଗୁ
ହୋଇ କ୍ଷତାକ୍ତ ,
ତୋ ସରଳପଣରେ
ସୁନା ଚାନ୍ଦି ନୁହେଁ ମାଟିର ବାସ୍ନା
ମାଆର ଭିଜା ପଣତ ପରି
ନିନାଦିତ ।

ଗାଆଁ ମଣିଷର ଝାଲୁଆ ପିଠି ତୁ
ତୋ ଅଭିସାର ହୁଏ
ଧାନକ୍ଷେତର ସୁନେଲୀ ସ୍ୱନକ୍ଷତ୍ରରେ,
ତୋ ପ୍ରୀତିର ଛୁଆଁରେ
ନିସ୍ୱ କୁଟୀରଟି ହୁଏ ଐଶ୍ୱର୍ଯ୍ୟର ଭଣ୍ଡାର
ତୁ ଅସୀମ ଆଶାର ଝଲକ
ଆଲୋକ ହେଉ ବା ଅନ୍ତରଙ୍ଗ ଅନ୍ଧକାରର
କଣ୍ଢାଫୋଡାରେ।

ଗୋବର ଲିପା ତୋ ଚିକ୍କଣ ଛାତିରୁ ଝରୁଥାଏ
ଗାଆଁ ଭୁଆସୁଣୀର ଲାଜ,
ସୁଗନ୍ଧିତ ଲାଜ,
ପ୍ରେମର ମଳୟ,
ମମତା ନଈର ମଧୁଗୀତି,
ଯେଉଁଠି କ୍ଳାନ୍ତ ହୃଦ ହୁଏ
ପାର୍ବଣର ସୁଖଶାନ୍ତି।

ତୋ ଦେହରେ କିଏ ଖଞ୍ଜିଥାଏ କେଜାଣି
ସହଣୀ ରାଗର ସୁର
ତୁ ଚିରକାଳ ଏକାନ୍ତରେ ବୀଣାବାଦକ
ଝିଅ ବିଦାୟ ବେଳାର ଲୁହ,
ତୁ କୁଆଡେ ତୋ ଗାଆଁର ହରିଶ୍ଚନ୍ଦ୍ର
ଯିଏ ଦୁଃଖଫୁଲକୁ ମାଳ କରି
ଅନନ୍ତ ସନ୍ତୋଷର ପାରାବାର।

ତୁ ଏମିତିକା ଖୋଲାମେଲା
ଦରଦୀ ସିନ୍ଦୁକଟିଏ
ତୋତେ ଜଗିଥାଏ ସୂର୍ଯ୍ୟ, ଚନ୍ଦ୍ର, ପବନ
ସେଇଥିପାଇଁ ତ ତୁ ତୋ
ନାଭିକେନ୍ଦ୍ରରୁ ଅପୂର୍ବ ଶୋଭା ବିମଣ୍ଡିତ,
ଦେବା ଲୋକର କଣ ଥାଏ ଯେ
ଉପଭୋଗର କୈଶୋର ନା
ଝଲମଲ ଯୌବନ।

ଯିଏ ଯେତେ ଦୂରେ ଥାଉ
ତୁ ସୁଦାମାର ଶ୍ରଦ୍ଧା ଭଜା ଖୁଦ ଚାଉଳ
ତୁ ଅଖଣ୍ଡ ଦୀପର ଅଙ୍ଗବାସ
ଅନାହତ ଅଙ୍ଗୀକାରର ମିଠାମହୁ
ଦିନରାତି ପାହୁପାହୁ।

ଆମ ଚାରିପଟକୁ ସ୍ୱାର୍ଥର ମେଘନାଦ ପାଚେରୀ
ଘେରି ରହିଥିବା ବେଳେ
ଖଳା ନୁହେଁ କି ରୁଦ୍ରତାତିରେ
ଅନ୍ତରଙ୍ଗତାର ମଧୁକାଳ,
ଆଧୁନିକତାର ଦ୍ରୋହରେ ବି ସେ ସେଇ
ଗାଉଁଲି ନଖିଆର ପ୍ରୀତି ପଖିଆ
ଯିଏ ଝଡ ବର୍ଷାକୁ ମୁଣ୍ଡେଇ
ଚାଲିଥାଏ ମୁହଁରେ ଦେବାପାଇଁ ମୁଠେ
ଜୀଇଁବାର ଆହାର।

ତୋ ପିଠି ତ ଚଷାଭାଇର
ଭାଗ୍ୟରଙ୍ଗର ନବ ମୂର୍ଚ୍ଛନା,
ସେଇଠି ସେ ନାଚେ,
ଗୀତ ଗାଏ ବଂଶୀ ଧରି
ତା' ସ୍ନିଗ୍ଧ ଶ୍ରମକୁ ତୋତେ ସମର୍ପଣ କରି,
ତୁ ତାକୁ କୋଳେଇ ନେଉ ତୋ
ମାଟିଆ ପାଟର ପଣତରେ,
ସେ ହୁଏ ସ୍ୱପ୍ନ ଓ ଜୀବନର ଚିତ୍ରିତ ସମ୍ଭାବନା।

ଅନେକ ଭୋକିଲା ଆଖିର
ଅସହ୍ୟ ତାତି ଦାଉରେ
ଖଳା ଏବେ ବୃଦ୍ଧାଶ୍ରମରେ ଭୋଗୁଛି
ତା ଅଲୋଡାପଣ,
ଫୁଲ କାହିଁ, ଧୂପ କାହିଁ, ଧୂଳି ଧୂସର ହାତ କାହିଁ
ପୂଜିବାକୁ ତା ଶ୍ରଦ୍ଧାର ଚରଣ ?

ମୁକୁଳିଲେ ତ ମୋହର ବନ୍ଦୀ କ୍ଷେତ୍ର
ଚମକିବ ଖଳା ସର୍ବତ୍ର।

**ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର**
**ମୋ-୭୬୮୩୮୬୭୭୪୨**

## ନବପ୍ରକାଶ




### ଶ୍ରାବଣୀର ଚିଠି

**କବୀ : ଅନୁରାଧା ମିଶ୍ର**
**ପ୍ରକାଶକ : ରେହର, ହାଇଦ୍ରାବାଦ**
**ମୂଲ୍ୟ : ୧୫୦/- ଟଙ୍କା**

ବାରୁଦମୟ ବିଶ୍ୱରେ ମଣିଷର ଦହଗଞ୍ଜ ଜୀବନ ଆଉ ବିଷାକ୍ତ ମନର ନିଗୁଢ଼ ରହସ୍ୟକୁ ଭେଦକରି ପାରିଛି ତାଙ୍କର ଚିନ୍ତା ଓ ଚେତନା। ଅକପଟ ଭାବ ଆଉ ଚିତ୍ରକଳ୍ପର ଚମତ୍କାର ପ୍ରୟୋଗ କବିତାଗୁଡ଼ିକୁ କରିଛି ବେଶ୍ ଜୀବନ୍ତ।
ଦିନଥିଲା କେବେ ଜଣେ ଜଣକର / ଏବର ଭାବ ତ ଏକ ଅନେକ ପ୍ରକାର / ମିଠା ଯାଚିଦେଲେ ଶତ କୀଟ ଧାର /ସତ କହିଦେଲେ ହେବ ସାତପର।(ସମୟ ଏମିତି ହୋଇଛି ଲୋ ସଖୀ, ପୃ ୯୪)
ଘୁଣଖିଆ ହୃଦୟ ଉପରୁ ଛଳନାର ପାଟକନା ଅଲଗାକରି ପାରିଲେ ଜୀବନ ହୋଇପାରିବ ସରସ ଆଉ ସୁନ୍ଦର। ମିଳିବ ଈଶ୍ୱରୀୟ କୃପା। ଆତ୍ମାକୁ ଜାଗ୍ରତ ରଖିଥାଅ ସଦା ପ୍ରିୟ ଆତ୍ମନ /ପାତ୍ରକୁ ରଖିଥା ସ୍ୱଚ୍ଛ ଭରିବୁ ଦିବ୍ୟ ଅନୁଦାନ। (ବିବର୍ତ୍ତନବାଦ, ପୃ :୫୮)
କେବେବେଳେ ସେ କଥା କହୁଥିବା ଅତୀତ ଆଉ ଅଫେରା ସମୟରେ ହଜିଛନ୍ତି ତ କେତେବେଳେ ସେ ସବୁ ସ୍ୱର୍ଣ୍ଣିମ ସ୍ମୃତିରେ ହୃଦୟରେ ସୃଷ୍ଟ ଶୂନ୍ୟସ୍ଥାନରେ କ୍ଷତାକ୍ତ ହୋଇଛନ୍ତି। ତୁ କ'ଣ ସେହି କି ସତରେ ନିଜକୁ ପଚାରେ /କ୍ଷଣକ୍ଷଣ ମୋ ଦିନରାତିରେ ମିଠାପଣ ଭରେ / ବାରଣ ନମାନି ଆବେଗ ଆଦର ଯାଚେ ଅମାପରେ /ସେଇ ମନ ବେଇମାନ କହ କେମିତି ସାଜିପାରେ! (କିଛିଦିନ ଗଡ଼ିଗଲେ, ପୃ : ୬୬)
କେବେ କେବେ ଭଙ୍ଗାରୁଜା ଜୀବନ ଅତୀତରୁ ଫେରେ। ସାମାଜିକ ପ୍ରତିବଦ୍ଧତା ପ୍ରତି ସଚେତନ ହୁଏ। ଆତ୍ମୀୟତାର ବାର୍ତ୍ତା ବାଣ୍ଟେ। ମନରୁ ବିଷାଦର କାଳିମା ହଟେଇ ନୂଆ ସକାଳ ପ୍ରତୀକ୍ଷାରେ ବସେ। କେତେକେତେ ସପନର କାରୁକାର୍ଯ୍ୟ ଆଖି ଅନ୍ତଃପୁରେ / ମୁଦିଲେ ବି ଦିଶୁଥାଏ ଚଳଚ୍ଚିତ୍ର ତୃତୀୟ ନେତ୍ରରେ। (ଚୈତ୍ରର ଚାରୁକଳା, ପୃ :୪୮)
ମୋଟାମୋଟି ଭାବରେ କହିବାକୁ ଗଲେ ଅନୁରାଧା ମିଶ୍ରଙ୍କ 'ଶ୍ରାବଣୀର ଚିଠି' ସଂକଳନରେ ରହିଛି ଜୀବନବୋଧର ବାସ୍ତବ ଚିତ୍ରକଳ୍ପ। କବିତାଗୁଡ଼ିକର ଆଙ୍ଗୀକ ବୈଭବ ଖୁବ୍ ବଳିଷ୍ଠ ଓ ଭାବଗର୍ଭକ। ସଂକଳନଟି ଆଦୃତ ହେବାର ଦାବୀ ରଖେ।

**ସମୀକ୍ଷା : ବିପ୍ଳବ**
**ବାଙ୍କୀ, କଟକ, ମୋ : ୯୪୩୭୪୬୮୦୧୬**

# ତୁମେ ଫେରୁଛ ବୋଲି...


ବେଦପ୍ରକାଶ ନାୟକ

ତୁମେ ଫେରୁଛ ବୋଲି
ଶ୍ରାବଣ ବି ଧୋଇଦେଲା ମାଟିକୁ
ସଫା କଲା ରାସ୍ତା ଧୂଳି,କାଚ କଣ୍ଟା,
ତୁମ ପଦ ଛୁଆଁ ଅପେକ୍ଷାରେ,

ତୁମେ ଫେରୁଛ ବୋଲି
କୋଇଲି ମାନେ ଗାଉଛନ୍ତି ଗୀତ
ଗୁଣ୍ଡୁଚି ମାନେ ଧାଉଁଛନ୍ତି ରାସ୍ତାରୁ ରାସ୍ତାକୁ
ପତ୍ର ଗହଳୁ ଉଙ୍କି ମାରିଲେଣି ସୁରୁଜ,

ତୁମେ ଫେରୁଛ ବୋଲି
ହସିଲାଣି ମଧୁମାଳତୀ
ଚହଟାଇ ବାସ୍ନା,
ଗଛମାନେ ନାଚିଲେଣି
ପବନର ଦୋହଲିଆ ନାଚ,

ତୁମେ ଫେରୁଛ ବୋଲି
ତୁମ ଗାଁ ପାଖ ଷ୍ଟେସନରେ ଖୁବ ଭିଡ
ବିଦାୟ ପାଇଁ କି ଦର୍ଶନ ପାଇଁ,
ଆଜି କାଇଁ ଜୋର ଜୋର ଶୁଭେ ଟ୍ରେନର ଡାକ।

ସେ ଡାକରେ ଭାଙ୍ଗିଗଲା ନିଦ...
ମୁଁ ଧାଉଁଛି ତୁମ ଗାଁ କୁ ଚିହ୍ନୁଥିବା
ମୋ ସହରର ଶେଷ ରାସ୍ତାରେ,

ହାତରୁ ଫୁଲ ତୋଡା କେବେଠୁ
ଖସିପଡ଼ିଲାଣି ରାସ୍ତାରେ,
ମୁଠେ ପ୍ରେମ, ଦୁଇ ମୁଠା ଅପେକ୍ଷାକୁ ଧରି
ମୁଁ ଧାଉଁଚି ଅଣନିଶ୍ୱାସୀ ହୋଇ..

ଏଇ ତ ଦିଶିଲାଣି ତୁମ, ମୋ ରାସ୍ତାର
ସଙ୍ଗମସ୍ଥଳୀ...
ହେଲେ ତୁମେ ...
ତୁମେ ଫେରୁଛ ତ ?

ମୋ-୮୯୮୪୧୬୨୩୬୯

# ଅଭିନନ୍ଦନମ୍ ଅଦ୍ୱିତୀୟ ଶବ୍ଦ : ପାଦ ପୂରଣ



କଟକ ମାତୃଭବନ କଡ଼ରେ କଲ୍ୟାଣନଗର ସିଧାରାସ୍ତାର ବାମ ପଟ ମନ୍ଦିରର ଠିକ ବାମପଟର ଛୋଟିଆ ଗଳି ଭିତରେ ରହିଛି 'କାହାଣୀ' ପ୍ରକାଶନ ସଂସ୍ଥା। ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାରରେ ସମସ୍ତ ସମୟ ବିନିଯୋଗ କରି ଆସିଛି ଏହି ସଂସ୍ଥାଟି। ଏହା ହେଉଛି କବି ଗିରିଜା କୁମାର ବଳୀୟାର ସିଂଙ୍କ ଏବେର ଠିକଣା। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ୨୦୨୫ ବର୍ଷ ପାଇଁ ଓଡ଼ିଆ ଭାଷାରୁ ବିଶିଷ୍ଟ କବି ଗିରିଜା କୁମାର ବଳୀୟାର ସିଂ କବିତା ବିଭାଗ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ସାନ୍ତାଳୀ ଭାଷାରୁ ଲେଖିକା ସ୍ୱର୍ଗୀୟା ସୁମିତ୍ରା ସୋରେନ ମନୋନୀତ ହୋଇଛନ୍ତି। ୨୦୨୦ ମସିହାରେ 'କାହାଣ' ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଗିରିଜା କୁମାର ବଳୀୟାର ସିଂଙ୍କ କବିତା ସଂକଳନ 'ପାଦ ପୂରଣ' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଛନ୍ତି। ସୂଚନା ଥାଉକି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ଦଶଟି ପୁସ୍ତକ ପୁରସ୍କାର ପାଇଁ ଆବେଦନ ହୋଇଥିଲା। ଗିରିଜା କୁମାର ବଳୀୟାର ସିଂ ୧୯୫୪ ମସିହା, ଡିସେମ୍ବର ୯ ତାରିଖ ଖୋର୍ଦ୍ଧା ଜିଲ୍ଲାର ବାଜପୁରରେ ଜନ୍ମ। ରେଭେନ୍ସାରୁ ସ୍ନାତକୋତ୍ତର ଶିକ୍ଷା ଶେଷ କଲାପରେ କିଛି ଦିନ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାର ବହୁଳ ପ୍ରସାରିତ 'ସମ୍ବାଦ', 'ପ୍ରଗତିବାଦୀ', 'ପ୍ରଜାତନ୍ତ୍ର' ପରି ଓଡ଼ିଆ ଦୈନିକ ସମ୍ବାଦପତ୍ରର ସାହିତ୍ୟ ବିଭାଗରେ ତାଙ୍କ ସ୍ୱତନ୍ତ୍ର ଶବ୍ଦ ସଂଯୋଜନା ଅତିବ ଚମତ୍କାର।

ଗିରିଜା କୁମାର ବଳୀୟାର ସିଂଙ୍କ ଏହି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଥିବାର ଖବର ପ୍ରକାଶ ପାଇବା ପରେ ଗଣମାଧ୍ୟମକୁ ସେ ପ୍ରଦାନ କରିଥିବା ମନ୍ତବ୍ୟ ମଧ୍ୟ ଖୁବ ହୃଦୟସ୍ପର୍ଶୀ - 'ଇଏ ଏକ ପ୍ରାପ୍ତି। ହେଲେ କେହି କେବେ ତ ପ୍ରାପ୍ତି ପାଇଁ ସୃଷ୍ଟି କରେନା, ସୃଷ୍ଟିର ଯନ୍ତ୍ରଣା ଭିତରେ ଯେଉଁ ପ୍ରାପ୍ତି ମିଳେ ଏବଂ ତାହା ଯେଉଁ ଆନନ୍ଦ ଦିଏ ସେ କ'ଣ ଯନ୍ତ୍ରଣାକୁ ଲାଘବ କରିପାରେ ? ଏ ଖୁସି, ଏ ଆନନ୍ଦ ସମୂହର। ଧରି ନିଅନ୍ତୁ ଏହା ଆପଣ ମାନଙ୍କ ଖୁସିର ଏକ ଅଂଶୀଦାର।' ବାଟ ପଡିଛି, ପଥିକ ଚାଲିଛି, ଗଳି ବାଟ ଅଛି, ସିଧା ବାଟ ଅଛି, ସଂକ୍ଷିପ୍ତ ଅଛି, ଦୀର୍ଘ ବାଟ ବି ଅଛି। ମୁଁ ଭାବେ ଲମ୍ବା ବାଟର ପଥିକ। ବାସ୍ତବରେ କେହି କାହାରିଠୁ ପ୍ରେରଣା ପାଆନ୍ତି ନାହିଁ। ନିଜ ଭିତରୁ ପ୍ରେରଣା ମିଳେ। ପାଗଳପଣ ହିଁ ମୋର ପ୍ରେରଣା। ମୁଁ ନିଆରା ବା ଅଲଗା ଲେଖିବି ବୋଲି ସଂକଳ୍ପ ନେଇଥିଲି, ଆଜି ଯାଏ ତାହା ଚାଲୁଛି। ଆଗକୁ ବି ଚାଲୁଥିବ ତେଣୁ ମୁଁ କାହାରିଠୁ ପ୍ରେରଣା ବା ଉତ୍ସାହ ପାଇନାହିଁ। ଓଡ଼ିଶାରେ ସାହିତ୍ୟକୁ ବୃତ୍ତି କରି ଜଣେ ବଞ୍ଚିବା ସମ୍ଭବ ନୁହେଁ। ଏଯାଏ ଓଡ଼ିଶାରେ ସେ ପରିସ୍ଥିତି ଆସିନାହିଁ। ଆମ ଭଳି ପୂର୍ବ ପିଢ଼ିଙ୍କୁ ମାନନ୍ତୁ ନାହିଁ ବୋଲି ଆଜିର ଉତ୍ତର ପିଢ଼ିର ସାହିତ୍ୟିକଙ୍କୁ କହିବି। ଜୀବନରେ ମୋଡ଼, ବାଙ୍କ ନଥିଲେ ତାହା ଜୀବନ ନୁହେଁ। କାର୍ଯ୍ୟ କରି ଚାଲନ୍ତୁ, ବିଭିନ୍ନ ବାଧା ପ୍ରତିବନ୍ଧକରୁ ଶିକ୍ଷା ନିଶ୍ଚିନ୍ତ ମିଳିବ। ଆଜିକାଲି ତ କେହି ଶ୍ରୋତା ନାହାଁନ୍ତି ସମସ୍ତେ ବକ୍ତା ହେବା ପାଇଁ ବ୍ୟସ୍ତ। ଗିରିଜା ବାବୁଙ୍କ ରଚିତ ଅତ୍ୟନ୍ତ ଲୋକପ୍ରିୟ ଓ ବହୁଳ ପୁର୍ନମୁଦ୍ରିତ ପୁସ୍ତକ ଗୁଡ଼ିକ ହେଉଛି 'ଭାରତ ବର୍ଷ', 'ଶୀତ ଶୀର୍ଷକ', 'କାଲିର କବିତା', 'ଉତ୍ତର ମେଘ', 'ନୀଳ ନିର୍ବାଣ', 'ପାଦ ପୂରଣ', 'କାବ୍ୟ ପୁରୁଷ', 'ଚର୍ଯ୍ୟା ଚୟନ', 'ଚତୁର୍ଦ୍ଦଶୀର ଚନ୍ଦ୍ର' ପ୍ରମୁଖ।




ଏଯାବତ୍ ତାଙ୍କ ଲେଖିବା ସମୟକୁ ଦେଖିଲେ ଅର୍ଥାତ୍ ୧୯୭୬ରୁ ୨୦୨୬ ଯାଏ ପାଖାପାଖି ଅର୍ଦ୍ଧଶତାବ୍ଦୀର ଖଣ୍ଡ ସମୟ ଭିତରେ ସେ ଓଡ଼ିଆ ସାହିତ୍ୟ ଜଗତକୁ ୧୫ଟି କାବ୍ୟକୃତୀ ପ୍ରଦାନ କରିଛନ୍ତି। ତାଙ୍କର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ଓଡ଼ିଆରେ ସନେଟ୍ ସାହିତ୍ୟର ସେ ହେଉଛନ୍ତି ଧାରା ପ୍ରବର୍ତ୍ତକ ଓ ସ୍ରଷ୍ଟା। ସେ ଏହି ସନେଟ ସାହିତ୍ୟ ସୃଷ୍ଟିରେ ଯେତିକି ପ୍ରଭାବଶାଳୀ ସେତିକି ସିଦ୍ଧହସ୍ତ ଓ ସେତିକି ସ୍ୱୀକୃତ ଓ ସ୍ମରଣୀୟ ମଧ୍ୟ। ୨୦୦୬ ମସିହାରେ ତାଙ୍କ ପାଠକୀୟ ବହୁଳ କବିତା ସଂକଳନ 'ଭାରତ ବର୍ଷ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଗୌରବ ପାଇଥିଲା। ଗିରିଜା ବାବୁଙ୍କ ଏହି କୃତୀ ବିମଣ୍ଡିତ ଗୌରବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡ଼ିଆ ସାହିତ୍ୟ ବିଭାଗର ଆବାହକ ବିଶିଷ୍ଟ କଥାକାର ଡକ୍ଟର ଗୌରହରି ଦାସ ତାଙ୍କୁ ଶୁଭେଚ୍ଛା ଜଣାଇ ଯାହା କହିଛନ୍ତି ତାହା ଉଦ୍ଧୃତ କରୁଛୁ - 'ଓଡ଼ିଆ ଶବ୍ଦ ଭଣ୍ଡାରର ପ୍ରାଚୁର୍ଯ୍ୟ କବି ବଳୀୟାର ସିଂଙ୍କ କବିତାରେ ଦୃଶ୍ୟମାନ ହୋଇଥାଏ। କବିତାରେ ସାଙ୍ଗିତିକତା ଏବଂ ଭାବ ସାନ୍ଦ୍ରତା ସୃଷ୍ଟି କ୍ଷେତ୍ରରେ ସେ ଅଦ୍ୱିତୀୟ ଶବ୍ଦ ସ୍ଥାପତି।' ଆମ ତରଫରୁ ଓଡ଼ିଆ ସାହିତ୍ୟ ଜଗତର ଏହି ଉଜ୍ଜ୍ୱଳତମ ସାରସ୍ୱତ ସାହିତ୍ୟ ସ୍ରଷ୍ଟାଙ୍କୁ ଢ଼େର ଶୁଭେଚ୍ଛା।

**ବାଦଲ ଭୂୟାଁ**
**ମୋ : ୭୪୮୮୯୯୮୫୩୨**

ନିତିଦିନ NITIDIN

**ଆଜିର ମ୍ୟାଚ୍**

| | |
|---|---|
| ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପର୍‌ଜାଏଣ୍ଟ୍ସ | ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଚେନ୍ନାଇ ସୁପରକିଙ୍ଗ୍ସ |
| ସମୟ: ଅପରାହ୍ଣ ୩.୩୦, ସ୍ଥାନ: ହାଇଦ୍ରାବାଦ | ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ବେଙ୍ଗାଲୁରୁ |

### ସୂର୍ଯ୍ୟଙ୍କ ଅର୍ଦ୍ଧଶତକ ବେକାର, ଇମ୍ପାକ୍ଟ ପ୍ଲେୟାର ରିଜ୍‌ଭିଙ୍କ ବିସ୍ଫୋରକ ୯୦ ରନ୍

# ଦିଲ୍ଲୀଠୁ ୬ ୱିକେଟ୍‌ରେ ହାରିଲା ମୁମ୍ବାଇ

**ନୂଆଦିଲ୍ଲୀ, ୪।୪/ଏଜେନ୍ସି:** ଶନିବାର ଆଇପିଏଲ୍-୨୦୨୬ ସଂସ୍କରଣର ଅଷ୍ଟମ ମ୍ୟାଚ୍ ଦିଲ୍ଲୀସ୍ଥିତ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ମଧ୍ୟରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଚମତ୍କାର ପ୍ରଦର୍ଶନ କରି ମୁମ୍ବାଇ ଇଣ୍ଡିଆନ୍ସକୁ ୬ ୱିକେଟ୍‌ରେ ପରାସ୍ତ କରିବା ସହ ଚଳିତ ସିଜନ୍‌ରେ ଲଗାତାର ଦ୍ୱିତୀୟ ବିଜୟରୁ ୪ ପଏଣ୍ଟ ହାସଲ କରି ଟେବୁଲ୍‌ର ଶୀର୍ଷକୁ ଉନ୍ନୀତ ହୋଇଛି। ମୁମ୍ବାଇ ପକ୍ଷରୁ ମିଳିଥିବା ୧୬୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ଟିମ୍ ୧୮.୧ ଓଭରରେ ମାତ୍ର ୪ଟି ୱିକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରିନେବାର ସଫଳ ହୋଇଛି। ଦିଲ୍ଲୀ ପାଇଁ ସମୀର ରିଜ୍‌ଭି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୫୧ଟି ବଲ୍ ଖେଳି ୯୦ ରନ୍ କରିଥିଲେ, ଯେଉଁଥିରେ ୭ଟି ଚୌକା ଏବଂ ୭ଟି ଛକା ସାମିଲ ରହିଛି। ସମୀର ରିଜଭି 'ଇମ୍ପାକ୍ଟ ପ୍ଲେୟାର' ଭାବେ ଆସି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ପାଥୁମ ନିସାଙ୍କ (୪୪ ରନ୍) ଏବଂ ଡେଭିଡ୍ ମିଲର୍ (ଅପରାଜିତ ୨୧ ରନ୍) ତାଙ୍କୁ ସହଯୋଗ କରିଥିଲେ। ଦିଲ୍ଲୀ ୧୧ଟି ବଲ୍ ବାକି ଥାଇ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଛି।

ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅନ୍ୟପକ୍ଷେ ବ୍ୟାଟିଂ ଆହ୍ୱାନ ପାଇଁ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ଇଣ୍ଡିଆନ୍ସ କିନ୍ତୁ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ସ୍କୋର ୧୮ ରନ୍ ଥିବା ବେଳେ ପ୍ରଥମ ୱିକେଟ୍ ଭାବେ ରାୟାନ୍ ରିକେଲ୍‌ଟନ୍ (୯ ରନ୍) କ୍ୟାଚ୍ ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ।



ସେହିପରି ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ୍ ତିଳକ ବର୍ମା ମଧ୍ୟ ଖାତା ଖୋଲିପାରିନଥିଲେ ଏବଂ ୨ୟ ୱିକେଟ୍ ଭାବେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ଯଦିଓ ରୋହିତ୍ ଶର୍ମା କିଛି ମାତ୍ରାରେ ଦଳର ସ୍ଥିତିକୁ ମଜବୁତ୍ କରିବାକୁ ଚେଷ୍ଟା କରିଥିଲେ ସେ କିନ୍ତୁ ବ୍ୟକ୍ତିଗତ ୩୫ ରନ୍ ହିଁ କରିପାରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସର ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଅସୁସ୍ଥତା କାରଣରୁ ଆଜି ଖେଳିନଥିଲେ। ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବ ଦଳର ନେତୃତ୍ୱ ନେଇଥିବା ବେଳେ ଆଜିର ମ୍ୟାଚ୍‌ରେ ସେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସୂର୍ଯ୍ୟକୁମାର ୩୬ଟି ବଲ୍‌ରୁ ୫୧ ରନ୍ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଦଳ ପାଇଁ ନମନ ଧୀର ୨୮ ରନ୍‌ର ଅବଦାନ ଦେଇଥିଲେ। ରଦରଫୋର୍ଡ (୫ରନ୍) ମଧ୍ୟ ଶୀଘ୍ର ଆଉଟ୍ ହୋଇଯାଇଥିଲେ। ମିଚେଲ୍ ସାଣ୍ଟନର ଏବଂ କୋରବିନ୍ ବୋସ୍ ଯଥାକ୍ରମେ ୧୮ ଏବଂ ୧୧ ରନ୍ କରି ଅପରାଜିତ ରହିଥିଲେ। ଯାହାଫଳରେ ମୁମ୍ବାଇ ୨୦ ଓଭର ଶେଷ ସୁଦ୍ଧା ୬ ୱିକେଟ୍ ହରାଇ ୧୬୨ ରନ୍ କରିପାରିଥିଲା। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲ୍ ମାତ୍ର ୨୨ ରନ୍ ଦେଇ ରୋହିତ ଶର୍ମାଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ। ତେବେ ଆଜିର ଏହି ପରାଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ଦୁଇଟି ମ୍ୟାଚ୍‌ରୁ ଗୋଟିଏ ଜିତି ଟେବୁଲ୍‌ର ଷଷ୍ଠ ସ୍ଥାନରେ ରହିଛି।

### ଧ୍ରୁବ୍ ଏବଂ ଯଶସ୍ୱୀଙ୍କ ଅର୍ଦ୍ଧଶତକ, ରବି ବିଷ୍ଣୋଇଙ୍କୁ ୪ ୱିକେଟ୍

# ଲଢ଼ିଲା ଟାଇଟନ୍ସ, ୬ ରନ୍‌ରେ ଜିତିଲା ରାଜସ୍ଥାନ

**ନୂଆଦିଲ୍ଲୀ, ୪।୪/ଏଜେନ୍ସି:** ଶନିବାର ଆଇପିଏଲ୍-୨୦୨୬ ସଂସ୍କରଣର ୯ମ ମ୍ୟାଚ୍ ଅହମଦାବାଦ୍ ସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ମ୍ୟାଚ୍ ଶେଷଆଡକୁ ନେଲ୍ ବାଇଟିଂ ମ୍ୟାଚ୍‌ର ରୂପ ନେଇଥିଲା। ତେବେ ଆଜିର ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଲଢୁଆ ପ୍ରଦର୍ଶନ କରିବା ସତ୍ତ୍ୱେ ରାଜସ୍ଥାନ ରୟାଲ୍ସ ଠାରୁ ୬ ୱିକେଟ୍‌ରେ ପରାସ୍ତ ହୋଇଛି। ନିୟମିତ ଅଧିନାୟକ ଶୁଭମନ୍ ଗିଲ୍‌ଙ୍କ ଅନୁପସ୍ଥିତି ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା। ଗିଲ୍‌ଙ୍କ ସ୍ଥାନରେ ରସିଦ୍ ଖାନ୍ ଗୁଜରାଟର ନେତୃତ୍ୱ ସମ୍ଭାଳିଥିଲେ।

ଶନିବାର ଖେଳାଯାଇଥିବା ୨ୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ, ଗୁଜରାଟ ଟାଇଟନ୍ସକୁ ୬ ରନ୍ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଥିଲା। ରାଜସ୍ଥାନ ରୟାଲ୍ସ ପକ୍ଷରୁ ଧ୍ରୁବ ଜୁରେଲ୍ ୪୨ ବଲ୍‌ରୁ ସର୍ବାଧିକ ୭୫ ରନ୍‌ର ଇନିଂସ ଖେଳିଥିଲେ। ସେହିପରି ଓପନର ଯଶସ୍ୱୀ ଜୟସୱାଲ୍ ୫୫ ରନ୍ (୩୬ ବଲ୍) ଏବଂ ୧୫ ବର୍ଷୀୟ ଷ୍ଟାର କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୮ ବଲ୍‌ରୁ ୩୧ ରନ୍‌ର ପାଳି ଖେଳିଥିଲେ। ଏମାନଙ୍କ ବ୍ୟତୀତ ରାଜସ୍ଥାନର ଅନ୍ୟ କୌଣସି ଖେଳାଳି ସେପରି ଆଖିଦୃଶିଆ ପ୍ରଦର୍ଶନ କରିପାରିନଥିଲେ। ଯାହାଫଳରେ ଦଳ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୨୧୦ ସଂଗ୍ରହ କରିପାରିଥିଲା। ଫଳରେ ଗୁଜରାଟ ଟାଇଟନ୍ସ ପାଇଁ ୨୧୧ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା।



ଗୁଜରାଟ ଟାଇଟନ୍ସର ଓପନର ସାଇ ସୁଦର୍ଶନ ୪୪ ବଲ୍‌ରେ ୭୩ ରନ୍‌ର ପାଳି ଖେଳି ଦଳକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ ମଧ୍ୟ ପରେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ସେହିପରି କୁମାର କୁଶାଗ୍ରା ୧୮ ରନ୍ କରି ଆଉଟ୍ ହୋଇଯାଇଥିଲେ। ୨ୟ ୱିକେଟ୍ ଭାବେ ସାଇ ସୁଦର୍ଶନ ଆଉଟ୍ ହେବା ବେଳକୁ ଗୁଜରାଟ ଟାଇଟନ୍ସ ୧୦.୪ ଓଭର ସୁଦ୍ଧା ୧୦୭ ରନ୍ କରିନେଇଥିଲା। ପଡ଼ିଆକୁ ଆସିଥିବା ଗ୍ଲେନ୍ ଫିଲିପ୍ସ ଏବଂ ୱାଶିଂଟନ୍ ସୁନ୍ଦର ମଧ୍ୟ ଆଜିଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଉଭୟ ଯଥାକ୍ରମେ ୩ ଓ ୪ ରନ୍ କରି ପାଭିଲିୟନ୍ ଫେରିଛନ୍ତି। ତେବେ ଜୋସ୍ ବଟଲର ସାମାନ୍ୟ ଦଳୀୟ ସ୍ଥିତିକୁ ମଜବୁତ୍ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବ୍ୟକ୍ତିଗତ ୨୬ ରନ୍ କରି ସେ ମଧ୍ୟ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ଗୁଜରାଟକୁ ଜିତିବା ପାଇଁ ଶେଷ ୬ ଓଭରରେ ୧୧.୦୦ ରନ୍ ରେଟ୍ ହିସାବରେ ୬୬ ରନ୍‌ର ଆବଶ୍ୟକତା ରହିଥିବା ବେଳେ ଦଳର ଦୁଇ ନିର୍ଭରଯୋଗ୍ୟ ଖେଳାଳି ରାହୁଲ ତେୱାତିଆ ଏବଂ ଏମ୍ ଶାହରୁଖ୍ ଖାନ୍ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ଉଭୟ ଯଥାକ୍ରମେ ୧୨ ଏବଂ ୧୧ ରନ୍ କରି ଆଉଟ୍ ହୋଇଯାଇଥିଲେ। କିନ୍ତୁ ରସିଦ୍ ଖାନ୍‌ଙ୍କ ୧୬ ବଲ୍‌ରୁ ୨୪ ରନ୍ ଏବଂ କାଗିସୋ ରବାଡାଙ୍କ ଗୁରୁତ୍ୱପୂର୍ଣ୍ଣ ୨୩ ରନ୍ ଦଳକୁ ବିଜୟର ଦ୍ୱାରଦେଶ ପର୍ଯ୍ୟନ୍ତ ନେଇଯାଇଥିଲା। କିନ୍ତୁ ବିଜୟ ପାଇଁ ମାତ୍ର ୭ରନ୍ ର ଆବଶ୍ୟକତା ଥିବା ବେଳେ ରସିଦ୍ ଖାନ୍ ଆଉଟ୍ ହୋଇଯାଇଥିଲେ। ଏହାପରେ ଦଳ ଶେଷ ୨/୩ ବଲ୍‌ରେ କେବଳ ୧ ରନ୍ ହିଁ ସଂଗ୍ରହ କରିପାରିଥିଲା। ରାଜସ୍ଥାନ ରୟାଲ୍ସ ପକ୍ଷରୁ ରବି ବିଷ୍ଣୋଇ ୪ଟି ୱିକେଟ୍ ନେଇ ଗୁଜରାଟକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ।

### 'ୱାର୍ଲ୍ଡ ଆର୍ଚେରୀ ପାରା ସିରିଜ୍'

# ଓଡ଼ିଶାର ପାୟଲ ନାଗ ଜିତିଲେ ସ୍ୱର୍ଣ୍ଣ

**ବ୍ୟାଙ୍କକ(ଥାଇଲାଣ୍ଡ), ୪।୪/ଏଜେନ୍ସି:** ଦେଶ ଏବଂ ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି ଓଡ଼ିଆ ଝିଅ ପାୟଲ ନାଗ। 'ୱାର୍ଲ୍ଡ ଆର୍ଚେରୀ ପାରା ସିରିଜ୍'ର ମହିଳା ପାରା କମ୍ପାଉଣ୍ଡ ଫାଇନାଲରେ ସେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପାୟଲଙ୍କ ଏହି ସଫଳତା ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ତେବେ ସ୍ୱର୍ଣ୍ଣ ପଦକ ପାଇଁ ଦୁଇ ଭାରତୀୟ ଖେଳାଳି ପରସ୍ପର ସହ ଆମ୍ନାସାମ୍ନା ହୋଇଥିଲେ। ଏହି ରୋମାଞ୍ଚକର ପ୍ରତିଯୋଗିତାରେ, ପାୟଲ ନାଗ ଭାରତର ଅନ୍ୟତମ ଷ୍ଟାର ପାରାଅଲିମ୍ପିକ୍ ପଦକ ବିଜେତା ଶୀତଲ ଦେବୀଙ୍କୁ ପରାସ୍ତ କରିବାରେ ସଫଳ ହୋଇଛନ୍ତି। ଫଳରେ ଶୀତଲ ଦେବୀଙ୍କୁ ରୌପ୍ୟରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଦିନକ ପୂର୍ବରୁ ପାୟଲ ଏବଂ ଶୀତଲଙ୍କ ଯୋଡି ସ୍ୱର୍ଣ୍ଣ ପଦକ ଜିତିଥିଲେ।



ଫାଇନାଲ ମ୍ୟାଚ୍‌ରେ ଉଚ୍ଚସ୍ତରୀୟ ପ୍ରତିଯୋଗିତା ହୋଇଥିଲା, ପାୟଲ ୧୩୯-୧୩୬ ସ୍କୋର ସହିତ ବିଜୟୀ ହୋଇଥିଲେ, ଯାହା ତାଙ୍କର ଅସାଧାରଣ ଦକ୍ଷତା, ଧ୍ୟାନ ଏବଂ ଦୃଢ଼ତାକୁ ପ୍ରଦର୍ଶନ କରିଥିଲା। ପାୟଲ ନାଗ୍‌ଙ୍କ ଏହି ଉଲ୍ଲେଖନୀୟ ସଫଳତା ଅନ୍ତର୍ଜାତୀୟ ପାରା ତୀରନ୍ଦାଜୀରେ ପାୟଲ ନାଗଙ୍କ ଉତ୍ସର୍ଗତା ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ପ୍ରଦର୍ଶିତ କରୁଛି। ତାଙ୍କର ସଫଳତା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ପାରା କ୍ରୀଡାରେ ଭାରତର ବର୍ଦ୍ଧିତ ପ୍ରାଧାନ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ସେହିପରି ଉଭୟ ଖେଳାଳିଙ୍କ ପ୍ରଦର୍ଶନ ବିଶ୍ୱସ୍ତରରେ ଭାରତୀୟ ପାରା ତୀରନ୍ଦାଜୀର ଶକ୍ତି ଏବଂ ଗଭୀରତାକୁ ପ୍ରତିଫଳିତ କରୁଥିବା ବେଳେ ସାରା ଦେଶରେ

**ରୌପ୍ୟରେ ସନ୍ତୁଷ୍ଟ ରହିଲେ ଶୀତଲ ଦେବୀ**

ଆକାଂକ୍ଷୀ ଖେଳାଳିମାନଙ୍କ ପାଇଁ ପ୍ରେରଣା ଭାବରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ସମଗ୍ର କ୍ରୀଡ଼ା ସମାଜ ପାୟଲ ନାଗଙ୍କୁ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ଶୀତଲ ଦେବୀଙ୍କୁ ତାଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ପ୍ରଶଂସା କରୁଛି। ଆଗାମୀ ଦିନରେ ଏହି ଦୁଇ ଖେଳାଳି ଦେଶ ପାଇଁ ଆହୁରି ଅନେକ ସଫଳତା ଆଣନ୍ତୁ, ଏହା ହିଁ କାମନା।

### ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ତୃତୀୟ କ୍ୱାର୍ଟର୍ ଫାଇନାଲ୍‌ରେ ପାରାମାଉଣ୍ଟ୍ ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୪।୪/ଏନ୍‌ଏନ୍‌ଏସ୍:** ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ପାରାମାଉଣ୍ଟ୍ ସ୍ପୋର୍ଟିଂ ଏବଂ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପାରାମାଉଣ୍ଟ୍ ସ୍ପୋର୍ଟିଂ ପକ୍ଷରୁ ୧୬୫ ରନ୍‌ର ବିଜୟ ଲକ୍ଷ୍ୟ ଦିଆଯାଇଥିବା ବେଳେ ଓସ୍କାର ସ୍ପୋର୍ଟିଂ କିନ୍ତୁ ମାତ୍ର ୪୩ ରନ୍ ହିଁ କରିପାରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା ପାରାମାଉଣ୍ଟ ସ୍ପୋର୍ଟିଂ। ନିର୍ଦ୍ଧାରିତ ୩୦ ଓଭରରେ ୯ ଗୋଟି ୱିକେଟ ହରାଇ ଦଳ ୧୬୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସ୍ମଲ ୩୫ବଲ୍‌ରୁ ୪୫ ରନ୍, ସ୍ୱାଗତ ମିଶ୍ର ୨୮ ବଲ୍‌ରୁ ୨୮ ରନ୍ ସଂଗ୍ରହ କରିଥିଲେ, ଓସ୍କାର




ସ୍ପୋର୍ଟିଂର ବୋଲର ଲୋକେଶ କୁମାର, କୌଶିକ ଦତ୍ତ ଓ ଅର୍ଯ୍ୟବିର ଲେଙ୍କା ପ୍ରତ୍ୟେକ ୨ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଅନ୍ୟପକ୍ଷେ ୧୬୫ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଓସ୍କାର ସ୍ପୋର୍ଟିଂ ଦଳ ୧୪.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୪୩ ରନ କରିବାକୁ ସକ୍ଷମ ହୋଇଥିଲା। ପାରାମାଉଣ୍ଟ ପକ୍ଷରୁ ସ୍ୱାଗତ ମିଶ୍ର ଓ ଏମ୍‌ଡି ଶହଜାଇଁ ଆଲମ୍ ୪ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ୧୨୧ ରନ୍‌ର ଏକ ବିଶାଳ ବ୍ୟବଧାନରେ ପାରାମାଉଣ୍ଟ ସ୍ପୋର୍ଟିଂ ଦଳ ବିଜୟ ଲାଭ କରି ତୃତୀୟ ଦଳ ଭାବରେ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ସ୍ୱାଗତ ମିଶ୍ର ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବରେ ପୀୟୁଷ ମହାନ୍ତି (ମେଟ୍ରୋ ଗ୍ରୁପ ଅଧକ୍ଷ) ପ୍ରକାଶ କୁମାର ଜେନା(ପୂର୍ବତନ କ୍ରିକେଟ୍ ଖେଳାଳୀ), ସତ୍ୟବ୍ରତ ମହାପାତ୍ର (ଓସିଏ ଅମ୍ପାୟାର୍ ଓ ଆଇନଜିବି) ଅତିଥି ଭାବରେ ଯୋଗଦାନ କରିଥିଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସଭ୍ୟ, ବିନୋଦ ବାରିକ, କୋଷାଧକ୍ଷ, ଜଗମୋହନ ସ୍ୱାଇଁ, ସହ - ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଓ ଉପସଭାପତି, ବହ୍ଲବ୍ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶ ବିଦେଶ

### ପାକିସ୍ତାନ ଉପରେ ଚଡ଼କ: ଋଣ ଅର୍ଥ ଫେରସ୍ତ ମାଗିଲା ୟୁଏଇ

# ୩.୫ ବିଲିଅନ୍ ଡଲାର ଶେହବାଜ୍ ଆଣିବେ କେଉଁଠୁ ?

**ଇସଲାମାବାଦ୍, ଆବୁଧାବି, ୪।୪/ଏଜେନ୍ସି:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ପାକିସ୍ତାନକୁ ଋଣ ସୂତ୍ରରେ ଦେଇଥିବା ୩.୫ ବିଲିଅନ ଡଲାର (ପ୍ରାୟ ୨୯,୦୦୦ କୋଟି ଟଙ୍କା) ଚଳିତ ମାସ ଶେଷ ସୁଦ୍ଧା ଫେରସ୍ତ କରିବାକୁ କହିଛି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପାଇଁ ଏବେ ଏହା ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଅତ୍ୟଧିକ ଋଣ ତଥା ଆର୍ଥିକ ଦୂରାବସ୍ଥାରେ ଥିବା ପାକିସ୍ତାନ ଏବେ ଏହି ଅର୍ଥ ଏତେ କମ୍ ସମୟ ମଧ୍ୟରେ କେଉଁଠୁ ଯୋଗାଡ କରିବ ତାହା ହିଁ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ମଧ୍ୟସ୍ଥି ସାଜିବାକୁ ଆପଣାଛାଏ ଚେଷ୍ଟା କରୁଥିବା ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ପାଇଁ ଏବେ ବିଷମ ପରିସ୍ଥିତି ଉପୁଜି ହୋଇଛି। ରିପୋର୍ଟ ଅନୁସାରେ ଆବୁଧାବି ପକ୍ଷରୁ ଏହି ଅର୍ଥ ତୁରନ୍ତ ଫେରସ୍ତ କରିବାକୁ ପାକିସ୍ତାନ ଉପରେ ଚାପ ପକାଯାଉଛି।

ପାକିସ୍ତାନର ଜଣେ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି ଯେ ଦେଶର 'ରାଷ୍ଟ୍ରୀୟ ମର୍ଯ୍ୟାଦା' ରକ୍ଷା କରିବା ପାଇଁ ସେମାନେ ଏହି ଋଣ ପରିଶୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏହି ଅର୍ଥ କେଉଁଠୁ ଓ କିପରି ବ୍ୟବସ୍ଥିତ କରାଯିବ ସେନେଇ ଚିନ୍ତା ରହିଛି। ତେବେ ପାକିସ୍ତାନ ପକ୍ଷରୁ ଏହାକୁ ୩ଟି କିସ୍ତିରେ ଅର୍ଥାତ୍ ଏପ୍ରିଲ୍ ୧୧ ତାରିଖରେ ୪୫୦ ମିଲିଅନ୍, ୧୭ ତାରିଖରେ ୨ ବିଲିଅନ୍ ଏବଂ ୨୩ ତାରିଖରେ ବାକି ୧ ବିଲିଅନ୍ ଡଲାର ଅର୍ଥ ୟୁଏଇକୁ ପୈଠ କରିବା ପାଇଁ ଶେହବାଜ୍ ଏବଂ ତାଙ୍କ ସରକାର ଏବେ ଲାଗିପଡ଼ିଛନ୍ତି। ପାକ୍ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କର ୧୬.୪ ବିଲିଅନ ଡଲାର ବୈଦେଶିକ ମୁଦ୍ରା ସଂରକ୍ଷଣରୁ ପାଣ୍ଠି ସଂଗ୍ରହ କରିବା ନେଇ ବ୍ୟବସ୍ଥା କରାଯାଉଛି। ପ୍ରକାଶ, ପାକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ବର୍ତ୍ତମାନ ପ୍ରାୟ ୧୬.୩ ବିଲିଅନ ଡଲାର ରହିଛି। ଯଦି ପାକିସ୍ତାନ ଏଠାରୁ ଅର୍ଥ କାଢ଼ିବ ତେବେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ପ୍ରାୟ ୧୮% ପର୍ଯ୍ୟନ୍ତ ହ୍ରାସ ପାଇବ, ଯାହାକି ପାକିସ୍ତାନର ଦେବାଳିଆ ଅର୍ଥବ୍ୟବସ୍ଥାକୁ ଆହୁରି ଖରାପ କରିଦେବ।

ବିଶେଷଜ୍ଞଙ୍କ ଅନୁସାରେ, ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ଇରାନ ମଧ୍ୟରେ ବଢୁଥିବା ତିକ୍ତତା ଏବଂ ଯୁଦ୍ଧ ପରିସ୍ଥିତି ଯୋଗୁଁ ୟୁଏଇ ନିଜର ଆର୍ଥିକ ସ୍ଥିତିକୁ




ସୁଦୃଢ଼ ରଖିବା ପାଇଁ ଏହି ଟଙ୍କା ଫେରସ୍ତ ମାଗିଛି। ଅନ୍ୟପକ୍ଷେ ପାକିସ୍ତାନକୁ ଏଭଳି ସମୟରେ ଅନ୍ୟ କୌଣସି ଦେଶ କିମ୍ବା ଅନ୍ତର୍ଜାତୀୟ ସଂଗଠନ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଆଗ୍ରହ ଦେଖାଇବେ ନାହିଁ। ପାକିସ୍ତାନ ପୂର୍ବରୁ ଏହି ଋଣର ଅବଧି ବଢ଼ାଇବା ପାଇଁ ଅନୁରୋଧ କରିଥିଲା, କିନ୍ତୁ ୟୁଏଇ ଏଥିରେ ସମ୍ମତି ପ୍ରକାଶ କରିନାହିଁ। ଏହାଦ୍ୱାରା ପାକିସ୍ତାନୀ ମୁଦ୍ରାର ମୂଲ୍ୟ ଆହୁରି କମିବା ସହ ଦେଶରେ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା କରାଯାଉଛି। ଏପରିକି ପାକିସ୍ତାନରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ମଧ୍ୟ ଅହେତୁକ ବୃଦ୍ଧି ଘଟିଛି। ସ୍ଥିତି ଏବେ ଏପରି ହୋଇଛି ଯେ, ପାକିସ୍ତାନ ସରକାରରେ ମନ୍ତ୍ରୀ ତଥା ସାଂସଦମାନେ ସେମାନଙ୍କ ଦରମାକୁ ମଧ୍ୟ ବର୍ତ୍ତମାନ ସମୟରେ ନନେବା ପାଇଁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

# କେଦାରନାଥରେ ପ୍ରବଳ ତୁଷାରପାତ, ଅଟଳ ଟନେଲ୍ ବନ୍ଦ

### ୟୁପିରେ ବଜ୍ରପାତ ଯୋଗୁଁ ୫ ମୃତ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କୁଆପଥର ବର୍ଷା

**ଭୋପାଳ/ଲକ୍ଷ୍ନୌ/ସିମ୍‌ଲା/ଡେରାଡୁନ୍, ୪।୪/ଏଜେନ୍ସି:** ଗ୍ରୀଷ୍ମ ଋତୁରେ ଦେଶର ଉତ୍ତର ଏବଂ ପଶ୍ଚିମ ରାଜ୍ୟଗୁଡ଼ିକରେ ଭୀଷଣ ବର୍ଷା ସାଙ୍ଗକୁ କୁଆପଥର ଏବଂ ତୁଷାରପାତ ଜାରି ରହିଛି। ଶନିବାର ଦୀର୍ଘ ସମୟ ଧରି ତୁଷାରପାତ ହେବା ଫଳରେ ସମଗ୍ର କେଦାରନାଥ ଅଞ୍ଚଳରେ ବରଫର ଏକ ଧଳା ଆସ୍ତରଣ ଜମିଯାଇଛି। ସେହିପରି ରୋହତଙ୍ଗ ଘାଟି ନିକଟରେ ପ୍ରବଳ ତୁଷାରପାତ ଯୋଗୁଁ ଅଟଳ ଟନେଲ୍ ବନ୍ଦ ହୋଇଯାଇଛି। ଲାହୌଲ-ସ୍ପିତିର ଉଚ୍ଚ ପର୍ବତରେ ମଧ୍ୟ ତୀବ୍ର ତୁଷାରପାତ ଜାରି ରହିଛି। ହିମାଚଳର ରାଜଧାନୀ ସିମଲାରେ ମଧ୍ୟ ଶନିବାର ଏକ ପ୍ରବଳ ଝଡ଼ ସହିତ ହାଲୁକା ବର୍ଷା ହୋଇଥିବା ରିପୋର୍ଟ ମିଳିଛି।

ସେହିପରି ଆଗାମୀ ଦୁଇ ଦିନ (୫-୬ ଏପ୍ରିଲ)ରେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମହାରାଷ୍ଟ୍ର, ପଞ୍ଜାବ, ଦିଲ୍ଲୀ, ହରିଆଣା, ଚଣ୍ଡିଗଡ଼, ବିହାର, କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରା ଆଦି ରାଜ୍ୟରେ ମଧ୍ୟମରୁ ଅତିମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ପାଣିପାଗ ବିଭାଗ ଅନୁସାରେ ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରାଖଣ୍ଡ,

**୧୧ ରାଜ୍ୟରେ ବର୍ଷା ସତର୍କ**

ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ କୁଆପଥର ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ତାମିଲନାଡୁରେ ପ୍ରବଳ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି, ତେଣୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶର ପାଗ ହଠାତ୍ ପରିବର୍ତ୍ତନ ହୋଇଛି। ଶନିବାର ସନ୍ଧ୍ୟାରେ ବେତୁଲ ଏବଂ ଗ୍ୱାଲିୟରରେ ପ୍ରବଳ କୁଆପଥର ବର୍ଷା ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟ



୪୫ ଜିଲ୍ଲାରେ ଝଡ଼ତୋଫାନ ଏବଂ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସିଓନି ଏବଂ ରେୱାରେ ବଜ୍ରପାତ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଅଞ୍ଚଳରେ ଚାଷୀମାନେ ସେମାନଙ୍କ ଅମଳକ୍ଷମ ଫସଲ ହରାଇଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ରାଜସ୍ଥାନର ଜୈସଲମେର ଏବଂ ବିକାନେର ମରୁଭୂମି ଜିଲ୍ଲାଗୁଡ଼ିକରେ ପ୍ରବଳମାତ୍ରା କୁଆପଥର ବର୍ଷା ହୋଇଥିଲା। ଆଜମେର ଏବଂ ବେୱାରରେ ଝଡ଼ ଗଛ ଉପୁଡ଼ି ପକାଇଲା ଏବଂ ଟିଣ ସେଡ୍ ଉଡ଼ାଇ ଦେଇଥିଲା। ଆଗାମୀ ତିନି ଦିନ ପାଇଁ ସମାନ ପାଗ ଆଶା କରାଯାଉଛି। ସେହିପରି ଉତ୍ତର ପ୍ରଦେଶର କୋସିକଳା ଶସ୍ୟ ବଜାରରେ ୧୦,୦୦୦ ବସ୍ତାରେ ରଖାଯାଇଥିବା ୫,୦୦୦ କ୍ୱିଣ୍ଟାଲ ଗହମ ବର୍ଷାରେ ଭିଜି ଯାଇଥିଲା। ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ମଧ୍ୟ ସୂଚନା ମିଳିଛି। ଦିଲ୍ଲୀ ଏବଂ ପଞ୍ଜାବ ସମେତ ୧୧ଟି ରାଜ୍ୟରେ ଶନିବାର ପାଇଁ ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି। ପଶ୍ଚିମ ଏବଂ ଉତ୍ତର ଭାଗରେ ଦୁଇଟି ଘୂର୍ଣ୍ଣିବଳୟ ପ୍ରଣାଳୀ ମଧ୍ୟ ରହିଛି।

### ୨୩ରେ ତାମିଲନାଡୁ ବିଧାନସଭା ନିର୍ବାଚନ

# ଏନ୍‌ଡିଏ ଓ ଟିଭିକେ ତୁଳନାରେ ଡିଏମ୍‌କେର ପଲ୍ଲା ଭାରି

**ଚେନ୍ନାଇ, ୪।୪/ଏଜେନ୍ସି:** ୨୩୪ ଆସନ ବିଶିଷ୍ଟ ତାମିଲନାଡୁରେ ଆସନ୍ତା ଏପ୍ରିଲ ୨୩ରେ ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ବହୁପ୍ରତ୍ୟାଶିତ ଦୁଇଟି ପ୍ରାକ୍-ନିର୍ବାଚନ ସର୍ଭେ ରିପୋର୍ଟକୁ ଆଜି ଦିନରେ ସାର୍ବଜନୀନ କରାଯାଇଛି। ତେବେ ଏହି ଦୁଇ ସର୍ଭେ ରିପୋର୍ଟରେ ସମ୍ପ୍ରତି ରାଜ୍ୟରେ କ୍ଷମତାସୀନ ଥିବା ଶାସକ ଦଳ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ପୁଣି ଥରେ ବିଜୟୀ ହେବାର ଅଧିକ ସମ୍ଭାବନା ରହିଥିବା ଦର୍ଶାଯାଇଛି। ଏହି ସର୍ଭେ ମାର୍ଚ୍ଚ ୧ ରୁ ଏପ୍ରିଲ ୧ ମଧ୍ୟରେ ପ୍ରାୟ ୧,୧୭,୦୦୦ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କରାଯାଇଥିଲା। ଲୋକପୋଲ୍ ଏଜେନ୍ସିର ସର୍ଭେ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଏମ୍‌କେ. ଷ୍ଟାଲିନଙ୍କ ନେତୃତ୍ୱାଧୀନ ମେଣ୍ଟ ୧୮୧ରୁ ୧୮୯ଟି ଆସନ ଜିତିପାରେ। ଡିଏମ୍‌କେ ପାଇଁ ଭୋଟ୍ ପ୍ରତିଶତ ୪୦.୧% ରହିବ ବୋଲି ଆକଳନ କରାଯାଇଛି। ସେହିପରି ରାଜ୍ୟରେ ବିରୋଧୀ ଦଳ ଭୂମିକା ନିର୍ବାହ କରୁଥିବା ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ୩୮ରୁ ୪୨ଟି ଆସନ ପାଇପାରେ। ସର୍ଭେ ଅନୁସାରେ ଏନ୍‌ଡିଏ ମେଣ୍ଟକୁ ଅତିବେଶୀରେ ୨୯% ଭୋଟ୍ ମିଳିବାର ସମ୍ଭାବନା ଅଛି। ଅନ୍ୟପକ୍ଷେ ରାଜ୍ୟରେ ନୂଆ ଦଳ ଭାବେ ଉଭା ହୋଇଥିବା ଅଭିନେତା ଥଲାପତି ବିଜୟଙ୍କ ଟିଭିକେ ୨୩.୯% ଭୋଟ୍ ପ୍ରତିଶତ ସହ ୮-୧୦ ଆସନ ଜିତିବ ଏବଂ ଏନ୍‌ଟିକେ ଏବଂ ଅନ୍ୟାନ୍ୟ ଖାତାକୁ ଗୋଟିଏ ବି ଆସନ ଯିବନାହିଁ ବୋଲି ଏଜେନ୍ସି ସର୍ଭେ ରିପୋର୍ଟରେ ଦର୍ଶାଇଛି। ସର୍ଭେ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପଦ ପାଇଁ ଷ୍ଟାଲିନ ହିଁ ସବୁଠାରୁ ପସନ୍ଦ ଯୋଗ୍ୟ ଚେହେରା ଭାବେ ଉଭା ହୋଇଛନ୍ତି, ତାଙ୍କ ପଛକୁ ବିଜୟ ଏବଂ ଏଆଇଏଡିଏମ୍‌କେର ଏଡାପାଡି କେ ପାଲାନିସ୍ୱାମୀ ରହିଛନ୍ତି। ଏଆଇଏଡିଏମ୍‌କେ ଏବଂ ଏନ୍‌ଡିଏ ମଧ୍ୟରେ ମେଣ୍ଟ ଯୋଗୁଁ ସଂଖ୍ୟାଲଘୁ ଭୋଟ୍‌ଗୁଡ଼ିକ ଏବେ ଡିଏମ୍‌କେ ସପକ୍ଷରେ ଏକତ୍ରିତ ହୋଇଛନ୍ତି।

# ସଂସଦର ସ୍ୱତନ୍ତ୍ର ଅଧିବେଶନକୁ କଂଗ୍ରେସର ସମାଲୋଚନା

**ନୂଆଦିଲ୍ଲୀ,୪।୪/ଏଜେନ୍ସି:** ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବାକୁ ତଥା ମହିଳା ସଂରକ୍ଷଣ ବିଲ୍ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଏପ୍ରିଲ ୧୬ରୁ ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। କଂଗ୍ରେସ ଏହାକୁ ନିର୍ବାଚନ ଆଚରଣ ସଂହିତାର ଉଲ୍ଲଙ୍ଘନ ବୋଲି କହିଛି। କଂଗ୍ରେସ ଅଭିଯୋଗ କରିଛି ଯେ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ନିର୍ବାଚନ ପୂର୍ବରୁ ରାଜନୈତିକ ଫାଇଦା ହାସଲ କରିବା ପାଇଁ ସରକାର ଏହି ଅଧିବେଶନ ଡାକିଛନ୍ତି। ତରବରିଆ ଭାବରେ ସୀମା ନିର୍ଦ୍ଧାରଣ ପାଇଁ ସରକାରଙ୍କ ପ୍ରୟାସ ବିପଜ୍ଜନକ ପରିଣାମ ଆଣିବ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଂସଦ ଜୟରାମ ରମେଶ କହିଛନ୍ତି। ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ନିର୍ବାଚନକୁ ପ୍ରଭାବିତ କରି ରାଜନୈତିକ ଲାଭ ହାସଲ କରିବା ଏହି ଅଧିବେଶନ ଡାକିବାର ଏକମାତ୍ର ଉଦ୍ଦେଶ୍ୟ ବୋଲି ରମେଶ କହିଛନ୍ତି। ଏହି ସ୍ୱତନ୍ତ୍ର ଅଧିବେଶନକୁ ୧୫ ଦିନ ପରେ ମଧ୍ୟ ଡକାଯାଇପାରିଥାନ୍ତା ବୋଲି ସେ କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra